ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ■ ସଂଖ୍ୟା-୨୫୭ ● କଟକ ● ଗୁରୁବାର ● ୨୩ ଅପ୍ରେଲ୍- ୨୦୨୬ ● ମେଷ- ୨୪ ● ସାଲ୍ ୧୪୩୧
CUTTACK ● THURSDAY ● 23 APRIL-2026 ● RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା


## ବିନା ଡକ୍ୟୁମେଣ୍ଟରେ ଚଳାଉଥିଲେ ସିଜ୍ ହେବ ଗାଡ଼ି



ଭୁବନେଶ୍ୱର : ପିୟୁସିସି ପରେ ଏବେ ନୂଆ ଟେନସନ । କେନ୍ଦ୍ର ସରକାର ରାସ୍ତାରେ ଗଡୁଥିବା ଗାଡିପାଇଁ ଆଣିଛନ୍ତି କ୍ଲାସିଫିକେସନ ବା ବର୍ଗୀକରଣ ନିୟମ । ଗାଡିର ବୀମା କିମ୍ବା ପଲ୍ୟୁସନ୍ ସାର୍ଟିଫିକେଟ୍ ନଥିଲେ ଏଣିକି ବାତିଲ ହୋଇପାରେ ପଞ୍ଜୀକରଣ ସାର୍ଟିଫିକେଟ୍ ବା ଆରସି । ଯଦି ଆପଣ ବିନା କାଗଜପତ୍ର ଥିବା ଗାଡି ରାସ୍ତାରେ ଚଳାଉଥାନ୍ତି, ତେବେ ଆପଣଙ୍କୁ ଗଣିବାକୁ ପଡିପାରେ ବଡ଼ ପରିମାଣର ଜୋରିମାନା । କେନ୍ଦ୍ର ସରକାର ଗତ ଏପ୍ରିଲ ୧ ତାରିଖରେ ସବୁ ରାଜ୍ୟକୁ ଚିଠି ଲେଖି କ୍ଲାସିଫିକେସନ ନିୟମ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିୟମ ଲାଗୁ ହେବା ଦ୍ୱାରା ରାସ୍ତାର ଗଡୁଥିବା ସମସ୍ତ ଗାଡିଗୁଡିକର କ୍ଲାସିଫିକେସନ୍ ବା ବର୍ଗୀକରଣ କରାଯିବ। ଗାଡିର ପଞ୍ଜୀକରଣ ଓ ଫିଟନେସ୍ ଅବଧି, ବୀମା ସ୍ଥିତି ଓ ପ୍ରଦୂଷଣ ସାର୍ଟିଫିକେଟକୁ ଆଧାର କରି ଏହି ବର୍ଗିକରଣ ହେବ। ଏହାଦ୍ୱାରା ରାସ୍ତାରେ ଗଡୁଥିବା ଗାଡ଼ି କେଉଁ ସ୍ଥିତିରେ ରହିଛି ଏବଂ ଏହାର ଆବଶ୍ୟକୀୟ କାଗଜପତ୍ର ଅଛି କି ନାହିଁ ତାହା ଜଣାପଡିବ । ଦୀର୍ଘବର୍ଷ ଧରି ଗାଡିର ପିୟୁସିସି କିମ୍ବା ଇନସୁରାନ୍ସ ନଥାଇ ଗାଡି ଚାଲୁଥିଲେ ତାହା ବାଜ୍ୟାପ୍ତି ହେବ । ଏହି ନିୟମ ଲାଗୁ ହେବା ପରେ ତୁରନ୍ତ ଗାଡିର ସମସ୍ତ ଡକୁମେଣ୍ଟକୁ ଅପଡେଟ୍ କରିବାପାଇଁ ଅନୁରୋଧ କରିଛନ୍ତି ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର।

ତେବେ କେମିତି ଜାଣିବେ କେଉଁ ଗାଡି କେଉଁ ବର୍ଗରେ ରହିବ ? ଏଥିପାଇଁ କଣ ନିୟମ ରହିଛି ? କେନ୍ଦ୍ର ସରକାରଙ୍କ କ୍ଲାସିଫିକେସନ ନିୟମ ଅନୁଯାୟୀ ଆକଟିଭ୍ ନନ୍ କମ୍ପ୍ଲାଏଣ୍ଟ, ଟେମ୍ପରାରୀ ଆର୍କାଇଭ୍, ଆକଟିଭ୍ କମ୍ପ୍ଲାଏଣ୍ଟ ଓ ପରମାନେଣ୍ଟ୍ ଆର୍କାଇଭ୍ ଭଳି ୪ଟି ବର୍ଗରେ ହେବ ଗାଡ଼ିଗୁଡ଼ିକର ବିଭାଗୀକରଣ। ଏହି ନୂଆ ନିୟମ ଲାଗୁ କରିବା ପାଇଁ ବାହନ ପୋର୍ଟାଲରେ ଗାଡ଼ିଗୁଡ଼ିକର ବିଭକ୍ତୀକରଣ କରାଯିବା ସହ ଆବଶ୍ୟକ ପରିବର୍ତ୍ତନ କରାଯିବ। ଅଣବାଣିଜ୍ୟିକ ଗାଡ଼ିଗୁଡ଼ିକ ମଧ୍ୟରେ ୧୫ ବର୍ଷରୁ କମ୍ ଗାଡ଼ିର ପିୟୁସିସି କିମ୍ବା ବୀମା ମଧ୍ୟରୁ କୌଣସି ଗୋଟିଏ ବୈଧତା ନଥିବ ତାହା ଆକ୍ଟିଭ୍ ନନ୍- କମ୍ପ୍ଲାଏଣ୍ଟ ବର୍ଗରେ ଯିବ । ୨ ବର୍ଷରୁ କମ୍ ସମୟ ଧରି ଉଭୟ ପିୟୁସିସି କିମ୍ବା ବୀମା ହୋଇ ନଥିଲେ ତାକୁ ବି ଆକ୍ଟିଭ୍ ନନ୍ -କମ୍ପ୍ଲାଏଣ୍ଟ ବର୍ଗରେ ନିଆଯିବ। ଯଦି ବୀମା କିମ୍ବା ପିୟୁସିସି ଅବଧି ୨ବର୍ଷରୁ ଅଧିକ ଓ ୩ବର୍ଷରୁ କମ୍ ଥାଏ, ତାହାକୁ ଟେମ୍ପରାରି ଆର୍କାଇଭ୍ ଅର୍ଥାତ୍ ଅସ୍ଥାୟୀ ଭାବେ ସଡ଼କ ପାଇଁ ଅନୁପଯୁକ୍ତ ବୋଲି ଧରିନିଆଯିବ। ବୀମା ଓ ପିୟୁସିସି କରିବା ପରେ ସେମାନେ ଆକ୍ଟିଭ୍ କମ୍ପ୍ଲାଏଣ୍ଟ ବର୍ଗକୁ ଆସିଯିବେ।

ପର୍ମାନେଣ୍ଟ ଆର୍କାଇଭ୍ ବର୍ଗ କଣ ?

ଯେଉଁମାନେ ପିୟୁସିସି କିମ୍ବା ବୀମା ୩ବର୍ଷରୁ ଅଧିକ ସମୟ ଧରି କରିନାହାନ୍ତି ସେମାନଙ୍କୁ ପର୍ମାନେଣ୍ଟ ଆର୍କାଇଭ୍ ବର୍ଗରେ ରଖାଯିବ। ଅର୍ଥାତ ସ୍ଥାୟୀ ଭାବେ ସେମାନେ ସଡ଼କକୁ ଆସିବାକୁ ଅନୁପଯୁକ୍ତ ବୋଲି ଧରାଯିବ। ଆଉ ସେମାନଙ୍କ ଆରସି ବାତିଲ ହୋଇଯିବ। କେନ୍ଦ୍ର ସରକାରଙ୍କ ଏହି ନିୟମକୁ ସଡକ ସୁରକ୍ଷା ବିଶେଷଜ୍ଞ ସ୍ୱାଗତ କରିଥିବା ବେଳେ ଗାଡି ଚାଳକ କିନ୍ତୁ ଭିନ୍ନ ମତ ପୋଷଣ କରିଛନ୍ତି । ଥରେ ପରମାନେଣ୍ଟ ଆର୍କାଇଭ୍ ହେଲେ ସେହି ଗାଡ଼ିଗୁଡ଼ିକର ଆର୍ ସି ପୁନଃସ୍ଥାପନ ପାଇଁ ଆର୍ ଟିଓ କିମ୍ବା ପରିବହନ କମିସନରଙ୍କ ମାଧ୍ୟମରେ ଆବେଦନ କରାଯିବ। କେନ୍ଦ୍ରର ଅନୁମୋଦନ ମିଳିଲେ ସଂପୃକ୍ତ ଗାଡ଼ି ପ୍ରଥମେ ଟେମ୍ପରାରି ଆର୍କାଇଭ୍ ବର୍ଗକୁ ଆସିବ ଏବଂ ପରବର୍ତ୍ତୀ ସମୟରେ ଆକ୍ଟିଭ୍ କମ୍ପ୍ଲାଏଣ୍ଟ ବର୍ଗକୁ ଆସିବ। ତେବେ ଓଡ଼ିଶାରେ ୧ କୋଟି ୭୦ ଲକ୍ଷ ଗାଡି ଥିବା ବେଳେ ଏହି ନିୟମ ଦ୍ୱାରା ପ୍ରାୟ ୬୦ ଲକ୍ଷ ଗାଡ଼ି ସ୍କ୍ରାପିଂ ହେବାର ସମ୍ଭାବନା ରହିଛି ।

# ୮ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ



ଭୁବନେଶ୍ୱର: ବୁଧବାର ରାଜ୍ୟ ମନ୍ତ୍ରିମଣ୍ଡଳ (କ୍ୟାବିନେଟ)ର ୩୯ତମ ବୈଠକ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛିକ୍ଷ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେକ୍ଷ ବୈଠକରେ ୮ଟି ବିଭାଗର ୮ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି। ଶିକ୍ଷ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପୂର୍ତ୍ତ(ନିର୍ମାଣ), ବାଣିଜ୍ୟ ଓ ପରିବହନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ପ୍ରତ୍ୟେକ ବିଭାଗରୁ ୧ଟି ଲେଖାଏଁ ପ୍ରସ୍ତାବ ଆଗତ ପୂର୍ବକ ସମସ୍ତ ପ୍ରସ୍ତାବଗୁଡିକ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି।

## ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସ୍ଥାନଗୁଡ଼ିକର ଇଂରାଜୀ ବନାନ ସଂଶୋଧନ ନେଇ ସୂଚନା ଜାରି

ଭୁବନେଶ୍ୱର: ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛିକ୍ଷ ଏହି ପରିପ୍ରେକ୍ଷୀରେ ରାଜ୍ୟସରକାରଙ୍କ ନିଷ୍ପତ୍ତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଓଡ଼ିଶାର ମାନ୍ୟବର ସାଂସଦବୃନ୍ଦ, ଓଡ଼ିଶା ବିଧାନସଭାର ସଚିବଙ୍କ ମାଧ୍ୟମରେ ମାନ୍ୟବର ବିଧାୟିକା/ବିଧାୟକବୃନ୍ଦ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି କ୍ଷ ପ୍ରକାଶ ଥାଉକି, ରାଜସ୍ୱ ଓ ବିପର୍ଯ୍ୟୟ ପରିଳନା ବିଭାଗ ପକ୍ଷରୁ ପୂର୍ବ ପ୍ରକାଶିତ ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ୍ ଏବଂ ବ୍ଲକଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଏବଂ ଜନପ୍ରତିନିଧିମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲାକ୍ଷ ଏହି କ୍ରମରେ ରାଜ୍ୟର ମାନ୍ୟବର ଜନପ୍ରତିନିଧିଗଣ ଏବଂ ସାଧାରଣ ନାଗରିକମାନଙ୍କଠାରୁ ଅନେକ ପ୍ରସ୍ତାବ ଓ ପରାମର୍ଶ ପ୍ରାପ୍ତ ହୋଇଛିକ୍ଷ ପ୍ରାପ୍ତ ହୋଇଥିବା ସମସ୍ତ ପ୍ରସ୍ତାବ ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିଶ୍ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି କ୍ଷ ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧିମାନେ ଏବଂ ଜନସାଧାରଣ ସେମାନଙ୍କର ମତାମତ ତଥା ସୁଚିନ୍ତିତ ପରାମର୍ଶ ଏପ୍ରିଲ୍ ୨୨ ତାରିଖଠାରୁ ଏକ ମାସ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଲୋକସେବା ଭବନ, ଭୁବନେଶ୍ୱର - ୭୫୧୦୦୧ ଠିକଣାରେ ପତ୍ର କିମ୍ବା ଇ-ମେଲ୍ : isbdr-rev.od@od.gov.in ଅଥବା revsec.od@od.gov.in ମାଧ୍ୟମରେ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛ।

## ପ୍ରଫେସନାଲ ଟ୍ୟାକ୍ସ ଉଚ୍ଛେଦ କଲେ ଓଡ଼ିଶା ସରକାର

ଭୁବନେଶ୍ୱର: ରାଜ୍ୟରେ ଦୀର୍ଘ ଅଢ଼େଇ ଦଶନ୍ଧି ଧରି ପ୍ରଚଳିତ 'ପ୍ରଫେସନାଲ ଟ୍ୟାକ୍ସ'କୁ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଉଚ୍ଛେଦ କରିଛନ୍ତି। ସମ୍ବିଧାନର ଧାରା ୨୧୩(୧)ରେ ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ରାଜ୍ୟପାଳ ଏକ ସ୍ୱତନ୍ତ୍ର ଅଧ୍ୟାଦେଶ ବଳରେ ଏହି ପ୍ରଫେସନାଲ ଟ୍ୟାକ୍ସକୁ ଉଚ୍ଛେଦ କରିଛନ୍ତି। ଏପ୍ରିଲ ୨୧ତାରିଖରେ 'ଓଡ଼ିଶା ରାଜ୍ୟ ପ୍ରଫେସନାଲ ଟ୍ୟାକ୍ସ(ଉଚ୍ଛେଦ) ଅଧ୍ୟାଦେଶ-୨୦୨୬' ଗେଜେଟ୍ ବିଜ୍ଞପ୍ତି ଆକାରରେ ପ୍ରକାଶିତ ହୋଇଛି। ଏପଟେ ପିଛିଲା ଭାବେ ଏପ୍ରିଲ ୧ରୁ ଚଳିତ ବାର୍ଷିକ ବଜେଟରେ ଏପ୍ରିଲ ପହିଲାରୁ ଏହି ପ୍ରଫେସନାଲ ଟ୍ୟାକ୍ସ ଉଚ୍ଛେଦ ନେଇ ସରକାର ଘୋଷଣା କରିଥିଲେ। ଏବେ ଏହି ଉଚ୍ଛେଦ ସଂକ୍ରାନ୍ତ ଆଇନକୁ ଅଧ୍ୟାଦେଶ ଆକାରରେ ଲାଗୁ କରାଯାଇଛି। ଏହି ପ୍ରଫେସନାଲ ଟ୍ୟାକ୍ସ ସଂଗ୍ରହ ନକରିବାକୁ ମଧ୍ୟ ଆଜି ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନା ଅନୁସାରେ, ଓଡ଼ିଶା ବିଧାନସଭାର ଅଧିବେଶନ ଏବେ ଚାଲୁ ନଥିବାରୁ, ଭାରତୀୟ ସମ୍ବିଧାନର ଧାରା ୨୧୩ (୧) ଅନୁଯାୟୀ ମିଳିଥିବା କ୍ଷମତା ପ୍ରୟୋଗ କରି ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ପ୍ରଫେସନାଲ ଟ୍ୟାକ୍ସ ଉଚ୍ଛେଦ ଅଧ୍ୟାଦେଶକୁ ଅନୁମୋଦନ କରିଛନ୍ତି। ଆଇନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।ଏହି ନୂଆ ନିୟମ ୨୦୨୬ ଏପ୍ରିଲ ୧ ତାରିଖରୁ ପିଛିଲା ଭାବେ କାର୍ଯ୍ୟକାରୀ ହେବ। ଅର୍ଥାତ୍ ଚଳିତ ଆର୍ଥିକ ବର୍ଷର ଆରମ୍ଭରୁ ହିଁ ପ୍ରଫେସନାଲ ଟ୍ୟାକ୍ସ ବା ବୃତ୍ତି କର ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି।

ରାଜ୍ୟ ସରକାର ଦୀର୍ଘ ବର୍ଷ ଧରି ପ୍ରଚଳିତ ହୋଇ ଆସୁଥିବା 'ଓଡ଼ିଶା ବୃତ୍ତି, ବ୍ୟାପାର, ଜୀବିକା ଓ ନିଯୁକ୍ତି ଉପରେ ଟିକସ' ବା ପ୍ରଫେସନାଲ ଟ୍ୟାକ୍ସକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦେଇଛନ୍ତି। ୨୦୦୦ ମସିହାରୁ ପ୍ରଚଳିତ ଓଡ଼ିଶା ଆକ୍ଟ ୭ ଅନୁଯାୟୀ ଏହି ଟିକସ ଆଦାୟ କରାଯାଉଥିଲା, ଯାହାକୁ ଏବେ ସମ୍ପୂର୍ଣ୍ଣ ରଦ୍ଦ କରିଦିଆଯାଇଛି। ରାଜ୍ୟର ନିଯୁକ୍ତିଦାତା ଓ କର୍ମଚାରୀଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଏହି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି।

## ଆଜି ୪ରାଜ୍ୟରେ ମତଦାନ

ଚନ୍ନାଇ : ତାମିଲନାଡୁରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା ବ୍ୟାପକ ଭାବେର କରାଯାଇଛି। ଗଣତନ୍ତ୍ରର ଏହି ବଡ଼ ପବର୍ରେ ୫.୭୩ କୋଟି ମତଦାତା ଅଂଶଗ୍ରହଣ କରିବେ। ଏହି ନିର୍ବାଚନେର ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ମିଶାଇ ମୋଟ ୪,୬୧୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରଚାର ଅଭିଯାନ ମଙ୍ଗଳବାର ସନ୍ଧ୍ୟା ୬ଟାରେ ସମାପ୍ତ ହୋଇଯାଇଛି। ସମଗ୍ର ତାମିଲନାଡୁରେ ପ୍ରାୟ ୭୫,୦୩୨ଟି ମତଦାନ କେନ୍ଦ୍ର ସ୍ଥାପିତ କରାଯାଇଛି। ଏହାମଧ୍ୟରୁ ୩,୦୨୨ ସ୍ଥାନେର ଅବସ୍ଥିତ ୫,୯୩୮ଟି ମତଦାନ କେନ୍ଦ୍ରକୁ ସେମ୍ବଦନୀଳ ଘୋଷଣା କରାଯାଇଛି। ଏହି କେନ୍ଦ୍ରଗୁଡ଼ିକେର କୌଣସି ଅପ୍ରିୟ ଘଟଣାକୁ ରୋକିବା ପାଇଁ ସସ୍ତ୍ରସଜ୍ଜିତ ଅର୍ଦ୍ଧସାମରିକ ବଳ ଏବଂ ତାମିଲନାଡୁ ବଶେଷ ପୋଲିସ ବଳକୁ ମୁତୟନ କରାଯାଇଛି।

## କଂଗ୍ରେସ ଅଧ୍ୟକ୍ଷଙ୍କୁ ନିର୍ବାଚନ କମିଶନଙ୍କ ନୋଟିସ୍



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆତଙ୍କବାଦୀ ଅଡୁଆରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ। ନିର୍ବାଚନ କମିଶନ ଖଡଗେଙ୍କୁ ଚେତାବନୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିଷୟରେ ତାଙ୍କର ବିବାଦୀୟ ମନ୍ତବ୍ୟ ସମ୍ପର୍କରେ ନିର୍ବାଚନ କମିଶନ କଂଗ୍ରେସ ଅଧ୍ୟକ୍ଷଙ୍କୁ ୨୪ ଘଣ୍ଟା ମଧ୍ୟରେ ଜବାବ ଦେବାକୁ କହିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏବଂ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସମେତ ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିବା ପରେ ନିର୍ବାଚନ କମିଶନ ବୁଧବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଖଡଗେଙ୍କ ବିବାଦୀୟ ବୟାନ ସମ୍ପର୍କରେ ପ୍ରତିନିଧିମଣ୍ଡଳୀ ନିର୍ବାଚନ କମିଶନଙ୍କ ଠାରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।ଉଲ୍ଲେଖନୀୟ ଯେ, ଖଡଗେ ତାମିଲନାଡୁର ରାଜଧାନୀ ଚେନ୍ନାଇରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଷୟରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ ଏଆଇଏଡିଏମକେକୁ ସମାଲୋଚନା କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆତଙ୍କବାଦୀ ବୋଲି କହିଥିଲେ। ଯଦିଓ ସେ ପରେ ତାଙ୍କ ମନ୍ତବ୍ୟ ପରେ ସଫେଇ ସେ ପ୍ରଧାନମନ୍ତ୍ରୀଙ୍କୁ ଆତଙ୍କବାଦୀ ନୁହେଁ ଭୟ ଏବଂ ଆତଙ୍କ ସୃଷ୍ଟି କରିଥାନ୍ତି ବୋଲି କହିଥିଲେ। ତେବେ ଖଡଗେ ମୋଦିଙ୍କୁ ଆତଙ୍କବାଦୀ ବୋଲି କହିବା ଏକ ବଡ଼ ରାଜନୈତିକ ବିବାଦ ସୃଷ୍ଟି କରିଛି। ଖଡଗେଙ୍କ ଏହି ବୟାନକୁ ନେଇ ବିଜେପି ଅସନ୍ତୋଷ ପ୍ରକାଶ କରିଛି। ବିଜେପି ପକ୍ଷରୁ କଂଗ୍ରେସ ଏବଂ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ କଡ଼ା ନିନ୍ଦା କରି ଏହାକୁ କେବଳ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ନୁହେଁ ବରଂ ୧.୪୨ କୋଟି ଭାରତୀୟଙ୍କ ପାଇଁ ଅପମାନ ବୋଲି କୁହାଯାଇଛି।

## ହର୍ମୁଜ ପ୍ରଣାଳୀରେ ଭାରତ ଆସୁଥିବା ଜାହାଜ ଉପରକୁ ଗୁଳିମାଡ଼

ତେହରାନ : ମଧ୍ୟପୂର୍ବର ଅତ୍ୟନ୍ତ ସେନ୍ସିଟିଭ୍ ଓ କୌଶଳିକ ମାର୍ଗ ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ମଧ୍ୟରେ ଏକ ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି। ଦୁବାଇରୁ ଗୁଜରାଟର ମୁନ୍ଦ୍ରା ବନ୍ଦରକୁ ଆସୁଥିବା ଏକ ମାଲବାହୀ ଜାହାଜ ସହିତ ମୋଟ ୩ଟି ଜାହାଜ ଉପରେ ଗୁଳିମାଡ଼ ହୋଇଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ଜାହାଜଗୁଡ଼ିକ ହର୍ମୁଜ ପ୍ରଣାଳୀ ଅତିକ୍ରମ କରୁଥିବା ସମୟରେ ଇରାନର ବିପ୍ଳବୀ ଗାର୍ଡ ବାହିନୀ (ଓଜଏଉ) ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଏହି ଆକ୍ରମଣରେ ଜାହାଜଗୁଡ଼ିକରେ ଆତଙ୍କ ସୃଷ୍ଟି ହୋଇଥିଲା ଏବଂ ତୁରନ୍ତ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ଅନୁସାରେ, ଗୁଳିମାଡ଼ ପରେ ଓଜଏଉ ଦୁଇଟି ଜାହାଜକୁ ନିଜ କବ୍ଜାକୁ ନେଇଥିବା ବେଳେ ତୃତୀୟ ଜାହାଜର ଅବସ୍ଥା ସମ୍ପର୍କରେ ସଂପୂର୍ଣ୍ଣ ସୂଚନା ମିଳି ନାହିଁ। ଏହି ଘଟଣା ଆନ୍ତର୍ଜାତୀୟ ବ୍ୟାପାର ଓ ସମୁଦ୍ର ଯାତାୟାତ ସୁରକ୍ଷା ଉପରେ ଗଭୀର ପ୍ରଭାବ ପକାଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

## ଜନଗଣନା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ



ଭୁବନେଶ୍ୱର : ଢେଙ୍କାନାଳ କାମାକ୍ଷାନଗରରେ ନିର୍ଦ୍ଧୁମ ପିଟିଲେ, ଖୋର୍ଦ୍ଧା ଟାଙ୍ଗୀ ଘଇଉରେ ଠେଙ୍ଗା ଧରି ଗୋଡ଼ାଇଲେ। କାମାକ୍ଷାନଗରରେ ଆକ୍ରମଣ ପରେ ଉତ୍ତେଜନା ଆଉ ଟାଙ୍ଗୀ ଗୋବିନ୍ଦପୁର ସାହିରେ ଭୟରେ ଥରହର ଜନଗଣନାରେ ନିୟୋଜିତ କର୍ମଚାରୀ। ସାରା ରାଜ୍ୟରେ ଏବେ ଜନଗଣନା କାର୍ଯ୍ୟ ଚାଲିଥିବା ବେଳେ କିଛି ସ୍ଥାନରେ ଘଟିଛି ଏମିତି ଅଭାବନୀୟ ଘଟଣା। କାମାକ୍ଷାନଗର ଏନଏସିର ୩ ନମ୍ବର ୱାର୍ଡ ମହିମାନଗର ସାହିକୁ ଯାଇଥିଲେ ଜନଗଣନାରେ ନିୟୋଜିତ ୪ ଜଣ କର୍ମଚାରୀ। ସେମାନଙ୍କ ଅଭିଯୋଗ, ଡୋର୍ ନକ କରି ଘରେ ପଶିବା ପରେ କିଛି ନବୁଝି ନଶୁଣି ସିଧା ଆକ୍ରମଣ କରିଥିଲେ ପରିବାର ସଦସ୍ୟ। ଘର ମାଲିକଙ୍କ ମାଡ଼ରେ ଜଣେ ମହିଳା କର୍ମଚାରୀଙ୍କ ସହ ୪ ଜଣ ଆହତ ହୋଇଥିଲେ। ସେତିକିରେ ରାଗ ସୁଝି ନଥିଲା, ବରଂ କର୍ମଚାରୀ ଆସିଥିବା ସ୍କୁଟି ଗାଡ଼ିକୁ ମଧ୍ୟ ପିଟି ଭାଙ୍ଗି ଦେଇଥିଲେ ଘର ମାଲିକ। ତୁରନ୍ତ ଖବର ପାଇ ଘଟଣାସ୍ଥଳକୁ ଆସି କାମାକ୍ଷାନଗରର ଉପଜିଲ୍ଲାପାଳ, ତହସିଲଦାର, ଏସଡିପିଓ ଏବଂ ଥାନା ଅଧିକାରୀ ପହଞ୍ଚିଥିଲେ ବି ଶାନ୍ତ ହୋଇ ନଥିଲେ ସଂପୃକ୍ତ ପରିବାର। ସମାନ ଧରଣର ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଟାଙ୍ଗୀ ଘଇଉର ଗୋବିନ୍ଦପୁର ସାହିରେ। ଜଣେ ଶିକ୍ଷୟତ୍ରୀ ଜନଗଣନା କରିବାକୁ ଯାଇଥିବା ବେଳେ ସେହି ଗାଁର ଜଣେ ଯୁବକ ତାଙ୍କୁ ଠେଙ୍ଗା ଧରି ଗୋଡ଼ାଇ ଥିଲେ। ମହିଳା କର୍ମଚାରୀ ଯେତେ ବୁଝାଇଥିଲେ ବି ବୁଝିବାକୁ କି ଶୁଣିବାକୁ ପ୍ରସ୍ତୁତ ନଥିଲେ ସଂପୃକ୍ତ ବ୍ୟକ୍ତି। ବରଂ ମୋବାଇଲ୍ ଫୋନରେ ଜନଗଣନା କର୍ମଚାରୀଙ୍କ ଭିଡିଓ ରେକର୍ଡ କରି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବାକୁ ପଛାଇ ନଥିଲେ। ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏ ଘଟଣା ପରେ ଜନଗଣନା ଅଧିକାରୀ ଓ କର୍ମଚାରୀ ଗ୍ରାଉଣ୍ଡରେ ସମ୍ମୁଖୀନ ହେଉଥିବା ସମସ୍ୟାର ମୁକାବିଲା ଲାଗି ତୁରନ୍ତ ରାଜସ୍ୱ ମନ୍ତ୍ରୀ ଡକାଇଥିଲେ ଜରୁରୀ ବୈଠକ। ବୈଠକରେ ଜନଗଣନା ଅଧିକାରୀଙ୍କ ସୁରକ୍ଷା ପାଇଁ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଚିଠି ଲେଖିଛି। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଜନଗଣନାରେ ନିୟୋଜିତ ଥିବା ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରୁଥିବା ଦୋଷୀଙ୍କ ଉପରେ ହେବ କଠୋର ଆକ୍ସନ। ପାତାଳରେ ଥିଲେବି ଦୋଷୀକୁ ଖୋଜି ବାହାର କରାଯିବ। ଜନଗଣନା କର୍ମୀଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ନେଇ ଏଭଳି ଚରମ ବାଣୀ ଶୁଣାଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ, ଜନଗଣନାରେ ନିୟୋଜିତ ଥିବା ସରକାରୀ କର୍ମଚାରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବା ସହ ଝଙ୍ଚ ଆସିବ। ୨୦୨୬ରେ ହେଉଥିବା ଜନଗଣନା ହାଇଟେକ ଜନଗଣନା। ଘର ଘର ଯାଇକି ଜନଗଣନା କରିବା ଏକ ଚ୍ୟାଲେଞ୍ଜ। ହିଟୱେଭ ଏବେ ବଡ଼ ସମସ୍ୟା। ଏନେଇ ଆଜି ରାଜସ୍ୱ ଅଧିକାରୀ ଓ ଜନଗଣନା ଅଧିକାରୀଙ୍କ ସହ ବୈଠକ ହେବ। ମନ୍ତ୍ରୀ କହିଛନ୍ତି ଯେ, ଜନଗଣନା ସମୟରେ କିଛି ଅଧିକାରୀଙ୍କ ଉପରେ ଆକ୍ରମଣ, ଅସୁସ୍ଥ ହେବା ଖବର ଆସିଛି। ଶାରୀରିକ ସମସ୍ୟା ହିଟ୍ ୱେଭ ପାଇଁ କି ନାହିଁ ପରୀକ୍ଷା ପରେ ଜଣାପଡିବ। ସରକାରୀ କର୍ମଚାରୀ ଓ ଲୋକଙ୍କ ସୁରକ୍ଷା ବଡ଼ ଦାୟିତ୍ୱ। ଯେଉଁଠି ଆକ୍ରମଣ ହୋଇଛି ଗୃହ ସଚିବ ଓ ଡିଜିଙ୍କ ସହ ଆଲୋଚନା ହୋଇଛି। ଅପରାଧୀଙ୍କ ସ୍ଥାନ ନାହିଁ। ଦୋଷୀ ପତଳାରେ ଲୁଚିଲେ ବି ଖୋଜିକି ଆଣିବୁ। ଗୃହ ବିଭାଗ ସହ ଆଲୋଚନା କରିବି। ଏପ୍ରିଲ ୧୬ରୁ ଆରମ୍ଭ ହୋଇଥିବା ଜନଗଣନା ଆସନ୍ତା ମେ ୧୫ ତାରଖି ପର୍ଯ୍ୟନ୍ତ ଚାଲିବ। ରାଜ୍ୟରେ ୧ ଲକ୍ଷ ୫ ହଜାରରୁ ଅଧିକ କ୍ଷେତ୍ରୀୟ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି। ଏଣେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନଗଣନା କର୍ମଚାରୀଙ୍କୁ ଦିନ ୧୧ଟାରୁ ୩ଟା ମଧ୍ୟରେ କାମ ନକରିବାକୁ ପରାମର୍ଶ ଦିଆଯାଇଛି।

### ସମ୍ପାଦକୀୟ

**ବଢ଼ି ଚାଲିଛି ତାପମାନ**

### ବାଟେଘାଟେ



କଟକର ବିଜେଡିର ରାଜନୀତି
ହେଲାଣି ଭାରି ଗୋଳିଆ
ହାରୁ ନେତା ଏଠି ପ୍ରତାପ ଦେଖାନ୍ତି
ଚଉ ଦୁଆରରେ ଆହା
ଭୋଟର ହେବେନି ସାହା
ପ୍ରଫୁଲ୍ଲ ବିଚରା କିବୁଦ୍ଧି କରିବେ
ଧରି ଏ ଦଦରା ନାଆ
ନାଲି ବେଶ ଛାଡି ଧଳା ବାବା ଏବେ
ଆଗକୁ ହେବେ ଗେରୁଆ
ବାଙ୍କୀ କଟକ ଚଉ ଦୁଆରରେ
ବହିବ ଫୁଲ ହାଲୁଆ
-ରାହୀ

# ୧୮୭୬ଠାରୁ ବି ଅଧିକ ଭୟଙ୍କର ମରୁଡ଼ି ସମ୍ଭାବନା !

ନୂଆଦିଲ୍ଲୀ : ସାରା ଦୁନିଆରେ ଆଗାମୀ କିଛି ମାସ ଭିତରେ ଭୟଙ୍କର ପ୍ରାକୃତିକ ବିପଦ ଦେଖିବାକୁ ମିଳିବ। ଏନେଇ ବୈ?ଜ୍ଞାନିକମାନେ ମଧ୍ୟ ଚେତାବନୀ ଦେଇଛନ୍ତି।୨୦୨୬- ୨୭ରେ ଶକ୍ତିଶାଳୀ ଏଲନିନୋ ଅଧିକ ପରିମାଣରେ କ୍ଷତି କରିପାରେ। ଅନୁମାନରୁ ଜଣାପଡୁଛି ଯେ, ଏହା ୧୮୭୭-୭୮ର ବିନାଶକାରୀ ଏଲ୍ ନିନୋ ଭଳି ଶୀଘ୍ର ବହୁତ କିଛି ବରବାଦ୍ କରିପାରେ। ଏହା

## 'ଏଲନିନୋ'ର ଆଶଙ୍କା ଡରାଇଲା

ଦୁନିଆର ବଡ଼ ଅଂଶରେ ମରୁଡି ଭଳି ସ୍ଥିତି ସୃଷ୍ଟି ହୋଇପାରେ। ଏହାଦ୍ୱାରା ଭାରତ ମଧ୍ୟ ବହୁ ଦୂର ପର୍ଯ୍ୟନ୍ତ ପ୍ରଭାବିତ ହୋଇପାରେ। ପ୍ରାୟ ୧୫୦ ବର୍ଷ ପୂର୍ବେ, ୧୮୭୭-୭୮ର ଏଲ୍ ନିନୋ ଘଟଣା ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରବଳ ଗରମ ପଡିଥିଲା। ଦୀର୍ଘକାଳୀନ ମରୁଡ଼ି ଏବଂ ଫସଲ ନଷ୍ଟ ହୋଇ ଦୁର୍ଭିକ୍ଷ ସୃଷ୍ଟି କରିଥିଲା। ଏହା ଇତିହାସର ସବୁଠାରୁ ବିନାଶକାରୀ ଜଳବାୟୁ ଘଟଣା ମଧ୍ୟରୁ ଅନ୍ୟତମ ବୋଲି କୁହାଯାଏ। ଏଥିରେ ଦୁନିଆର ୪% ଜନସଂଖ୍ୟା ହ୍ରାସ ପାଇଥିଲା। ବିଶେଷଜ୍ଞମାନେ କହିଛନ୍ତି ଯେ ଜଳବାୟୁ ମଡେଲ ଏବେ ଚିନ୍ତାଜନକ ସଙ୍କେତ ଦେଖାଉଛି।



ପ୍ରଶାନ୍ତ ମହାସାଗରର ଅଧ୍ୟୟନ କରୁଥିବା ରିସର୍ଚ୍ଚରଙ୍କ କହିବା ଅନୁସାରେ, ନିକଟରେ ମଡେଲ ରନ୍ ସମୁଦ୍ର ପୃଷ୍ଠର ତାପମାତ୍ରା ଦୃତ ଗତିରେ ବଢ଼ିବାରେ ଲାଗିଚି। ଏହା ଏଲନିନୋ ତିଆରି ହେବାର ସବୁଠାରୁ ଖାସ୍ ସଙ୍କେତ। ,ଏହି ତୀବ୍ରତାକୁ ନେଇ ବୈ?ଜ୍ଞାନିକମାନେ ମଧ୍ୟ ଚିନ୍ତିତ, କାରଣ ବର୍ତ୍ତମାନର ସ୍ଥିତି 'ମେଗା' କିମ୍ବା 'ସୁପର' ଏଲନିନୋ ତିଆରି କରିପାରେ। ଏଲନିନୋ ତିଆରି ହେବ ବିଶେଷ ଭାବରେ ମେଗା କିମ୍ବା ସୁପର ଏଲନିନୋ ବିଶ୍ୱ ପାଣିପାଗ ପଣାଳୀକୁ ଖୁବ୍ ଅଧିକ ପ୍ରଭାବିତ କରିବ। ଏଭଳି ଘଟଣା ଚାଲିଥିବା ଜଳବାୟୁ ପରିବର୍ତ୍ତନ ସହ ମିଶି ୨୦୨୭ ପର୍ଯ୍ୟନ୍ତ ବିଶ୍ୱ ତାପମାତ୍ରାକୁ ନୂଆ ରେକର୍ଡ ସ୍ତରରେ ପହଁଞ୍ଚାଇପାରେ। ତାପମାତ୍ରା ଖୁବ୍ ଶୀଘ୍ର ବଢ଼ିବା ସହ ମରୁଡି ପଡିବ ଓ ସାରା ଦୁନିଆରେ ଖାଦ୍ୟ ସଙ୍କଟ ସୃଷ୍ଟି ହେବ।

ଏଲନିନୋ (ରକ୍ଷ ଘସଁକ୍ସ) ହେଉଛି ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଏକ ଜଳବାୟୁ ପ୍ରକ୍ରିୟା। ଏଲ ନିନୋ ଭାରତର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ଦୁର୍ବଳ କରିଦିଏ, ଯାହା ଫଳରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଥାଏପୃଷ୍ଠଭାଗର ଜଳ ସ୍ୱାଭାବିକ ଅପେକ୍ଷା ଅଧିକ ଗରମ ହୋଇଯାଏ। ଏହା ସାଧାରଣତଃ ପ୍ରତି ୨ରୁ ୭ ବର୍ଷରେ ଥରେ ଘଟିଥାଏ ଏବଂ ବିଶ୍ୱର ପାଣିପାଗ ଉପରେ ଏହାର ଗଭୀର ପ୍ରଭାବ ପକାଇଥାଏ। ଏଲନିନୋର ଆରମ୍ଭ ପ୍ରଶାନ୍ତ ମହାସାଗରରେ ହୋଇଥାଏ, କିନ୍ତୁ ଏହାର ପ୍ରଭାବ ପୁରା ଦୁନିଆରେ ରହିଥାଏ। ଏହାଦ୍ୱାରା ଭାରତ, ଅଷ୍ଟ୍ରେଲିଆ ଓ ମଧ୍ୟ ଆଫ୍ରିକା ଏବଂ ଆମାଜନ୍ ବେସିନ୍ରେ ଭୀଷଣ ଗରମ ଓ ଜଙ୍ଗଲ ନିଆଁର ସାମନା କରିବାକୁ ପଡିବ। ଅନ୍ୟପକ୍ଷେ ଆମେରିକାର କିଛି ଅଂଶରେ ବିଶେଷ ଭାବରେ ଦକ୍ଷିଣ ଭାଗରେ ପ୍ରବଳ ବର୍ଷା ଓ ବନ୍ୟା ଆସିପାରେ। ଉତ୍ତର ଆମେରିକାରେ ଅଧିକ ଗରମ ଦେଖିବାକୁ ମିଳିପାରେ। ଏଲନିନୋର ଭାରତ ଉପରେ ସିଧାସଳଖ ପ୍ରଭାବ ପଡିବ। ଭାରତର କୃଷି ଓ ଜଳ ସମ୍ବଳ ସାଧାରଣତଃ ମୌ?ସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ଏଲନିନୋର ଏହା ଉପରେ ପ୍ରଭାବ ପକାଇବ। ଏହାଦ୍ୱାରା ଉତ୍ତର, ମଧ୍ୟ ଓ ପୂର୍ବ ଭାରତରେ ଭୟଙ୍କର ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଲୁ ବୋହିପାରେ। ଏହା ସହ ମୌ?ସୁମୀରେ ସାଧାରଣଠାରୁ କମ୍ ବର୍ଷା ହୋଇପାରେ।

## ଦେଶର ସବୁଠୁ ଉତ୍ତପ୍ତ ସହର ଝାରସୁଗୁଡ଼ା

ଭୁବନେଶ୍ୱର: ସମଗ୍ର ଦେଶ ସମେତ ଓଡ଼ିଶାରେ ଗ୍ରୀଷ୍ମ ଲହରୀ ଜାରି ରହିଛି। ପଶ୍ଚିମ ଓଡ଼ିଶାରେ ଆଜି ତାପମାତ୍ରା ଆହୁରି ଅଧିକ ଅସହ୍ୟ ହୋଇଯାଇଛି। ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ୪୪.୬ ଡିଗ୍ରି ତାପମାତ୍ରା ରେକର୍ଡ ସହିତ ବିଶ୍ୱର ଉତ୍ତପ୍ତ ସହର ହୋଇଛି। ଆଜି ଅପରାହ୍ଣ ୨ଟା ୩୦ରେ ଉତ୍ତରପ୍ରଦେଶର ବାନ୍ଦା ଦେଶର ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତ ସହର ହୋଇଛି, ଯେଉଁଠାରେ ୪୪.୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପଟରେ ମହାରାଷ୍ଟ୍ରର ଆକୋଲାରେ ତାପମାତ୍ରା ୪୩.୬ ଡିଗ୍ରି ରେକର୍ଡ କରାଯାଇଛି। ମହାରାଷ୍ଟ୍ରର ଅମରାବତୀରେ ୪୩.୪, ଝାଡ଼ଖଣ୍ଡର ଡାଲଟନଗଂଜରେ ୪୩.୪, ଯୋତିମଲରେ ୪୩.୪, ଜାମସେଦପୁରରେ ୪୩.୩, ବାଙ୍କୁଡାରେ ୪୩.୨, ପ୍ରୟାଗରାଜ ଏବଂ ସମ୍ବଲପୁରରେ ୪୩.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଓଡ଼ିଶାର ଅନେକ ଜିଲ୍ଲାକୁ ହିଟ୍ୱେଭ୍ ଜାରି କରାଯାଇଛି। ଏପ୍ରିଲ ୨୪ ତାରିଖ ଯାଏଁ ବଲାଙ୍ଗୀର, ଝାରସୁଗୁଡ଼ା ଏବଂ ସମ୍ବଲପୁରରେ ହିଟ୍ ୱେଭ୍ ଜାରି ରହିବ। ଏପ୍ରିଲ ୨୭ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ସୋନପୁର, ବୌ?ଦ୍ଧ ଏବଂ ଅନୁଗୁଳରେ ଗୁଳୁଗୁଳି ଅନୁଭୂତ ହେବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଭୁବନେଶ୍ୱରରେ ଆଜି ଅପରାହ୍ଣ ସାଢ଼େ ୨ଟାରେ ତାପମାତ୍ରା ୪୧ ଡିଗ୍ରି ରେକର୍ଡ କରାଯାଇଛି।




# ଆଜିର ରାଶିଫଳ

**ମେଷ** — ଆପଣ ଜଣେ କର୍ମଯୋଗୀ ହୋଇଥିବାରୁ ଭାଗ୍ୟକୁ ନିୟନ୍ତ୍ରଣ କରି ସୁଫଳ ପ୍ରାପ୍ତିର ସୂଚନା ପାଇବେ। ଧର୍ମାତ୍ମା, ବିଦ୍ୱାନ୍, ସାହସୀ ଓ ସମ୍ପତ୍ତିବାନ୍ ହେବେ। ପତିପତ୍ନୀଙ୍କ ସଂସାର ପ୍ରେମପୂର୍ଣ୍ଣ ହେବ।

**ବୃଷ** — ପରିସ୍ଥିତିରେ ପଡ଼ିଲେ ବି ଯେପରି ନୈତିକ ମୂଲ୍ୟବୋଧର ଅଧପତନ ନଘଟିବ ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡ଼ିବ। କ୍ରୋଧକୁ ନିୟନ୍ତ୍ରଣ କରିବାକୁ ସଂଯମୀ ହେବାକୁ ପଡ଼ିବ। ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ।

**ମିଥୁନ** — ସେବା ଧର୍ମରେ ଦୀକ୍ଷିତ ହୋଇ ପରୋପକାରକୁ ଜୀବନର ବ୍ରତଭାବେ ଗ୍ରହଣ କରିପାରନ୍ତି। ମହିଳାମାନଙ୍କର ଗୃହସ୍ଥ ଧର୍ମ ହେଉଛି ସର୍ବ ମହତ୍ ସେବା; ଯେଉଁ ଲକ୍ଷଣ ଆପଣଙ୍କ ସହଧର୍ମିଣୀଙ୍କଠାରେ ନିହିତ ଅଛି।

**କର୍କଟ** — ଭ୍ରାତୃତ୍ୱର ନିବିଡ଼ ବନ୍ଧନ ହେଉଛି ଶତ୍ରୁ ଦମନର ମୂଳ ଉତ୍ସ; ଯାହା ଆପଣଙ୍କ ବଂଶ ପରମ୍ପରାର ପ୍ରତିବଦ୍ଧତା। ଚାକିରି ଜୀବନ ବିତାଉଥିବା ବ୍ୟକ୍ତିବିଶେଷ କେବଳ ପାରିତୋଷିକ ପାଇ ଉତ୍ସର୍ଗୀକୃତ ହୋଇପାରିବେ।

**ସିଂହ** — ଜଣେ ମିତବ୍ୟୟୀ ଓ ସଦ୍‌ବ୍ୟୟୀ ହୋଇଥିବାରୁ ଦାନଧର୍ମରେ ଦୀକ୍ଷିତ ହେଲେ ମଧ୍ୟ ଭଣ୍ଡାର ସଦାସର୍ବଦା ପରିପୂର୍ଣ୍ଣ ରହିବ। ଆକସ୍ମିକ ଧନଲାଭ ହେବ। ଲୋକଙ୍କୁ ବିପଦ ମୁହଁରୁ ରକ୍ଷାକରିପାରନ୍ତି।

**କନ୍ୟା** — ଜ୍ୟେଷ୍ଠ ହୁଅନ୍ତୁ ବା କନିଷ୍ଠ, ପାଠୁଆ ହୁଅନ୍ତୁ ବା ଅପାଠୁଆ, ଆପଣଙ୍କ ହୃଦୟର ଉଦାରତା ଆପଣଙ୍କୁ ଶୀର୍ଷାସନ ଦେବ। ନିଜେ ଜଣେ କୃଷକ ହୋଇ ଅନ୍ୟ କୃଷକଙ୍କ ଆଦର୍ଶ ହେବେ। ଯାନବାହନ ସୁଖ ମିଳିବ।

**ତୁଳା** — ଆଧ୍ୟାତ୍ମବାଦୀଭାବେ ଈଶ୍ୱରୀୟ ବିଭୂତିପ୍ରାପ୍ତ ହୋଇପାରନ୍ତି। ବନ୍ଧୁତ୍ୱର ସତ୍ୟନିଷ୍ଠ ମଙ୍ଗଳ କାମନା ଆପଣଙ୍କ ଧ୍ୟେୟ ହେବ। ମାନବ ସଭ୍ୟତା ପାଇଁ ସ୍ନେହାନୁବନ୍ଧିତ କଲ୍ୟାଣ ଭାବନା ଆପଣଙ୍କୁ ମହାନ୍ କରିପାରେ।

**ବିଛା** — ସନ୍ମାର୍ଗୀ ହେଲେ ଅମୃତର ସନ୍ଧାନ ମିଳିବ। ଦୈବୀ ବଳରେ ବଳୀୟାନ୍ ହୋଇପାରନ୍ତି। ବିଦ୍ୟାବାନ୍, ଗୁଣୀ ଓ ଅତି ଚତୁରତାର ସହ ଧନ ଅର୍ଜନ କରି ଧନୀ ହେବେ। ବିଦ୍ୟା ଭଣ୍ଡାର ପାଇଁ ଧନ ବ୍ୟୟ କରିପାରନ୍ତି।

**ଧନୁ** — ସେବା ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ସର୍ମପି ଦେଇପାରନ୍ତି। ଭବିଷ୍ୟତରେ ଐଶ୍ୱର୍ଯ୍ୟ ପ୍ରାପ୍ତିର ମାର୍ଗ ଉନ୍ମୁକ୍ତ ରହିବ। ପରାକ୍ରମୀ, ରାଜସେବକ ଓ କୀର୍ତ୍ତିଶାଳୀ ସେବକ ହୋଇପାରନ୍ତି।

**ମକର** — ପ୍ରତି ଆହ୍ୱାନ୍ନଗୁଡ଼ିକୁ ଆପଣ ଉତ୍କର୍ଷର ଶିଡ଼ି କରିପାରନ୍ତି। ସମ୍ବୋଧନରେ ଆପଣଙ୍କୁ ଲୋକେ ଆର୍ଯ୍ୟ ଶ୍ରେଷ୍ଠ କରିପାରନ୍ତି। ଆପଣଙ୍କ ଏକାନ୍ତ ସାଧନା ଫଳବତୀ ହେବ। ସତ୍ୟ, ନ୍ୟାୟ ପ୍ରତିଷ୍ଠା ପାଇଁ ଚେଷ୍ଟା କରିବେ।

**କୁମ୍ଭ** — ଉପନିଷଦର ଉପାଦେୟ ତଥ୍ୟ ଆପଣଙ୍କ ପାଇଁ ଗ୍ରହଣଯୋଗ୍ୟ। ଜଣେ ଶାନ୍ତିକାମୀଭାବେ ସମସ୍ତଙ୍କ ବିଶ୍ୱାସଭାଜନ ହେବେ। ସ୍ୱକର୍ମ ଭାଗ୍ୟ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇ କର୍ମଠ ଓ କର୍ମଚଞ୍ଚଳ ହେବେ।

**ମୀନ** — ଜୀବନର ସାରବତ୍ତାକୁ ପାଥେୟ କରି ସେବା ଓ ଦାନ କ୍ଷେତ୍ରରେ ଅଗ୍ରଗଣ୍ୟ ହୋଇପାରନ୍ତି। ନିଜ ପ୍ରଗତିଶୀଳ ପଦକ୍ଷେପକୁ ଲୋକଲୋଚନକୁ ଆଣିବେ। ଆତ୍ମଶକ୍ତି ଉପରେ ବିଶ୍ୱାସ କରିବେ।

# ବେଲ ପଣା



**ଆବଶ୍ୟକ ସାମଗ୍ରୀ:** ବେଲ,ଗୁଡ କିମ୍ବା ଚିନି, ଗୋଲ ମରିଚ, ଛେନା, ନଡ଼ିଆ କୋରା, ବୁନ୍ଦି ବା ଲଡୁ, ଅଙ୍ଗୁରୁ,କଦଳୀ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଆବଶ୍ୟକ ଅନୁସାରେ ପାଣି ନିଅନ୍ତୁ। ତା' ପରେ ବେଲକୁ ଫଟାଇ ତା'ଭିତରରେ ମଞ୍ଜିକୁ ଚାମଚ ସାହାଯ୍ୟରେ କାଢ଼ି ଦିଅନ୍ତୁ। ପରେ ବେଲକୁ ଏକ ଚାମଚରେ ବାହାର କରି ଏକ ପାତ୍ରରେ ରଖନ୍ତୁ। ତାକୁ ଭଲ ଭାବରେ ଚକଟି ସେଥିରେ ଥିବା ଖଦଡ଼ା ଅଂଶକୁ ବାହାର କରି ଦିଅନ୍ତୁ। ଏହାପରେ ବେଲ ରସକୁ ଅନ୍ୟ ପାତ୍ରରେ ଥିବା ପାଣିରେ ମିଶାଇ ଦିଅନ୍ତୁ। ଏହାପରେ ଆପଣ କଦଳୀ, ଅଙ୍ଗୁର, ନଡ଼ିଆ କୋରା, ଛତୁଆ ଗୁଣ୍ଡ, ଛେନା, ରସଗୋଲା, ଦହି ଆବଶ୍ୟକ ଅନୁସାରେ ଏଥିରେ ମିଶାନ୍ତୁ। ପରେ ତାକୁ ହାତରେ ଗୋଳାଇ ଦିଅନ୍ତୁ। ପଣାରେ ଆପଣ ଚିନି ବା ଗୁଡ଼ ବ୍ୟବହାର କରିପାରିବେ। ପଣାର ସ୍ୱାଦ ବଢ଼ାଇବା ପାଇଁ ଆପଣ ଏଥିରେ ବୁନ୍ଦି କିମ୍ବା ଲଡୁକୁ ଗୁଣ୍ଡ କରି ପକାଇ ଗୋଳାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ବେଲ ପଣା। ଏହାକୁ ଆପଣ କିଛି ସମୟ ପାଇଁ ଫ୍ରିଜରେ ରଖି ନିଜେ ପିଇବା ସହ ପ୍ରିୟଜନଙ୍କୁ ପିଇବାକୁ ଦିଅନ୍ତୁ।

# ମିଛ କହୁଥିଲେ



ଦୈନନ୍ଦିନ ଜୀବନରେ ମଣିଷକୁ ଟିକେ ମିଛ କହିବାକୁ ପଡ଼ିଥାଏ। ଯିଏ ଯେତେ ସଚ୍ଚୋଟ ହୁଅନ୍ତୁ ନା କାହିଁକି, ସେମାନେ ନିଶ୍ଚିତ ଭାବରେ ତାଙ୍କ ଜୀବନର କୌଣସି ନା କୌଣସି ମୁହୂର୍ତ୍ତରେ ମିଛ କହିଥିବେ। କିନ୍ତୁ ମିଛ କହିବା ପରେ ଶରୀରର ଏମିତି ଏକ ଅଂଶ ଥାଏ ଯାହା ଗରମ ହୋଇଯାଏ। ହୁଏତ ଏହା ଖୁବ କମ ଲୋକ ଜାଣିଥିବେ।

ଦୁନିଆରେ ଅନେକ ସଚ୍ଚୋଟ ଲୋକ ଅଛନ୍ତି, କିନ୍ତୁ ବେଳେବେଳେ ଏମିତି କିଛି ପରିସ୍ଥିତି ଉପୁଜି ଥାଏ, ଯାହା ଫଳରେ ସେମାନେ ମିଛ କହିବାକୁ ବାଧ୍ୟ ହୋଇଥାନ୍ତି। ମିଛ କହିବା ପରେ ଅନେକଙ୍କ ମୁହଁରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖାଯାଇଥାଏ। ଯେତେବେଳେ ବି ମିଛ କୁହାଯାଏ, ନାକ ଗରମ ହୋଇଯାଏ। ଏହାବ୍ୟତୀତ ଆଖି ଶୀଘ୍ର ବୁଜିବା ଆରମ୍ଭ କରିଦିଏ ଏବଂ ବେଳେବେଳେ ଆଖିର ରଙ୍ଗ ବଦଳିଯାଏ। କିଛି ଲୋକ ମିଛ କହିବା ପରେ ନାକ କୁଣ୍ଡାଇବା ମଧ୍ୟ ଆରମ୍ଭ କରିଦିଅନ୍ତି । ଏହାବ୍ୟତୀତ ଏପରି କରିବା ଦ୍ୱାରା କଥା କହିବାର ଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ମିଛ କହୁଥିବା ବ୍ୟକ୍ତି ଶୀଘ୍ର ଶୀଘ୍ର କଥା କୁହନ୍ତି କିମ୍ବା ଆବଶ୍ୟକଠାରୁ ଅଧିକ କଥା ହୁଅନ୍ତି। ନଜର ଏଡାଇ କଥାବାର୍ତ୍ତା କରନ୍ତି। ଅନେକ ସମୟରେ ଅନ୍ୟ ବ୍ୟକ୍ତି ଏହା ବୁଝିପାରନ୍ତି। ବେଳେବେଳେ ମିଛ କହୁଥିବା ବ୍ୟକ୍ତିଙ୍କ ନାକ ଓ କାନ ଗରମ ହୋଇଯାଏ। ତେଣୁ ପରବର୍ତ୍ତୀ ସମୟରେ ମିଛ କହିବା ସମୟରେ ଏସବୁ କଥା ପ୍ରତି ଧ୍ୟାନ ଦିଅନ୍ତୁ।

# ବାସି ମୁହଁରେ ପାଣି ପିଇଲେ ମିଳିଥାଏ ଏହି ୪ ବଡ଼ ଲାଭ

ଯଦି ଆପଣ ସକାଳେ ଉଠିବା ମାତ୍ରେ ଖାଲି ପେଟରେ ପାଣି ପିଅନ୍ତି, ତେବେ ଏହା ଶରୀରକୁ ତୁରନ୍ତ ଜଳୀୟ ଅଂଶ ପ୍ରଦାନ କରେ। ଏପରି ଅନେକ ଲୋକ ଅଛନ୍ତି , ଯେଉଁମାନଙ୍କୁ ସକାଳେ ଉଠିବା ମାତ୍ରେ ଜଳୀୟ ଅଂଶ ଆବଶ୍ୟକ ହୁଏ। ଯଦି ପାଣି ବହୁତ ସମୟ ଧରି ପିଇ ନ ଥାନ୍ତି, ତେବେ ମୁଣ୍ଡ ବିନ୍ଧା କିମ୍ବା ମୁଣ୍ଡ ବୁଲାଇବା ଅନୁଭବ ହୋଇପାରେ। ଏପରି ପରିସ୍ଥିତିରେ ସକାଳେ ଖାଲି ପେଟରେ ପାଣି ପିଇଲେ ଶରୀରରେ ଡିହାଇଡ୍ରେସନ ହୁଏ ନାହିଁ।



ଯଦି ଆପଣ ଖାଲି ପେଟରେ ପାଣି ପିଇବା ପରେ ଉଠି ଶୌଚାଳୟକୁ ଯାଆନ୍ତି, ତେବେ ଶରୀରରେ ଥିବା ମଇଳା ଜୀବାଣୁ ମଳ ସହିତ ବାହାରକୁ ଚାଲିଯାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ମଧ୍ୟ ବାହାର କରିଦିଏ ଏବଂ ଶରୀର ଭଲ ଭାବରେ ଡିଟକ୍ସ ହୋଇଯାଏ। ଖାଲି ପେଟରେ ପାଣି ପିଇବା ଦ୍ୱାରା, ମୁହଁରେ ଥିବା ଜୀବାଣୁ ଏବଂ ପେଟରେ ଜମା ହୋଇଥିବା ମଇଳା ଉଭୟ ଦୂର ହୋଇଯାଏ। ଏହା ବ୍ୟତୀତ ଘଣ୍ଟା ଘଣ୍ଟା ଧରି ବାଥ୍ରୁମରେ ବସିବାକୁ ପଡ଼େ ନାହିଁ ଏବଂ ପେଟ ସହଜରେ ସଫା ହୋଇଯାଏ।

ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଆମକୁ ପ୍ରତିଦିନ କୌଣସି ସଂକ୍ରମଣର ସମ୍ମୁଖୀନ ନ ହେବାକୁ ପଡ଼ିବା ପାଇଁ, ଏକ ଦୃଢ଼ ପ୍ରତିରକ୍ଷା ପ୍ରଣାଳୀ ରହିବା ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଖାଲି ପେଟରେ ପାଣି ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ।

ଖାଲି ପେଟରେ ପାଣି ପିଇବା ଦ୍ୱାରା କେବଳ ଶରୀରକୁ ଆଭ୍ୟନ୍ତରୀଣ ଲାଭ ମିଳେ ନାହିଁ, ବରଂ ଶରୀରର ବାହ୍ୟ ଦିଗ ଅର୍ଥାତ୍ ଚର୍ମ ଉପରେ ମଧ୍ୟ ଏହାର ଲାଭ ପଡ଼ିଥାଏ। ଚର୍ମକୁ ହାଇଡ୍ରେସନ୍ ମିଳିଥାଏ ଏବଂ ଚର୍ମ ଚମକଦାର ହୋଇଥାଏ। ଏହା ବ୍ୟତୀତ ଖାଲି ପେଟରେ ପାଣି ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଯାଏ, ଯାହା କେବଳ ଗୋଟିଏ ନୁହେଁ ବରଂ ଅନେକ ଚର୍ମ ସମସ୍ୟା ଦୂର କରେ।

# ଅଜବ ସହର, ଯେଉଁଠି ଚପଲ ପିନ୍ଧି ଗାଡ଼ି ଚଲାଇବା ମନା



ବିଦେଶ ଭ୍ରମଣର ସ୍ୱପ୍ନ ଦେଖିବା ସମୟରେ ଲୋକମାନେ ପ୍ରାୟତଃ ସୁନ୍ଦର ବେଳାଭୂମି, ଐତିହାସିକ ରାସ୍ତା ଏବଂ ଖୋଲା ସ୍ୱାଧୀନତା କଥା ଭାବନ୍ତି। କିନ୍ତୁ ଯଦି ଏହି ସ୍ୱାଧୀନତା ଆଇନ ସହିତ ସଂଘର୍ଷ କରେ, ତେବେ ଏହା ସେମାନଙ୍କ ପକେଟ ଉପରେ ବୋଝ ହୋଇପାରେ। ଅନେକ ଲୋକପ୍ରିୟ ୟୁରୋପୀୟ ପର୍ଯ୍ୟଟନ ସହର ଏବେ କଠୋର ନିୟମ ସହିତ ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଛନ୍ତି। କିଛି ସ୍ଥାନରେ ବିକିନି ପିନ୍ଧିବା ଏକ ଅପରାଧ, ଅନ୍ୟ ସ୍ଥାନରେ ଚପଲ ପିନ୍ଧି ଗାଡି ଚାଳନା ଏକ ଅପରାଧ। ଗତ କିଛି ବର୍ଷ ମଧ୍ୟରେ ଅନେକ ୟୁରୋପୀୟ ଦେଶରେ ଗଣ ପର୍ଯ୍ୟଟନ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଗ୍ରୀଷ୍ମ ଋତୁରେ ଲକ୍ଷ ଲକ୍ଷ ପର୍ଯ୍ୟଟକ ଛୋଟ ସହର ଏବଂ ଦ୍ୱୀପପୁଞ୍ଜକୁ ଯାଆନ୍ତି, ଯାହା ସ୍ଥାନୀୟ ଜୀବନକୁ ବ୍ୟାହତ କରିଥାଏ। ଶବ୍ଦ, ଅଳିଆ, ଅନୁଶାସନହୀନ ଆଚରଣ ଏବଂ ସାର୍ବଜନୀନ ସ୍ଥାନର ଅପବ୍ୟବହାର ସାଧାରଣ ସମସ୍ୟା ପାଲଟିଛି। କର୍ତ୍ତୃପକ୍ଷମାନେ କହିଛନ୍ତି ଯେ ଏହି ନିୟମଗୁଡ଼ିକ ପର୍ଯ୍ୟଟକଙ୍କୁ ଦଣ୍ଡ ଦେବା ପାଇଁ ନୁହେଁ, ବରଂ ସହର ଏବଂ ସ୍ଥାନୀୟ ସଂସ୍କୃତିର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ। ସ୍ପେନ, ଇଟାଲୀ, ଫ୍ରାନ୍ସ ଏବଂ କ୍ରୋଏସିଆର ଅନେକ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ, ସୁଇମିଂପୁଲ୍ କିମ୍ବା ବିକିନି କେବଳ ବେଳାଭୂମିରେ ସୀମିତ ରହିବ। ବାର୍ସିଲୋନା, କାନ୍ସ, ଭେନିସ, ସ୍ପ୍ଲିଟ ଏବଂ ସୋରେଣ୍ଟୋ ଭଳି ସହରରେ, ବିକିନି କିମ୍ବା ସନ୍ତରଣ ପୋଷାକ ପିନ୍ଧି ରାସ୍ତାରେ ବୁଲୁଥିବା ପର୍ଯ୍ୟଟକମାନଙ୍କୁ ଭାରୀ ଜରିମାନା ଦେବାକୁ ପଡ଼ିପାରେ। କିଛି ସ୍ଥାନରେ, ଏହି ଜରିମାନା ଏକ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ। ସାର୍ବଜନୀନ ଶାଳୀନତା ବଜାୟ ରଖିବା ପାଇଁ ଏହି ନିୟମ ଆବଶ୍ୟକ। ସ୍ପେନ, ଗ୍ରୀସ, ଇଟାଲୀ ଏବଂ ଫ୍ରାନ୍ସ ଭଳି ଦେଶରେ ଚପଲ ପିନ୍ଧି କାର କିମ୍ବା ବାଇକ ଚଲାଇବା ବେଆଇନ। କାରଣ ଚପଲ ଆପଣଙ୍କ ପାଦରୁ ଖସିଯାଇପାରେ, ଯାହା ଦୁର୍ଘଟଣାର ଆଶଙ୍କା ବୃଦ୍ଧି କରେ। ଏପରି କ୍ଷେତ୍ରରେ, ପ୍ରାୟ ୨୫,୦୦୦ରୁ ୩୦,୦୦୦ ଟଙ୍କା ଜରିମାନା ଲାଗୁ ହୋଇପାରେ। ଏହି ନିୟମ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ। ମାଲୋର୍କା, ଇବିଜା ଏବଂ କାନାରି ଦ୍ୱୀପପୁଞ୍ଜ ଭଳି ପାର୍ଟି ଗନ୍ତବ୍ୟସ୍ଥଳରେ, ରାସ୍ତାରେ ମଦ୍ୟପାନ କରିବା କଡ଼ାକଡ଼ି ନିଷେଧ। ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରୁଥିବା ଧରାପଡ଼ିଲେ ଲକ୍ଷ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିପାରେ। ଗ୍ରୀସ ଭଳି ଦେଶରେ, ବେଳାଭୂମିରୁ କଙ୍କଣ, ପଥର କିମ୍ବା ବାଲି ଉଠାଇବା ଏକ ଆଇନଗତ ଅପରାଧ। ଯେଉଁମାନେ ଏପରି କରୁଥିବା ଧରାପଡ଼ନ୍ତି ସେମାନଙ୍କୁ କଡ଼ା ଜରିମାନା ଦିଆଯାଏ। ଏହା ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ। ସେହିପରି, ଭେନିସର ଐତିହାସିକ କେନାଲରେ ପହଁରିବା କଡ଼ା ନିଷେଧ। ଏହି ନିୟମଗୁଡ଼ିକ ଭାଙ୍ଗିଲେ ଜରିମାନା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ।

# ଗୁରୁବାର ଦିନ ତୁଳସୀ ଗଛର କରନ୍ତୁ ବିଶେଷ ପୂଜା

ଗୁରୁବାର ବ୍ରହ୍ମାଣ୍ଡର ରକ୍ଷାକର୍ତ୍ତା ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ। ଏହି ଦିନ ପୂଜା ଏବଂ ଉପବାସ ଉପଯୁକ୍ତ ରୀତିନୀତି ସହିତ ପାଳନ କରାଯାଏ, ବିଶେଷକରି ସତ୍ୟନାରାୟଣ ରୂପରେ ଭଗବାନ ବିଷ୍ଣୁଙ୍କୁ ସମ୍ମାନ କରାଯାଏ।

ଗୁରୁବାର ଦିନ ପୂଜା ଏବଂ ଉପବାସ କରିବା ଦ୍ୱାରା ଭଗବାନ ବିଷ୍ଣୁ ବହୁତ ପ୍ରସନ୍ନ ହୁଅନ୍ତି ଏବଂ ସେ ପରେ ସୁଖ ଏବଂ ସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରନ୍ତି। ଏହା ବ୍ୟତୀତ, ଧାର୍ମିକ ଶାସ୍ତ୍ରଗୁଡ଼ିକ ମଧ୍ୟ ଗୁରୁବାର ଦିନ ପବିତ୍ର ତୁଳସୀ ଗଛର ପୂଜାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରନ୍ତି।

ଦେବୀ ଲକ୍ଷ୍ମୀ ତୁଳସୀ ଗଛ ମଧ୍ୟରେ ବାସ କରନ୍ତି। ତୁଳସୀ ଭଗବାନ ବିଷ୍ଣୁଙ୍କୁ ଅତ୍ୟନ୍ତ ପ୍ରିୟ; ଏହି କାରଣରୁ ତାଙ୍କୁ 'ହରିପ୍ରିୟା' ନାମରେ ଜଣାଯାଏ। ଗୁରୁବାର ଦିନ ତୁଳସୀ ପୂଜା ହେଉଥିବା ଯେକୌଣସି ଘରେ ଦେବୀ ଲକ୍ଷ୍ମୀ ବାସ କରନ୍ତି।

ଏହା ବ୍ୟତୀତ, ଭଗବାନ ବିଷ୍ଣୁଙ୍କ ଦିବ୍ୟ କୃପା ଏପରି ପରିବାରରେ ସର୍ବଦା ଉପସ୍ଥିତ ରହିଥାଏ। ଗୁରୁବାର



ଦିନ ତୁଳସୀ ପୂଜା ସମୟରେ, ତାଙ୍କୁ ଦୁଇଟି ନିର୍ଦ୍ଦିଷ୍ଟ ନୈବେଦ୍ୟ ଅର୍ପଣ କରାଯାଏ ଏବଂ କିଛି ବିଶେଷ ପୂଜା ମଧ୍ୟ କରାଯାଏ। ଆସନ୍ତୁ ସେଗୁଡ଼ିକ ବିଷୟରେ ଅଧିକ ଜାଣିବା।

ମାତା ତୁଳସୀଙ୍କୁ ଏହି ଦୁଇଟି ଜିନିଷ ଅର୍ପଣ କରନ୍ତୁ:

ଗୁରୁବାର ଦିନ ପୂଜା ସମୟରେ ତୁଳସୀ ଗଛକୁ ସାତଟି ଗୋଟା ହଳଦୀ ଖଣ୍ଡ ଏବଂ ଲାଲ ଚୁନାରୀ ଅର୍ପଣ କରନ୍ତୁ। ଏହା ଦେବୀଙ୍କୁ ପ୍ରସନ୍ନ କରିଥାଏ, ଯିଏ ଧନର ଆଶୀର୍ବାଦ ପ୍ରଦାନ କରନ୍ତି; ଫଳସ୍ୱରୂପ, ଘରର ଆର୍ଥିକ କଷ୍ଟ ଦୂର ହୁଏ ଏବଂ ସୁଖ ଏବଂ ସମୃଦ୍ଧିର ପରିବେଶ ସର୍ବଦା ବିରାଜମାନ ହୁଏ।

ଗୁରୁବାର ପାଇଁ ସ୍ୱତନ୍ତ୍ର ଉପଚାର:

ଗୁରୁବାର ସକାଳେ, ଭଗବାନ ବିଷ୍ଣୁଙ୍କ ସହିତ କଦଳୀ ଗଛର ମଧ୍ୟ ପୂଜା କରନ୍ତୁ। ପରେ, ସନ୍ଧ୍ୟାରେ ପୁନର୍ବାର ଭଗବାନ ବିଷ୍ଣୁଙ୍କ ପୂଜା କରନ୍ତୁ। ତା'ପରେ ତୁଳସୀ ଗଛ ସମ୍ମୁଖରେ ଘିଅ ଦୀପ ଜଳାନ୍ତୁ। 'ଓମ୍ ଶ୍ରୀମ୍ ହ୍ରୀମ୍ କ୍ଲୀମ୍ ଶ୍ରୀମ୍ ଲକ୍ଷ୍ମୀ ନାରାୟଣାୟ ନମଃ' ମନ୍ତ୍ର ୧୦୮ ଥର ଜପ କରନ୍ତୁ। ଗୁରୁବାର ସନ୍ଧ୍ୟାରେ ତୁଳସୀ ଗଛ ନିକଟରେ ଦୀପ ଜାଳିବା ସମୟରେ, ଗଛରେ ୫ କିମ୍ବା ୭ଟି ହଳଦିଆ କାଉରି କାଠି ରଖନ୍ତୁ। ପରଦିନ ସକାଳେ, ତୁଳସୀ ଗଛର ପୂଜା କରିବା ପର, ସମସ୍ତ କାଉରି କାଠି ବାହାର କରନ୍ତୁ। ଏହା ପରେ, ସମସ୍ତ କାଉଡି କାଠି ଏକ ଲାଲ କିମ୍ବା ହଳଦିଆ କପଡାରେ ବାନ୍ଧି ଆପଣଙ୍କ ଧନ ରଖିବା ସ୍ଥାନରେ ରଖନ୍ତୁ। ଏହା ବିଶ୍ୱାସ କରାଯାଏ ଯେ ଏହି ପ୍ରତିକାରଗୁଡ଼ିକ କରିବା ଦ୍ୱାରା ସବୁଠାରୁ ଗୁରୁତର ଆର୍ଥିକ ସଙ୍କଟ ମଧ୍ୟ ସମାଧାନ ହୁଏ ଏବଂ ବ୍ୟବସାୟରେ ଅଭିବୃଦ୍ଧି ହୁଏ।

# ମିଠା ଖାଇଲେ କମିବ ସ୍ମରଣଶକ୍ତି !

ଅନେକ ଲୋକ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପୁଷ୍ଟିବିଜ୍ଞାନୀମାନେ। 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଏଭଳି ତଥ୍ୟ ମିଳିପାରିଛି। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା।



# ବୟଫ୍ରେଣ୍ଡଙ୍କ ସହ ସ୍ୱିଜରଲ୍ୟାଣ୍ଡରେ ଜାହ୍ନବୀ କପୁର !

ବଲିଉଡର ଲୋକପ୍ରିୟ ନାୟିକା ଜାହ୍ନବୀକପୁର ଏବେ ସ୍ୱିଜରଲ୍ୟାଣ୍ଡରେ ଅଛନ୍ତି। ସେ ସେଠାରୁ କିଛି ସୁନ୍ଦର ଫଟୋ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ଫଟୋକୁ ନେଇ ଅର୍ଜୁନ କପୁର ମଜାଦାର ପ୍ରତିକ୍ରିୟା ଦେଇଛନ୍ତି। ଅଭିନେତ୍ରୀ ଜାହ୍ନବୀ କପୁର ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ଜେନେଭାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏକ ଗାଢ ଏମ୍ବ୍ରୋଡୋରି ଗାଉନ୍ ପିନ୍ଧି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଚମତ୍କାର ଏବଂ ଷ୍ଟାଇଲିସ୍ ଶୈଳୀ ସମସ୍ତଙ୍କ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମ ପରେ, ଜାହ୍ନବୀ କପୁର ସ୍ୱିଜରଲ୍ୟାଣ୍ଡର ସୌନ୍ଦର୍ଯ୍ୟରେ ବୁଡ଼ି ଯାଇଥିଲେ। ସେ କିଛି ଫଟୋ ସେୟାର କରିଥିଲେ। ଜାହ୍ନବୀ କପୁର ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ କିଛିଫଟୋ ସେୟାର କରିଛନ୍ତି। ଏଥିରେ ସେ ସ୍ୱିଜରଲ୍ୟାଣ୍ଡ ବୁଲିବା ଦେଖିବାକୁ ମିଳିଛି। ତାଙ୍କ ହସ ଏବଂ ହାବଭାବ ସୂଚାଇ ଦେଉଛି ଯେ ସେ ବହୁତ ମଜା କରୁଛନ୍ତି। ସେ ପୋଷ୍ଟର କ୍ୟାପସନରେ ଲେଖିଛନ୍ତି, 'ସ୍ୱିସ୍ ସୂର୍ଯ୍ୟ ବିଷୟରେ କିଛି ବିଶେଷ ଅଛି।' ଜାହ୍ନବୀ କପୁର ନୀଳ ପୋଷାକ ପିନ୍ଧି ଜଣେ ସ୍କୁଲ ଛାତ୍ରୀ ପରି ଦେଖାଯାଉଛନ୍ତି। ଜାହ୍ନବୀ କପୁର ନିଜର ଅନେକ ମନମୁଗ୍ଧକର ଫଟୋ ସେୟାର କରିଛନ୍ତି। ଗୋଟିଏ ଫଟୋରେ ସେ ଆଇସକ୍ରିମ ଖାଉଥିବାର ଦେଖାଯାଉଛି। ତାଙ୍କ ପଛରେ ଜଣେ ପୁରୁଷ ଠିଆ ହୋଇଥିବାର ଦେଖାଯାଉଛି, ତାଙ୍କ ମୁହଁ ସ୍ପଷ୍ଟ ନୁହେଁ; କେବଳ ଏକ ଝଲକ କଏଦ ହୋଇଛି। ପୁରୁଷଙ୍କ ରୂପ ଜାହ୍ନବୀଙ୍କ ପ୍ରେମିକ ଶିଖର ପହାରିଆଙ୍କ ଭଳି। ଏଠାରେ ପ୍ରଶ୍ନ ଉଠୁଛି, ସତରେ ଶିଖର ମଧ୍ୟ ଜାହ୍ନବୀଙ୍କ ସହିତ ସ୍ୱିଜରଲ୍ୟାଣ୍ଡ ଯାଇଛନ୍ତି କି ?

# ଜିଲ୍ଲା ଯୋଜନା କମିଟି ବୈଠକ



ବ୍ରହ୍ମପୁର(ପିପିଏସ୍): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଵ୍ୱାସନ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଓ ସମୟସୀମା ମଧ୍ୟରେ କାର୍ଯ୍ୟଗୁଡିକ ସାରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଗଞ୍ଜାମ ଜିଲ୍ଲାକୁ ଆଗେଇ ନେବା ପାଇଁ ସମସ୍ତଙ୍କ ଲକ୍ଷ୍ୟ ଏକ ହେବା ଦରକାର ବୋଲି ଅଧ୍ୟକ୍ଷ ଶ୍ରୀ ସେଠୀ କହିବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପ ଗୁଡିକୁ ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟକୁ ୨୦୨୭ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ଜିଲ୍ଲା କ୍ଷୁଦ୍ର ଜଳ ସେଚନ ଅଧୀନରେ ଚେକ୍ ଡ୍ୟାମ୍, କେନାଲ ଆଦିର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ ରାସ୍ତା ଓ କୋଠାବାଡି, ଜଳଛାୟା ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ଶକ୍ତି ଯୋଜନା, ସେତୁବନ୍ଧ ଯୋଜନା ଆଦି ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା। ସମସ୍ତ ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ଅଧ୍ୟକ୍ଷ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସମୀର କୁମାର ଜେନା, ଅଧୀକ୍ଷଣ ଯନ୍ତ୍ରୀ ରାସ୍ତା ଓ କୋଠାବାଡି ଭଞ୍ଜନଗର ସତ୍ୟରଞ୍ଜନ ପରିଡା, ଅଧୀକ୍ଷଣ ଯନ୍ତ୍ରୀ, ଭଞ୍ଜନଗର ଜଳ ସେଚନ ବିଭାଗ ସଞ୍ଜୟ କୁମାର ପ୍ରଧାନ, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ପରିମଳ ବ୍ରହ୍ମପୁରଙ୍କ ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ



ଭୁବନେଶ୍ୱର: ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ରାକେଶ କୁମାର ସିଂ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ବ୍ୟାଙ୍କର ଗୋରଖପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ସିଂ ୧୯୯୫ ମସିହାରେ ଛତିଶଗଡରେ ଜଣେ କର୍ମଚାରୀ ଭାବେ ନିଜର ବ୍ୟାଙ୍କିଙ୍ଗ୍ କ୍ୟାରିୟର୍ ଆରମ୍ଭ କରିଥିଲେ। ଶ୍ରୀ ସିଂଙ୍କର ମଧ୍ୟପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ୩୧ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେ ୨୪ ବର୍ଷ ଶାଖା ସ୍ତରରେ ଓ ୭ ବର୍ଷ ପ୍ରଶାସନିକ କାର୍ଯ୍ୟାଳୟରେ କାର୍ଯ୍ୟ କରି ପରିଚାଳନାଗତ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଭୁବନେଶ୍ୱର କ୍ଷେତ୍ରରେ କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ଏମ୍ଏସ୍ଏମ୍ଇ, ରିଟେଲ୍ ବ୍ୟାଙ୍କିଙ୍ଗ୍ ଏବଂ କୃଷି କ୍ଷେତ୍ର ପରି ବ୍ୟାଙ୍କର ପ୍ରାଥମିକତା କ୍ଷେତ୍ରଗୁଡିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗ୍ରାହକ ସନ୍ତୁଷ୍ଟି ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି। ଏଥି ସହିତ ସେ ରାଜ୍ୟରେ ବ୍ୟାଙ୍କର ଉପସ୍ଥିତିକୁ ବଢାଇବା ପାଇଁ ଅଧିକ ଶାଖା ଖୋଲିବା ସହିତ ବ୍ୟାଙ୍କର ପହଞ୍ଚକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା କରୁଛନ୍ତି। ତାଙ୍କର ନିଯୁକ୍ତି ରାଜ୍ୟରେ ବ୍ୟାଙ୍କିଙ୍ଗ୍ ସେବା ଓ ଗ୍ରାହକଙ୍କ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ପୂର୍ବତନ ମନ୍ତ୍ରୀ

ଗୋପ (ପିପିଏସ) ଜିଲ୍ଲା ନିମାପଡା ଟାଉନ ହଲ ପରିସରରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ୬୪ତମ ଜନ୍ମଦିନ ଅବସରରେ ରତ୍ନାକର ଦାଶ ଫାଉଣ୍ଡେସନ ପକ୍ଷରୁ ସକାଳ ୭ଘଟିକା ସମୟରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଟିକୁ ବରିଷ୍ଠ ଶିକ୍ଷାବିତ ଜଗତ ପ୍ରସାଦ ସାବୁତ ଉଦଘାଟନ କରିଥିବା ବେଳେ ନିମାପଡା ଗୋପ ଅଞ୍ଚଳର ୧୦୦ରୁ ଊର୍ଦ୍ଧ ଯୁବକ ଓ ଛାତ୍ରମାନେ ଶିବିରରେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ପରେ ନିମାପଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସମର୍ଥକ ମାନଙ୍କ ଦ୍ୱାରା ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।ଆଜିର ଏହି ରକ୍ତଦାନ ଶିବିରରେ ୭୩ ୟୁନିଟ ରୁ ଊର୍ଦ୍ଧ ରକ୍ତ ସଂଗ୍ରହ କରାଯଇଥିବା ବେଳେ ଆୟୋଜନ କରିଥିବା ସମସ୍ତ ଯୁବ, ଛାତ୍ର ଓ ଦୃଢ ସମର୍ଥକ ମାନଙ୍କୁ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସାଧୁବାଦ ଜଣାଇଥିଲେ।

# ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଅଷ୍ଟମ ପୋଷଣ ପକ୍ଷ ପାଳିତ



ଗୋପ (ପିପିଏସ) ଗୋପ ବ୍ଲକ ସମ୍ମେଳନ କକ୍ଷ ଠାରେ ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ୮ମ ପୋଷାଣ ପକ୍ଷ ପାଳିତ ହୋଇଯାଇଛି। ଗୋପ ବ୍ଲକ ସିଡିପିଓ ମୀନାକ୍ଷି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ କୁମାର ଜେନା ସମେତ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦାନ କରି କିଶୋରୀ ବାଳିକା ଓ ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢୁଥିବା ପିଲାମାନଙ୍କୁ ପୁଷ୍ଟିକର ଓ ପୋଷଣ ଯୁକ୍ତ ଖାଦ୍ୟ ଯୋଗାଣ କରି ସେମାନଙ୍କ ସୁନ୍ଦର ସ୍ୱାସ୍ଥ୍ୟ ଓ ପୁଷ୍ଟି ହୀନତା କବଳରୁ ସୁରକ୍ଷା ଦେବା ପୋଷଣ ପକ୍ଷ ପାଳନର ପ୍ରାଥମିକତା ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକର ୩୧ ଗୋଟି ଗ୍ରାମ ପଞ୍ଚାୟତରେ ଥିବା ଅଙ୍ଗନବାଡି କେନ୍ଦ୍ରର କର୍ମୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ପୋଷଣ ଓ ପୁଷ୍ଟିକର ଖାଦ୍ୟ ମାନ ପ୍ରଦର୍ଶନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଙ୍କ କାର୍ଯ୍ୟାଳୟର ଅଙ୍ଗନବାଡି ସୁପରଭାଇଜର ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରେଷ୍ଠ ବିବେଚିତ ଖାଦ୍ୟ ସାମଗ୍ରୀ ଆଣିଥିବା ଅଙ୍ଗନବାଡି କର୍ମୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## କେନାଲ ଉନ୍ନତିକରଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ଘରୋଇ କଲଭର୍ଟ

# ପଟ୍ଟାମୁଣ୍ଡାଇର ଜୀବନବିନ୍ଦୁ ଏବେ ଚାଷୀଙ୍କ ପାଇଁ ଦୁଃଖ



କେନ୍ଦ୍ରାପଡ଼ା,(ପିପିଏସ):ପଟ୍ଟାମୁଣ୍ଡାଇ ସହରାଞ୍ଚଳ ଅଂଚଳର ଜୀବନ ବିନ୍ଦୁ କୁହାଯାଉଥିବା ୧୫/ଏ କେନାଲ ଏବେ ଚାଷୀଙ୍କ ପାଇଁ ଦୁଃଖ ପାଲଟିଛି କ୍ଷ ପଟ୍ଟାମୁଣ୍ଡାଇ ସହରାଞ୍ଚଳର ବେଲତଳ, ପୋଖରୀପଡା, ଦକ୍ଷିଣ ଦିଆ, ତାତନା ଆଦି ଅଞ୍ଚଳର ଶହ ଶହ କୃଷକମାନଙ୍କ ସୁବିଧା ପାଇଁ ଜଳସେଚନ ଯୋଗାଇ ଦେବା ଏକ ମୁଖ୍ୟ ଉଦ୍ଦେଶ୍ୟ ରଖି କେନାଲକୁ କଂକ୍ରିଟ କରଣ କରାଯାଉଛି। ଏ ବାବଦରେ ୨କୋଟି ୮୩ଲକ୍ଷ ଟଙ୍କା ବ୍ୟୟ ବରାଦରେ କାର୍ଯ୍ୟ କରୁଛି ଜଳ ସେଚନ ବିଭାଗ କ୍ଷ ମାତ୍ର କେନାଲକୁ ଡ୍ରେନ ଭ.... ସରୁ କରିବା ଚାଷୀମାନଙ୍କ ଭିତରେ ଏକ ନିରାଶ ଭାବ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଏ ସରୁ ଡ୍ରେନ ଭିତରେ ଯେଉଁ ଜଳ ଆସୁଛି ତାହା ଆରମ୍ଭ ହୋଇଥିବା କାର୍ଯ୍ୟ ଠାରୁ ପଟ୍ଟାମୁଣ୍ଡାଇ ସ୍ମାର୍ଟ ପାର୍କ ଭିତରେ ୩୦ରୁ ଉର୍ଦ୍ଧ କଲଭଟ ଦୁଃଖକୁ ଦୁଇଗୁଣ କରିଦେଉଛି କ୍ଷ କେନାଲର ଅପରପାଶ୍ୱରେ ରହୁଥିବା ଲୋକମାନେ ଯିବା ଆସିବା ପାଇଁ କଲଭଟମାନ ନିର୍ମାଣ କରିଛନ୍ତି। ଜଳସେଚନ ବିଭାଗର ଅନୁମତି କିଛି ନେଇଥିବା ବେଳେ ଆଉକିଛି ବିନା ଅନୁମତିରେ କଲଭଟମାନ କରିଛନ୍ତି। ନିର୍ମାଣ ହେଉଥିବା କଂକ୍ରିଟ କେନାଲର ଦୁଇ ପାର୍ଶ୍ୱ କଂକ୍ରିଟ ହେବା ସହିତ କେନାଲର ତଳ ମଧ୍ୟ କଂକ୍ରିଟ କରଣ କରାଯାଉଛି। ଯେଉଁ ଜାଗାମାନଙ୍କରେ କଲଭଟ ଗୁଡିକ ଲାଗିଲାଗି ରହିଛି ତାହା ଭିତରେ ମେସିନ ଖୋଲି ପାରୁନାହିଁ କି କଂକ୍ରିଟ କରଣ କରାଯାଇ ପାରୁନାହିଁ। ଏଣୁ କିଛି କଲଭଟ ତଳେ ଡ୍ରେନ ପାଇପମାନ ରହିଥିବା ଦେଖିବାକୁ ମିଳୁଛି ଏଣୁ ଚାଷୀମାନେ ହତାଶ ଭାବ ପ୍ରକାଶ କରୁଛନ୍ତି । ଚାଷୀମାନେ ଅଭିଯୋଗ କରୁଛନ୍ତି, ଯଦି କେନାଲକୁ ଡ୍ରେନ ପାଇପରେ କିଛି ଅଳିଆ ଆବର୍ଜନା ଆସେ ତାକୁ ସଫା କରିବ କିଏ। ଜଳସମ୍ପଦ ବିଭାଗ କେନାଲ ସଫା ନକରିବା ପାଇଁ କେନାଲକୁ କଂକ୍ରିଟ କରଣ କରୁଛି। କଲଭଟ ଗୁଡିକ ତଳେ ଥିବା ଜାଗାରେ କଂକ୍ରିଟ କରଣ କରାନଗଲେ କେନାଲର ଶଯ୍ୟା ଖାଲଢ଼ିପ ରହିବା ସହିତ ପାଣି ଯିବାରେ ବ୍ୟାଘାତ ସୃଷ୍ଟି କରିବ। ଏଣୁ କେନାଲର ଅପର ପାର୍ଶ୍ୱରେ ରହୁଥିବା ଲୋକଙ୍କ ପାଇଁ ଅପର ପାର୍ଶ୍ୱର କେନାଲ ବନ୍ଧକୁ ଯିବା ଆସିବାର ରାସ୍ତା ତିଆରି କରାଯାଏ, ତେବେ କେନାଲ ଉପରେ ଥିବା କଲଭଟର ଆବଶ୍ୟକତା ପଡ଼ନ୍ତା ନାହିଁ ବୋଲି ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ କହିଛନ୍ତି। ପରିବେ-ଶବିତ ପ୍ରଦୀପ ନାୟକ କହିଛନ୍ତି କେନାଲର ଅପର ପାର୍ଶ୍ୱରେ ଜଳସମ୍ପଦ ବିଭାଗର ପର୍ଯ୍ୟାପ୍ତ ଜାଗା ରହିଛି। ସମାଜସେବୀ ପ୍ରବୀର ନାୟକ କହିଛନ୍ତି କେନାଲର ଗୋଟେ ପଟେ ରାସ୍ତା ଅଛି ଅପର ପାର୍ଶ୍ୱରେ ରାସ୍ତା ତିଆରି କରି କଲଭଟ ଗୁଡିକ ଉଠାଇଦେଲେ କେନାଲ କୁ କେହି ଆବର୍ଜନା ପାଣି ଛାଡିପାରିବେ ନାହିଁ ଓ ଚାଷୀଙ୍କ ପାଇଁ ଯାଉଥିବା ପାଣି ବ୍ୟବହାର ଯୋଗ୍ୟ ହୋଇପାରିବ। ଚାଷୀ ମିଳନ ଦାସ,ତୁଷାର ନାୟକ, ଚିତ୍ତ ରଞ୍ଜନ ସାମଲ,ବାବୁଲି ବାରିକ, ସରୋଜ ବଳ କହିଛନ୍ତି ଠେଲା ଦୋକାନୀମାନେ ଲୋକଙ୍କ ଅଇଁଠା ସୋଲ ଦନା,ବଳକା ଖାଦ୍ୟକୁ କଲଭଟ ଉପରେ ଠିଆ ହୋଇ କେନାଲ ମଧ୍ୟକୁ ଢାଳୁଛନ୍ତି ଏହାର ପ୍ରତିକାର ପୌରପରିଷଦ କିଛି କରୁନାହିଁ। ଯଦି କେନାଲର ଅନ୍ୟ ପାର୍ଶ୍ୱରେ ରାସ୍ତା ହୋଇଯାଏ ତେବେ ଜନ ଗହଳି କମିବା ସହିତ କେନାଲ ବ୍ୟବହାର ଉପଯୋଗୀ ହୋଇପାରିବ।

# ମିଳିମିଶି ଲୁଟିଲେ ଲିଙ୍ଗରାଜ କୋଇଲା ଖଣି

ତାଳଚେର , (ପିପିଏସ୍): କୋଇଲା ଖଣି ପାଇଁ ପ୍ରଦୂଷଣ ସୃଷ୍ଟି ସହିତ କୋଇଲା ଉତ୍ପାଦନ କ୍ଷେତ୍ରରେ ଏକ ନମ୍ବର୍ ସ୍ତରକୁ ଆସିଥିବା ମହାନଦୀ କୋଲ୍ ଫିଲ୍ଡ ଲିଙ୍ଗରାଜ କୋଇଲା ଖଣିରେ କାର୍ଯ୍ୟରତ ସିଭିଲ ଇଞ୍ଜିନିୟର ମାନେ ଦୃନୀତି ପଙ୍କରେ ଉବୁଟୁବୁ । ୫୦ ରୁ ୬୦ ପ୍ରତିଶତ ଲେସ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଆଖି ମୁଜିଦେଇ ବିନା କୌଣସି ଯାଞ୍ଚ ରେ ବିଲ ପାସ କରି ମାସିକ ଲକ୍ଷ ଲକ୍ଷ ଟଙ୍କା ପି ସି ଟଙ୍କାରେ ପ୍ୟାକେଟ ଗରମ କରି ନୂଆଁ ପ୍ଲଟ ,କୋଠା ଘର , ସୁନା ଗହଣା , ଦାମି ଘଡି, ଚେନ୍ ମୁଦି ଜମିବାଡ଼ି ,ଭୁବନେଶ୍ୱର ଘର କିଣା ଚାଲିଛି। ଖଣି ମଧ୍ୟରେ କୋଟିକୋଟି ଟଙ୍କାର କଂକ୍ରିଟ କାମ ନିମ୍ନ ମାନର ସିମେଣ୍ଟ ଓ ଲୁହା ରଡ଼ ପାସ କରେଇ ନିମ୍ନ ମାନର ସିଭିଲ କାମ କୁ ଉନ୍ନତ ମାନର କାମ ଦର୍ଶାଇ ଲକ୍ଷାଧିକ ଟଙ୍କା ଲାଞ୍ଚ ଏମ୍ ବି ବୁକ୍ ବିଲ ପାସ କରି ଲୁଟିଲେ ସିଭିଲ ଇଂଜିନିୟର ଓ ପ୍ରୋଜେକ୍ଟ ଓଭରସର। କାମ ଏଗ୍ରିମେଣ୍ଟ ବେଳେ ଟଙ୍କା, ସାଇଟ ଭିଜିଟ ଓ ମେଜରର୍ମେଣ୍ଟ ବେଳେ ଟଙ୍କା , କାମ ସ୍ଥଳକୁ ନଯିବା ପାଇଁ ଟଙ୍କା, ପାଣି ନପକେଇବା ପାଇଁ ଟଙ୍କା , ଚିପସ ଗ୍ରେଡ ବଦଳି ପାସ ପାଇଁ ଟଙ୍କା , ଆରି ବେଳେ ଟଙ୍କା , ଡେଭିୟସନ ବେଳେ ଟଙ୍କା ଏମିତି ଲୁଟ ପରେ ଦରମା ଟଙ୍କାରେ ହାତ ବାଜୁନି , ଘରକୁ ହୋଟେଲ ପାର୍ସଲ , ରବି ଓ ବୁଧୁବାର ଖାସି ମାଂସ , ଦେଶୀ କୁକୁଡ଼ା ,ଦେଶୀ ରୋହି କୁ ବାଗଦା ଚିଙ୍ଗୁଡ଼ି ବୋହି ନେବାରେ ଲଜ୍ୟା କି ସରମ ଅନୁଭବ କରନ୍ତି ନାହିଁ । ବାହାଘର ଗିଫ୍ଟ ସହିତ ଖାମ୍ରେ ବେଭାର ମଧ ଠିକାଦାର ଠାରୁ ଲୁଟ କରନ୍ତି । ମନାଇଛାରେ ଅଫିସ ଆସି ଖୁବ୍ ଶୀଘ୍ର ବ୍ୟାକ କରନ୍ତି। ପ୍ରୋଜେକ୍ଟ ସିଭିଲ ମ୍ୟାନେଜର କୁ କରାୟତ ମଧ୍ୟରେ ବିଭିନ୍ନ ସାଇଡ ଦେଖିବା ପାଇଁ ଲକ୍ଷାଧିକ ଟଙ୍କା ଠିକାଦାର ଠାରୁ ଝଡାଇ ବଡବଡ ମାଇନ୍ସ ଭିତର ସିଭିଲ କାମ , ରୋଡ କାମ ,ମାଟି କଟିଙ୍ଗ , ବଡ ଗଭୀର ଡ୍ରେନ କାମ ହାତେଇ ଏମ୍ ସି ଏଲ କମ୍ପାନୀ କୁ ବୁଡ଼େଇ ବାରେ ଲିଙ୍ଗରାଜ କ୍ଷେତ୍ର ସମସ୍ତ ସିଭିଲ ଜେଇ, ଓଭର ସର୍ ଇଞ୍ଜିନିୟର ଲାଗିପଡିଥିଲେ ମଧ୍ୟ ରାଜନୈତିକ ଓ ଉନୀୟନ୍ ଚାପରେ ଖଣି ମହାପ୍ରବନ୍ଧକ ଚିନ୍ତା ଓ ଚାପରେ ପଡ଼ିଥିବା ଦେଖିବାକୁ ମିଳିଛି । ଶୀଘ୍ର ଏହି ଲାଞ୍ଚୁସ ଇଞ୍ଜିନିୟର ମାନଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାନଗଲେ ଏମ୍ ସି ଏଲ କମ୍ପାନି କ୍ଷତି ଆକଳନ କରିବା କଷ୍ଟସାଧ ହେବ ।

# ଗଛକୁ ଧକ୍କା ଦେଲା ବାଇକ, ଜଣେ ମୃତ, ଜଣେ ଗୁରୁତର



ବ୍ରହ୍ମପୁର(ପିପିଏସ୍): କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ଗ୍ରାମ ପୋଖରୀ ନିକଟ ମୁଖ୍ୟରାସ୍ତା କଡ଼ରେ ଥିବା ଗଛକୁ ଏକ ବାଇକ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ ଚାଳକ ମୃତ୍ୟୁବରଣ କରିଛନ୍ତି। ବାଇକ ପଛରେ ବସିଥିବା ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ପଞ୍ଚାୟତ ଟିକରପଡ଼ା ଗ୍ରାମର ସୁଜିତ ପାତ୍ରଙ୍କ ପୁଅ ଇନ୍ଦ୍ରଜିତ ପାତ୍ର(୧୮) ଏବଂ ଆହାତ ଜଣକ ହେଲେ ସେହି ଗାଁର କାମନା ରାଉଳଙ୍କ ପୁଅ ପ୍ରତୀକ ରାଉଳ(୨୩)। ବୁଧବାର ସକାଳେ ଗୁରୁତର ଆହାତ ପ୍ରତୀକଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ଏତଲା ହେବାପରେ ଦିଗପହଣ୍ଡି ଥାନାଧିକାରୀ କିଶୋର କୁମାର ସାମଲ ମାମଲା ନଂ.୧୭୫/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ପୋଲିସ ଇନ୍ଦ୍ରଜିତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏସି ମେକାନିକ ଭାବେ କାର୍ଯ୍ୟ କରୁଥିବା ଉଭୟ ସାଙ୍ଗ କାମସାରି ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୦ ଟାରେ ବଜାଜ ପଲ୍ସର ବାଇକ (ନଂ. ଓଡ଼ି୦୭ଏ ଜେଡ-୪୮୯୭) ଯୋଗେ ଗାଁକୁ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତାକଡର ଗଛକୁ ଧକ୍କା ଦେଇ ଉଭୟେ ଚାଷଜମିରେ କଚାଡି ହୋଇ ପଡ଼ିଥିଲେ। ଅନ୍ଧାର ରାତିରେ ଘଟଣା କେହି ଦେଖିନଥିବାରୁ ଉଭୟେ ରାତିସାରା ଘଟଣାସ୍ଥଳରେ ପଡ଼ିରହିଥିଲେ। ଭୋରରେ ଗ୍ରାମର କିଛିବ୍ୟକ୍ତି ପୋଖରୀକୁ ଗାଧୋଇବା ପାଇଁ ଯାଉଥିବା ବେଳେ ବାଇକ ସହ ୨ ଯୁବକ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଉଭୟଙ୍କ ମଧ୍ୟରୁ ଜଣେ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ତାଙ୍କୁ କିଛି ଗ୍ରାମବାସୀ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରିଚୟ ପତ୍ରରୁ ତାଙ୍କ ନାଁ ପ୍ରତୀକ ବୋଲି ଜଣାପଡିଛି ।

# ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ ଭୂମି ପୂଜନ ଉତ୍ସବ



ରଘୁନାଥପୁର,(ପିପିଏସ) ପୂର୍ଣଚନ୍ଦ୍ର ବିଦ୍ୟାମନ୍ଦିରର ଏକ ନୂତନ ଗୃହରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ୧୯୮୦ବ୍ୟାଚର ବିଦ୍ୟାଳୟ କିଟ୍ କିସ୍ ଓ କିମ୍ସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଏଠାରେ ଏକ ଅତ୍ୟାଧୁନିକ ସଭାଗୃହ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯିବ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ବିଜୟ କୁମାର ସ୍ୱାଇଁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ପୌରୋହିତ୍ୱ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ଖଗେଶ୍ୱର ବେହେରା, ସିଆରସିସି ଦିଲ୍ଲିପ କୁମାର ସ୍ୱାଇଁ, ସମାଜସେବୀ ସଞ୍ଜୟ କୁମାର ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ଲତା ଦାସ ପ୍ରମୁଖ ଯୋଗ ଦେଇ ଡଃ ସାମନ୍ତଙ୍କ ପ୍ରଚେଷ୍ଟାରେ ଏଭଳି ଏକ ଅତ୍ୟାଧୁନିକ ସଭାଗୃହ ନିର୍ମାଣ ହେବାକୁ ଯାଉ ଥିବାରୁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ଅଧ୍ୟାପକ ଆଶୀଷ ଚକ୍ରବର୍ତ୍ତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଶିବାନୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟତ୍ରୀ ଓ ପୂର୍ବତନ ଛାତ୍ର ଛାତ୍ରୀ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଆଦର୍ଶ କର୍ମଚାରୀ ଅନ୍ନପୂର୍ଣ୍ଣା ରାଉତଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଏବଂ ସମାଜସେବୀ ସଞ୍ଜୟ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ପ୍ରଭାତ କୁମାରୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବାବୁଙ୍କ ଶ୍ରାଦ୍ଧସଭା




ଚୌଦ୍ୱାର,(ପିପିଏସ୍): ବିଶିଷ୍ଟ ରାଜନେତା, ସାରସ୍ୱତ ସାଧକ,ପ୍ରବୀଣ ସାମ୍ବାଦିକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧ ଦିବସ ମଙ୍ଗଳବାର ସଂଧ୍ୟାରେ ଚୌଦ୍ୱାରରେ ପାଳିତ ହୋଇ ଯାଇଛି ।ଚୌଦ୍ୱାର ଜାନକୀବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ତଥା ସଂସଦର ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଓଟିଏମ୍ କଲୋନୀସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଜାନକୀ ବାବୁଙ୍କ ସ୍ମୃତିଚାରଣ କରି ସେ ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିବା ସହ ଓଡ଼ିଶା ତଥା ଓଡ଼ିଆ ଜାତିର ସର୍ବାଙ୍ଗୀନ ବିକାଶରେ ତାଙ୍କର ଅବଦାନକୁ ଓଡ଼ିଶାବାସୀ ସବୁଦିନପାଇଁ ମନେ ରଖିବେ ବୋଲି ପ୍ରକାଶ କରିଥିଲେ ।ବିଶିଷ୍ଟ ସାରସ୍ୱତ ସାଧକ ଡକ୍ଟର ଉଦ୍ଧବ ଚରଣ ନାୟକ ଓ କୃତିବିଦ୍ୟ ସ୍ତମ୍ଭକାର ପ୍ରାଧ୍ୟାପକ ଅଭିରାମ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇ ଜାନକୀବାବୁଙ୍କ ବହୁମୁଖୀ କୃତି ଓ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଏହି ଅବସରରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରକ୍ତନ କୁଳପତି ପ୍ର. ହରେକୃଷ୍ଣ ଶତପଥୀଙ୍କୁ ଜାନକୀବଲ୍ଲଭ ସାରସ୍ୱତ ସମ୍ମାନ, ଡ୍ରିମସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ଜାନକୀବଲ୍ଲଭ ଶିକ୍ଷା ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ଡ. ରାଜାରାମ ଶତପଥୀଙ୍କୁ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଥିଲା ।ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାହାଣୀ ବିବରଣୀ ପାଠ କରିଥିଲେ ।ଶିଶୁ ସଦନର ଅନ୍ତେବାସୀ ମାନେ ସମୂହ ବେଦ ଅବୃତ୍ତି ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଘୁନାଥପୁରରେ କଂଗ୍ରେସର କାର୍ଯ୍ୟାଳୟ ଉଦ୍‌ଘାଟିତ



ରଘୁନାଥପୁର(ପିପିଏସ): ରଘୁନାଥପୁର ବ୍ଲକ କଂଗ୍ରେସର ନୂତନ କାର୍ଯ୍ୟାଳୟ ବ୍ଲକଛକ ନିକଟରେ ଉଦଘାଟିତ ହୋଇଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ଆହ୍ୱାନ କ୍ରମେ ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଫିତା କାଟି ନୂତନ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ। ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ପ୍ରଶାନ୍ତ ଦାସ , ମୁଖପାତ୍ର ସର୍ବେଶ୍ୱର ପଣ୍ଡା , ସମ୍ପାଦକ ଜିତୁ ନାରାୟଣ ସାହୁ ,ବିରିଡି ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରିୟବ୍ରତ ମିଶ୍ର,ନାରାୟଣ ନାୟକ, ବସନ୍ତ ଦାଶ ,ସାଇ ପ୍ରଭଞ୍ଜନ ମହାପାତ୍ର, ପ୍ରଦୀପ୍ତ ଦାସ , ବିଭୁ ରଞ୍ଜନ ସ୍ୱାଇଁ ଓ ବରାଗୋଳ ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ଏସ୍.ନିହାର ରଞ୍ଜନ ଓ ସ୍ୱସ୍ତିକ ଟପ୍ପର




ବ୍ରହ୍ମପୁର(ପିପିଏସ୍): ସଦ୍ୟ ପ୍ରକାଶିତ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଂଚାଳନା କରାଯାଇଥିବା ଜେଇଇ ମେନ୍ ଦ୍ୱିତୀୟ ପର୍ଯ୍ୟାୟ ଯୁଗ୍ମ ପ୍ରେବଶିକା ପରୀକ୍ଷାଫଳ ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟ ଜେଇଇ (ମେନ)-୨୦୨୬ ଅନ୍‌ଲାଇନ୍ ପରୀକ୍ଷା ତା.୦୨-୦୪-୨୦୨୬ ରିଖରୁ ଆରମ୍ଭ ହୋଇ ୦୮-୦୪-୨୦୨୬ ରିଖ ପର୍ଯ୍ୟନ୍ତ ହୋଇଥିଲା । ଏହି ପରୀକ୍ଷା ନିମେନ୍ତ ସାରା ଦେଶେର ୩୦୪ଟି ସହରେର ୫୬୬ଟି କେନ୍ଦ୍ର ହୋଇଥିଲା । ଉଭୟ ପର୍ଯ୍ୟାୟେର ମୋଟ ୧୦ଲକ୍ଷ ୩୮ହଜାର ୬୧ଜଣ ଛାତ୍ର ଓ ୫ଲକ୍ଷ ୫୬ହଜାର ୭୯୩ଜଣ ଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପ୍ରକାଶେଯାଗ୍ୟ, ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଜେଇଇ(ମେନ୍) ପରୀକ୍ଷାରେ ସର୍ବୋତମ ପାରଦର୍ଶିତ ପ୍ରଦର୍ଶନ କରି ପୂର୍ବ ଗୌରବକୁ ବଜାୟ ରଖିଛନ୍ତି । ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟେର ୯୯.୦୦ପ୍ରତିଶତରୁ ଊର୍ଦ୍ଧ୍ୱ ୨ଜଣ, ୯୮.୦୦ ପ୍ରତିଶତରୁ ଊର୍ଦ୍ଧ୍ୱ ୮ ଜଣ ରଖିଥିବା ବେଳେ ୧୦୪ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତରୁଊର୍ଦ୍ଧ୍ୱ ନମ୍ବର ରଖି ଭାରତର ସର୍ବୋତ୍କୃଷ୍ଟ ବୈଷୟିକ ଅନୁଷ୍ଠାନେର ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ସହିତ ସାଧାରଣ ବଗର୍ରୁ ୬୨ଜଣ ଛାତ୍ରଛାତ୍ରୀ ଜେଇଇ(ଆଡ୍‌ଭାନସଡ୍) ପରୀକ୍ଷା ଦେବା ପାଇଁ ବବିେଚିତ ହୋଇଛନ୍ତି। ସୂଚନାେଯାଗ୍ୟ, ଏସ୍.ନିହାର ରଞ୍ଜନ ପାତ୍ର ୯୯.୩୬ ଏବଂ ଶ୍ୱସ୍ତିକ ସାହୁ ୯୯.୦୬ ରଖି ବିଦ୍ୟାଳୟର ଟପ୍ପର୍ ହୋଇଥିବା ବେଳେ ସୋହନ ଦାଶ ୯୮.୬୯, ମହାପ୍ରସାଦ ଦାଶ ୯୮.୩୯, ଶ୍ୱସ୍ତିକ ସାହୁ ୯୮.୩୭, କେ.ଶ୍ରୀ କିରନ ୯୮.୩୬, ବିଭୂତି ଭୂଷଣ ପଣ୍ଡା ୯୮.୨୬, ଦେବଦତ ଦେହୁରୀ ୯୮.୦୫, କେଶବ ଚନ୍ଦ୍ର ପରିଡ଼ା ୯୭.୯୪, ଅମନଜିତ୍ ତ୍ରିପାଠୀ ୯୭.୯୩, ଜସ୍ମିନ୍ ପାଣିଗ୍ରାହୀ ୯୭.୬୪, ଅଂଶୁମାନ ରାଉତରାଏ ୯୭.୬୨, ଧିରୋଜ ସ୍ୱାଇଁ ୯୭.୨୯, ସ୍ୱୟଂ ଆରିୟନ୍ ପଣ୍ଡା ୯୭.୨୫, ଅଂଶୁମାନ ସାହୁ ୯୭.୧୮, ବିଭୂଦତ ପୃଷ୍ଟି ୯୭.୧୧, ସଂଜ୍ଞାଦେବୀ ଜେନା ୯୭.୦୬, ବି. ପବିତ୍ର ୯୭.୦୦, କେ ସନ୍ଦିପ୍ କୁମାର ୯୬.୯୭, ସତ୍ୟନାରାୟଣ ସାହୁ ୯୬.୯୩, ଜୀବନଜ୍ୟୋତି ନାହାକ ୯୬.୯୦, ସ୍ମିତିରାଣୀ ମିଶ୍ର ୯୬.୮୬, ତନ୍ମୟ ଆଚାର୍ଯ୍ୟ ୯୬.୭୭, ସ୍ୱୟଂଶକ୍ତି ପ୍ରଧାନ ୯୬.୭୦, ଦୁତିକୃଷ୍ଣ ପରିଡ଼ା ୯୬.୬୯, ଓମ୍ ପ୍ରକାଶ ନାୟକ ୯୬.୬୪, ଦେବାଶିଷ ରଥ ୯୬.୩୫, ଶ୍ରୀୟା ମିଶ୍ର ୯୬.୨୬, ଶ୍ରୀୟାସ୍ମିନ୍ ପାତ୍ର ୯୬.୨୪, ଦିବ୍ୟଞ୍ଜନା ବିଶ୍ୱାଳ ୯୬.୨୦, ମେହଶ୍ୱର ପଣ୍ଡା ୯୬.୦୦, ଶଶାଙ୍କ କୁମାର ସାହୁ ୯୫.୮୦, ସୌମ୍ୟେସୌରଭ ନାୟକ ୯୫.୭୩, ନାରାୟଣ ଦାଶ ୯୫.୫୮, ଯଶସ୍ୱୀ କୁମାର ସାହୁ ୯୫.୫୫, ଜେ. ଶାଇଶ୍ରୀ ପୃଷ୍ଟି ୯୫.୫୪, ଇତିଶ୍ରୀ ବେହେରା ୯୫.୫୧, ଅମିତ୍ କୁମାର ବିଶ୍ୱାଳ ୯୫.୪୭, ଶୁଭପ୍ରସାଦ ପଣ୍ଡା ୯୫.୩୦, ଶିବ ଚରଣ ରଣା ୯୫.୧୭, ଦିପ୍ତୀମୟୀ ଗୌଡ଼ ୯୫.୧୦, ରୁଦ୍ରପ୍ରତାପ ସାଶମଲ୍ ୯୫.୧୦, ପ୍ରିତମ ପ୍ରସାଦ ପ୍ରଧାନ ୯୪.୮୦, ସେନ୍ତାଷ କୁମାର ଜେନା ୯୪.୭୯, ବିଶାଖା ତରାଇ ୯୪.୭୮, ସମ୍ମିତ୍ ସ୍ୱାଇଁ ୯୪.୭୬, ସମିକ୍ଷା ସାହୁ ୯୪.୭୬, ସ୍ୱାଗତିକା ପ୍ରଧାନ ୯୪.୭୪, ସ୍ନେହାଶିଷ ପ୍ରଧାନ ୯୪.୫୪, ସୁଧାଂଶୁ ଶେଖର ବଷୋୟୀ ୯୪.୩୮, ଶ୍ରୀଧର ସାବତ ୯୪.୩୭, ଶୁଭମ୍ ବେହେରା ୯୪.୨୩, ଅନର୍ଭ କୁମାର ପାଳ ୯୪.୨୦, ବିଭୂରଞ୍ଜନ ସାମନ୍ତରାୟ ୯୪.୦୨, ବନମାଳୀ ଅଶ୍ୱିନୀ କୁମାର ୯୪.୦୦, ବିଭୂଦତ ମହାପାତ୍ର ୯୪.୦୦, ଅମ୍ବକେଶ ଆଚାର୍ଯ୍ୟ ୯୩.୭୮, ଚନ୍ଦ୍ରଭାନୁ ପିୟୁଷ ଦାଶ ୯୩.୭୦, ବାପୁଜୀ ପାତ୍ର ୯୩.୬୨, ତାରା ପ୍ରସାଦ ସାହୁ ୯୩.୫୫, ରୁଦ୍ରନାରାୟଣ ପଣ୍ଡା ୯୩.୫୦, ସୁଦାମ ବିଶ୍ୱାଳ ୯୩.୩୪, ସତ୍ୟଶୋଭନ ପାତ୍ର ୯୩.୩୦, ମୟଂକ କୁମାର ସାହୁ ୯୩.୨୮, ଲିପ୍ସାରାଣୀ ବେହେରା ୯୩.୨୧, ଅମୃତାଂଶୁ କମିଲା ୯୩.୧୬, ଶ୍ରୀଅର୍ପିତା ବେହେରା ୯୩.୦୦, ଏସ୍.ଜ୍ୟୋତି ରେଡ୍ଡି ୯୨.୮୩, ଶିବପ୍ରସାଦ ଡାକୁଆ ୯୨.୭୨, ଦେବସ୍ମିନୀ ରାଉତ ୯୨.୬୭, ଅଖିଳେଶ ପାତ୍ର ୯୨.୬୬, ରୁଦ୍ରପ୍ରସାଦ ପଲାଇ ୯୨.୫୫, ଆର୍ଶୀବାଦ ବେହେରା ୯୨.୫୨, ଅନି;ମଶ ପାତ୍ର ୯୨.୪୭, ଅନୁଜ କୁମାର ସେଠୀ ୯୨.୩୯, ଆଦିତ୍ୟ ନାରାୟଣ ଗୌଡ଼ ୯୨.୨୫, ଆଶୁତୋଷ ମହାନ୍ତି ୯୨.୨୦, ରୋଜାଲିନ୍ ଧର ୯୨.୧୨, ଆଶିଷ କୁମାର ପାତ୍ର ୯୧.୦୫, ତାରିଣୀ ପ୍ରସାଦ ୯୨.୦୧, ଶୁଭମ୍ ସାହୁ ୯୨.୦୦, ଶୁଭମ୍ ବଷୋୟୀ ୯୧.୯୦, ନେହା ପଧାନ ୯୧.୭୩, ସୁମିତ୍ କୁମାର ହେମ୍ବ୍ରମ୍ ୯୧.୬୫, ନିତିଶ କୁମାର ମହାନ୍ତି ୯୧.୫୨, ସୌମ୍ୟରଞ୍ଜନ ସାହୁ ୯୧.୫୨, ଜ୍ୟୋତିପ୍ରକାଶ ଜେନା ୯୧.୩୮, ମଧୁସ୍ମିତା ପାତ୍ର ୯୧.୧୮, ବିଶ୍ୱଜିତ୍ ସ୍ୱାଇଁ ୯୧.୧୧, ଆଶୁତୋଷ ତରାଇ ୯୧.୦୬, ଅଂଶୁମାନ ମହାରଣା ୯୧.୦୦, ମନିଷ୍ ପ୍ରିତମ ମହାନ୍ତି ୯୧.୦୦, ଅନିକେତ ମଙ୍ଗରାଜ ୯୦.୮୯, ମନିଷା ବିଶ୍ୱାଳ ୯୦.୮୨, ଅଙ୍କିତା ନାୟକ ୯୦.୪୦, ରେଷ୍ମାରାଣୀ ବେହେରା ୯୦.୩୯, ଅଶ୍ୱିନୀ ପାଢ଼ୀ ୯୦.୩୪, ଅମିତ୍ କୁମାର ପଣ୍ଡା ୯୦.୩୪, ଏନ୍. ଗୋପିକା ଅକ୍ସୟା ୯୦.୨୬, ପି. ନମର୍ଦା ପାତ୍ର ୯୦.୧୯, ଶାନ୍ତନୁ କୁମାର ସାହୁ ୯୦.୦୬, ଜନ୍ମେଜୟ ମହାନ୍ତି ୯୦.୦୬, ସାଇରାମ ପଣ୍ଡା ୯୦.୦୪, ଆଶୁତୋଷ ପାଢ଼ୀ ୯୦.୦୨ ପ୍ରତିଶତ ରଖିଛନ୍ତି । ଏହି ସଫଳତା ପାଇଁ ଆମ୍ଭ କୋଚିଂ ଡିଭିଜନ୍‌ର ସବର୍ଭାରତୀୟ ସ୍ତରର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରେଚଷ୍ଟାକୁ ଶ୍ରେୟ ଦିଆଯାଉଛି । ଉତ୍ସର୍ଗୀକୃତ ଭାବେ ଶିକ୍ଷାଦାନ ଦେଉଥିବା ସର୍ବଭାରତୀୟ ସ୍ତରର ଅଭିଜ୍ଞ ପ୍ରାଧ୍ୟାପକ ମାନଙ୍କର କେଠାର ପରିଶ୍ରମ, ଅଭିଭାବକ ମାନଙ୍କର ସଦିଚ୍ଛା ଯଥା ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ଏବଂ କେଠାର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସେମତ ପରିଚାଳନା ସମିତିର ସମସ୍ତ ସଦସ୍ୟ, କୋଚିଂ ଡିଭିଜନ୍‌ର ସମସ୍ତ କର୍ମକର୍ତା, ସଫଳତାପ୍ରାପ୍ତ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ବରଯାତ୍ରୀଙ୍କ ଉପରକୁ ଗୁଳିମାଡ଼ : ୨ ଗୁରୁତର



ବୌଦ୍ଧ(ପିପିଏସ୍) : ବେଲପୁଞ୍ଜି ଗ୍ରାମକୁ ବରଯାତ୍ରୀ ଦଳ ଯାଇଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଅତର୍କିତ ଗୁଳି ମାଡ଼ ହୋଇଛି । ଏହି ଗୁଳିମାଡ଼ରେ ୨ ଜଣ ଗୁରୁତର ଆହତ ହୋଇ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ , ମଙ୍ଗଳବାର ବୌଦ୍ଧ ବ୍ଲକ ଆମ୍ବଝରୀ ଗ୍ରାମ ପଞ୍ଚାୟତ ବଇଲବେଡା ଗ୍ରାମରୁ ଏକ ବରଯାତ୍ରୀ ଦଳ ଆଠମଲ୍ଲିକ ଥାନା ବେଲପୁଞ୍ଜି ଗ୍ରାମକୁ ଯାଇଥିଲେ । କୌଣସି କାରଣକୁ ନେଇ ବରଯାତ୍ରୀ ଦଳ ଉପରକୁ ଗୁଳିମାଡ଼ ହୋଇଥିଲା । ବରଯାତ୍ରୀ ଦଳରେ ଥିବା ମନମୁଣ୍ଡା ଥାନା ଦମଡା ଗ୍ରାମର ରାକେଶ କହଁରଙ୍କ ଗୋଡରେ ଓ କିରାସିରା ଗ୍ରାମର ସଞ୍ଜୀବ ଭୋଇଙ୍କ ହାତ ପାପୁଲିରେ ଗୁଳି ବାଜିଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ମାଧପୁର ଓ ପରେ ବିଳମ୍ବିତ ରାତିରେ ବୌଦ୍ଧ ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଗୁଳି ମାଡ କରିଥିବା ଜଣେ ବ୍ୟକ୍ତିକୁ ବରଯାତ୍ରୀ ଦଳ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି । ଗୁଳିକାଣ୍ଡର କାରଣ ଜଣାପଡି ନାହିଁ ।

## ଖଜୁରିପଡାରେ ସର୍ବାଧିକ ୨୫.୦ ମି.ମି. ବର୍ଷା

କନ୍ଧମାଳ : ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ସର୍ବାଧିକ ୨୫.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ମୟୂରଭଞ୍ଜ ଜିଲ୍ଲାର ତିରିଂରେ ୧୯.୬ ମି.ମି., ଚନ୍ଦୁଆରେ ୧୯.୦ ମି.ମି., କୁସୁମିରେ ୧୪.୦ ମି.ମି., ସୁଳିଆପଦାରେ ୧୨.୦ ମି.ମି., ବହଳଦାରେ ୧୨.୦ ମି.ମି., ବାଙ୍ଗିରିପୋଷିରେ ୧୧.୮ ମି.ମି., ଚନ୍ଦନପୁରରେ ୧୧.୨ ମି.ମି., ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ୧୧.୦ ମି.ମି., କେନ୍ଦୁଝର ଜିଲ୍ଲାର ବାଂଶପାଳରେ ୧୦.୨ ମି.ମି., କେନ୍ଦୁଝରଗଡ଼ରେ ୭.୬ ମି.ମି., ସାହରପଡାରେ ୭.୪ ମି.ମି. ଏବଂ ମୟୂରଭଞ୍ଜ ଜିଲ୍ଲାର ଜାମଦାରେ ୭.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ସୁସ୍ଥ ପଞ୍ଚାୟତ ଗଠନ ନିମନ୍ତେ ବ୍ଲକ୍‌ସ୍ତରୀୟ କର୍ମଶାଳା




ରାୟଗଡା(ପିପିଏସ୍) : ସୁସ୍ଥ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ବ୍ଲକ୍‌ସ୍ତରୀୟ କର୍ମଶାଳା । ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ସଦ୍‌ଭାବନା ଗୃହରେ ଆୟୋଜିତ ଏହି କର୍ମଶାଳାକୁ ବିଡିଓ ସୁଜିତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ରାଜ୍ୟସ୍ତରୀୟ ସମ୍ବଳ ବ୍ୟକ୍ତିତ୍ୱ ସଙ୍ଗୀତା ମଙ୍ଗରାଜ, ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଳ ବ୍ୟକ୍ତିତ୍ୱ ନୀଳାଞ୍ଚଳ ମିଶ୍ର ଓ ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଏହି ତାଲିମ ପ୍ରଦାନ କରିଥିଲେ । ଏଥିରେ ମହିଳା ଓ ଶିଶୁ ବିକାଶ, ନିର୍ବାଚିତ ପ୍ରତିନିଧି, ଏମବିକେ, ସିଆରପି, ଆଶାକର୍ମୀ ଆଦି କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ସୁସ୍ଥ ଶରୀର ବିକାଶର ଚାବିକାଠି । ଜନସାଧାରଣ ସମାଜରେ ନିଜ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ସୁସ୍ଥ ରହିବା ଜରୁରୀ । ସୁସ୍ଥ ଶରୀର କାର୍ଯ୍ୟ ଦକ୍ଷତା ବଢ଼ାଏ । ସ୍ୱାସ୍ଥ୍ୟ ଦୁର୍ବଳ ହେଲେ କାର୍ଯ୍ୟ ଦକ୍ଷତା କମିବା ସହ କାର୍ଯ୍ୟଶୈଳୀ ଓ ସମୟାନୁବର୍ତ୍ତିତା ପ୍ରଭାବିତ ହୋଇଥାଏ । ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟର ମଧ ପ୍ରଭାବ ନିଜ କର୍ତ୍ତବ୍ୟ, ପରିବାର, ପରିବେଶ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିଥାଏ । ଗ୍ରାମ ପଞ୍ଚାୟତ ସ୍ତରରେ ସୁସ୍ଥ ସମାଜ ଗଠନ ନିମନ୍ତେ ସଚେତନର ଆବଶ୍ୟକତା ରହଛି । ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରତି ବ୍ଲକରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ କହିଛନ୍ତି ।

# ଦୁର୍ଘଟଣାରେ ଚାଲିଗଲା ସ୍ୱାମୀ - ସ୍ତ୍ରୀଙ୍କ ଜୀବନ

କେନ୍ଦୁଝର: ଭାଣିଜୀ ବାହାଘରକୁ ଯାଉଥିଲେ ମାମୁ ମାଇ । ବାଟରେ ବାଇକ୍ ଦୁର୍ଘଟଣାରେ ଚାଲିଗଲା ସ୍ୱାମୀ - ସ୍ତ୍ରୀ ଙ୍କ ଜୀବନ । ଆନନ୍ଦପୁର ସୀମାନ୍ତ ମହୁଲଡିହା ଥାନା ଶାଳଚୁଆ ଘାଟିଠାରେ ବାଇକ୍ ଦୁର୍ଘଟଣା ଘଟି ଚାଲିଗଲା ସ୍ୱାମୀ- ସ୍ତ୍ରୀ ଙ୍କ ଜୀବନ । ମୃତକ ଠାକୁରମୁଣ୍ଡା ଥାନା ଜମନାଳିଆ ଗାଁ ର କୁର୍ମୁ ମହାନ୍ତ ଓ ରେବତୀ ମହାନ୍ତ । ଉଭୟେ ଆଜି ମଧ୍ୟାହ୍ନରେ ଏକ ବାହାଘର କାମରେ ଆନନ୍ଦପୁର ଥାନା କାଠକଟା ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ତେବେ ଦୁର୍ଘଟଣାର ସଠିକ୍ କାରଣ ଜଣାପଡି ନଥିବାବେଳେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି । ପୋଲିସ୍ ସହାୟତାରେ ରେବତୀ ଙ୍କୁ ଓ ଏକ ଆମ୍ବୁଲାନ୍ସ ରେ ସ୍ୱାମୀ କର୍ମୁ ଙ୍କୁ ଆନନ୍ଦପୁର ମେଡିକାଲ ରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି ଡକ୍ତର । ଘଟଣାର ତଦନ୍ତ ଆରମ୍ଭ କରିଛି ମହୁଲଡିହା ପୋଲିସ୍ ।

# ସ୍ୱାଧୀନତା ସଂଗ୍ରାମ ଓ ଆଦିବାସୀଙ୍କ ବିକାଶ ପାଇଁ ସଦାଶିବଙ୍କ ଅବଦାନ ଅବିସ୍ମରଣୀୟ

## ଜିଲ୍ଲାସ୍ତରୀୟ ସଦାଶିବ ତ୍ରିପାଠୀ ଜୟନ୍ତୀ

ମାଲକାନଗିରି: ମାଲକାନଗିରି ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡଃ. ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଉପ-ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ ଯେ, ଡଃ. ସଦାଶିବ ତ୍ରିପାଠୀ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଆଧୁନିକ ଓଡ଼ିଶାର ଜଣେ ଦୂରଦ୍ରଷ୍ଟା ନିର୍ମାତା । ତାଙ୍କର ନିର୍ମଳ ଶାସନ ଏବଂ ସମାଜର ମଙ୍ଗଳ ପାଇଁ ତାଙ୍କର ନିଷ୍ଠା ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମହାରଣା, ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଏବଂ ଅଧ୍ୟାପକ ଡଃ ରଞ୍ଜନ ସାଇଁ ଉପସ୍ଥିତ ରହି ଡଃ. ତ୍ରିପାଠୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ସେମାନେ ମିଳିତ ଭାବେ କହିଥିଲେ ଯେ, ଡଃ ତ୍ରିପାଠୀଙ୍କ ସରଳ ଜୀବନଯାପନ ଏବଂ ଶିକ୍ଷାର ପ୍ରସାର ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବ ଅତୁଳନୀୟ । ଜଣେ ଗାନ୍ଧୀବାଦୀ ନେତା ଭାବେ ସେ ସର୍ବଦା ନିଷ୍ପେଷିତଙ୍କ ସ୍ୱର ହୋଇ ରହିଥିଲେ ଏବଂ ତାଙ୍କ ପଦାଙ୍କ ଅନୁସରଣ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ରଞ୍ଜନ ମହାନ୍ତି ଏବଂ ହରେକୃଷ୍ଣ କୀର୍ତ୍ତନିୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୨୨ଯୋଡ଼ାଙ୍କ ବିବାହ ସମ୍ପନ୍ନ




ରାୟଗଡ଼ା, (ପିପିଏସ୍) : ସାମାଜିକ ସଂସ୍କାର ଓ ମହିଳା ସଶକ୍ତିକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ରାୟଗଡ଼ାଠାରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' (ଗକଇଣ) ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କରାଯାଇଛି । ସ୍ଥାନୀୟ ଜେ.କେ. ପେପର ମିଲ୍ସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଲା ସମାଜରୁ ବାଲ୍ୟବିବାହ ପ୍ରଥାକୁ ସମୂଳେ ଦୂର କରିବା ସହ ନବଦମ୍ପତିଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା । ଜେ.କେ. ପେପର ମିଲ୍ସର ସିଏସଆର୍ ଶାଖା 'ସ୍ୱର୍ଣ୍ଣ ସୋସିଆଲ ଫାଉଣ୍ଡେସନ୍' ଏହି ଜିଲ୍ଲାର କାର୍ଯ୍ୟକାରୀ ସଂସ୍ଥା ଭାବେ ସମାରୋହଟିକୁ ସଫଳ ଭାବେ ଆୟୋଜନ କରିଥିଲା । ଏହି ଅବସରରେ ଏସ୍‌ଡିସି ଅଧ୍ୟକ୍ଷ ବିଦ୍ୟାଧର ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏସ୍‌ଡିସି ଉପାଧ୍ୟକ୍ଷା ମଞ୍ଜୁଳା ମିନିଆକା, ଓ ବିଶିଷ୍ଟ ଅତିଥି ବିଷମକଟକ ବିଧାୟକ ନୀଳମାଧବ ହିକକା, ସମ୍ମାନିତ ଅତିଥି ଏଡିଏମ୍ (ସାଧାରଣ) ନବୀନ ଚନ୍ଦ୍ର ନାୟକ,ଏ.ଡି.ଏମ୍. (ରାଜସ୍ୱ) ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଏବଂ ଉପ-ଜିଲ୍ଲାପାଳ ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗନ୍ଧର୍ବ ବାର୍ଲା, ପି.ଏ.-ଆଇଟିଡିଏଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗୋରଡ଼ା, ରାୟଗଡ଼ା ବିଡିଓ ସୁଜିତ କୁମାର ମିଶ୍ର, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଏସ୍‌ଏସ୍‌ଏସ୍‌ଓ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ,ଥାନାଧିକାରୀ ଉତ୍ତମ କୁମାର ସାହୁ, ସିଡବ୍ଲ୍ୟୁସି ଅଧ୍ୟକ୍ଷ ପ୍ରମୋଦ ନାଏକ ଏବଂ ଡିସି ଦିବାକର ପରିଛା ସହ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ୨୨ଟି ଯୋଡ଼ିଙ୍କୁ ବିବାହ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ । ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ସିଧାସଳଖ ବ୍ୟାଙ୍କ ଖାତାକୁ ୪୫ ହଜାର ଟଙ୍କା ଆର୍ଥିକ ସହାୟତା (ଡିବିଟି) ମାଧ୍ୟମରେ ପ୍ରଦାନ କରାଯିବ । ଜେକେ ପେପର ମିଲ୍ସର ଜିଏମ୍ (ଏଚ୍‌ଆରଓ ଆଇଆର) ସନ୍ଦୀପ ପାଣ୍ଡେ, ଜି.ଏମ୍. (କ୍ୱାଲିଟି କଣ୍ଟ୍ରୋଲ) ଗୌରୀଶଙ୍କର ପଟ୍ଟନାୟକ ଏବଂ ପିଆଆରଓ ସ୍ମୃତିରେଖା କର ମଧ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗର ତତ୍ତ୍ୱାବଧାନରେ ସ୍ୱର୍ଣ୍ଣ ସୋସିଆଲ ଫାଉଣ୍ଡେସନ୍‌ର ମ୍ୟାନେଜର ଆଦିତ୍ୟ ପଟ୍ଟନାୟକ ଓ ତାଙ୍କ ଟିମ୍ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଉପସ୍ଥିତ ବକ୍ତାମାନେ ମତପ୍ରକାଶ କରିଥିଲେ ଯେ, ଏହି ଯୋଜନା ବାଲ୍ୟବିବାହମୁକ୍ତ ସମାଜ ଗଠନ, ମହିଳାଙ୍କ ସମ୍ମାନ ବୃଦ୍ଧି, ଶିକ୍ଷାର ପ୍ରୋତ୍ସାହନ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଓଡ଼ିଶା ସରକାରଙ୍କ ଏକ ବଳିଷ୍ଠ ଓ ଦୂରଦର୍ଶୀ ପଦକ୍ଷେପ ।

## ୪ ଦିନ ବିଦ୍ୟାଳୟ ଛୁଟି ଘୋଷଣା

ମାଲକାନଗିରି: ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଗୁଲୁଗୁଲିକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ ଛୁଟି ଘୋଷଣା କରାଯାଇଛି । ଜିଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ଏହି ନିୟମ ଲାଗୁ ହେବ ।ତେବେ, ପୂର୍ବରୁ ନିର୍ଦ୍ଧାରିତ ପଂଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଂଟାରୀ ପରୀକ୍ଷା ନିୟମିତ ଭାବେ ଅନୁଷ୍ଠିତ ହେବ ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଘେରିଲା ଛାତ୍ର କଂଗ୍ରେସ



ବଲାଙ୍ଗିର,(ପିପିଏସ୍) : ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ନେତୃତ୍ୱରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୁଳପତି କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦୁଇଟି ମୁଖ୍ୟ ଦାବିକୁ ନେଇ ଏହି ଆନ୍ଦୋଳନ ହୋଇଥିଲା । ପ୍ରଥମ ଦାବି ଭାବେ ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର ପରୀକ୍ଷାକୁ ସ୍ଥଗିତ କରି ତାରିଖକୁ ଆଗକୁ ବଢାଇବାକୁ ଦାବି କରାଯାଇଥିଲା । ଦ୍ୱିତୀୟତଃ ବଲାଙ୍ଗିର ଜିଲ୍ଲାରେ ଅତ୍ୟଧିକ ତାପମାତ୍ରା ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟକୁ ତତ୍କାଳ ବନ୍ଦ କରିବା ପାଇଁ ଦାବି ଉଠିଥିଲା । ଏହି ଆନ୍ଦୋଳନକୁ ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ସୁଚାରୁ ଭାବେ ସଂଗଠିତ କରାଯାଇଥିଲା । ତାଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ସଦସ୍ୟମାନେ ଦୃଢ ଭାବରେ ଏହି ଦୁଇଟି ଦାବିକୁ ଉପସ୍ଥାପନା କରି ଆନ୍ଦୋଳନକୁ ଶକ୍ତିଶାଳି କରିଥିଲେ । ବିକ୍ଷୋଭ ସମୟରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରି ନିଜ ଅଧିକାର ପାଇଁ ସ୍ୱର ଉଠାଇଥିଲେ । ବିଶେଷ କଥା ହେଉଛି ଏହି ଦାବିକୁ କେବଳ ଛାତ୍ର କଂଗ୍ରେସ ପକ୍ଷରୁ ମାତ୍ର ଉଠା ଯାଇଥିଲା ଏବଂ ଏହା ପାଇଁ ସଂଗଠନ ପକ୍ଷରୁ ଲଗାତାର ପ୍ରୟାସ ଜାରି ରହିଥିଲା । ଛାତ୍ର କଂଗ୍ରେସ ପକ୍ଷରୁ ଜଣାଇଯାଇଛି ଯେ, ଚିନ୍ମୟ ବେହେରାଙ୍କ ସକ୍ରିୟ ପଦକ୍ଷେପ ଓ ଦୃଢ ନେତୃତ୍ୱର ଫଳ ସ୍ୱରୂପ ବିଶ୍ୱ ବିଦ୍ୟାଳୟ ପ୍ରଶାସନ ଛାତ୍ରମାନଙ୍କ ଦାବିକୁ ସକାରାତ୍ମକ ଭାବେ ଗ୍ରହଣ କରିଛି । ଏହାର ପରିଣାମସ୍ୱରୁପ ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର ପରୀକ୍ଷା କୁ ସ୍ଥଗିତ କରାଯାଇ ତାହାର ତାରିଖକୁ ଆଗକୁ ଘୁଞ୍ଚାଯାଇଛି । ଏହି ସଫଳତାକୁ ଛାତ୍ର କଂଗ୍ରେସ ତାଙ୍କର ଏକତା, ସଂଘର୍ଷ ଓ ଛାତ୍ରହିତ ପ୍ରତିବଦ୍ଧତାର ଜୟ ବୋଲି ବର୍ଣ୍ଣନା କରିଛି ।

# ଆଦି ଗୁରୁ ଶଙ୍କରାଚାର୍ଯ୍ୟ ଜୟନ୍ତୀ ପାଳିତ



ବଲାଙ୍ଗିର,(ପିପିଏସ୍) : ଅଖଣ୍ଡ ଭାଗବତ ଜ୍ଞାନ ଯଜ୍ଞ କମିଟି, ବ୍ରାହ୍ମଣପଡା ଭାଗବତ ମନ୍ଦିର ପରିସରରେ ଆଦି ଶଙ୍କରାଚାର୍ଯ୍ୟ ୧୨୩୮ ଜନ୍ମ ଜୟନ୍ତୀ ଉତ୍ସବ ଭାଗବତ ମନ୍ଦିରର ଭକ୍ତମାନଙ୍କ ମେଳରେ ମହା ସମମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସଭ୍ୟ ଗିରିଜା ଶଙ୍କର ରଥ ଅତିଥି ଭାବରେ ଶଙ୍କରାଚାର୍ଯ୍ୟ ଙ୍କ ଜୀବନାଦର୍ଶ ଓ ତାଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ଗୁଡିକ ଅତି ସୁନ୍ଦର ଭାବରେ ପ୍ରଦାନ କରିଥିଲେ । ବକ୍ତା ଭାବରେ ବିଶିଷ୍ଟ ଗାଳ୍ପିକ, ପ୍ରବଚକ, ଗୀତା ବିଶାରଦ, ପ୍ରଦୀପ ମିଶ୍ର ଶଙ୍କରାଚାର୍ଯ୍ୟ ଙ୍କ ଜୀବନୀ ସହ ତାଙ୍କର ସାହିତ୍ୟ କୃତି ଗୁଡିକର ଆବୃତ୍ତି ଶାସ୍ତ୍ରୀୟ ଢଙ୍ଗ ରେ କରି ତାର ଅର୍ଥ କୁ ସୁନ୍ଦର ରୂପରେ ଗାୟନ କରିବା ସହ ତାର ଅର୍ଥ କୁ ବ୍ୟାଖା କରିଥିଲେ । ଶଙ୍କରାଚାର୍ଯ୍ୟଙ୍କ କୃତି ମୋହ ମୁଦଗର ର କେତୋଟି ଶ୍ଳୋକ ର ଓଡିଆ ଭାଷାରେ କବିତା ଆକାର ଦେଇ ତାକୁ ଆବୃତ୍ତି କରିଥିଲେ ସବିତା ଦାନୀ । କମିଟି ର ପ୍ରତିଷ୍ଠାତା ତଥା ବଲାଙ୍ଗିର ର ଜଣେ ଅତି ପରିଚିତ ପ୍ରବଚକ ବଂଶୀଧର ଦାନୀ ଶଙ୍କରାଚାର୍ଯ୍ୟ ଙ୍କ ବିଷୟରେ ଆଲୋକପାତ କରି କହିଲେ ଯେ ଶଙ୍କରାଚାର୍ଯ୍ୟ ଙ୍କୁ ମଣିଷ ନ କହି ଭଗବାନ କହିବାରେ ଯଥାର୍ଥତା ଅଛି । ସେ ଶିବଙ୍କ ଅବତାର ଥିଲେ । ଭାରତ ର ସନାତନ ସଂସ୍କୃତିର ବନ୍ଧନକୁ ସେ ଦୃଢ କରି ପାରିଥିଲେ । ସେ ଜଣେ ଯୋଗ ଜନ୍ମା ଆତ୍ମା ଥିଲେ । ଶଙ୍କରାଚାର୍ଯ୍ୟ ଅଦୈତ ବାଦକୁ ଲୋକ ଲୋଚନକୁ ଆଣି ପାରିଥିଲେ । ଏହି ସଭାରେ ସଭାପତି ଡ. ଭବାନୀ ଶଙ୍କର ପଟେଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ତଥା ସଂଯୋଜନା କରିଥିଲେ ତାଙ୍କର ଅଭିଭାଷଣ ରେ ସେ କହିଲେ ଯେ ଶଙ୍କରାଚାର୍ଯ୍ୟ ଅମର ଅଟନ୍ତି । ତାଙ୍କ ଜୀବନର ଅନେକ ଆଲୌକିକ ବିଷୟଗୁଡିକ ସେ ଉପସ୍ଥାପନ କରିବା ସହ ଆଜି ଦିନର ମହତ୍ୱ ପ୍ରତିପାଦନ କରିଥିଲେ ଓ ଅତିଥିମାନଙ୍କୁ ଭୂୟସି ପ୍ରଶଂସାଗାନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହଜ ଓ ସଫଳ କରିବାରେ କମିଟିର ସଭ୍ୟ ବଳିଷ୍ଠ ପ୍ରଧାନ, ହିମାଂଶୁ ବେଦବାକ, ମେଘ ଭୁଏ, ଦେବ ପ୍ରଧାନ, ବାହାଦୁର କୁମ୍ଭାର, ଋଷି ଗୁରୁ, ମଦନ ସ୍ୱାଇଁ, ସୁରେନ୍ଦ୍ର ହୋତା ତଥା ଅନେକ ସଭ୍ୟ ସହଯୋଗ କରିଥିଲେ ।

# ଅଖିମୁଠି ଅନୁକୂଳ କଲେ ବିଜେପି ନେତା



ଦେବଗଡ଼,(ପିପିଏସ୍) : ସାରା ରାଜ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କ୍ଷେତରେ ଚାଷୀ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଦେବଗଡ଼ ଜିଲ୍ଲାରେ ଏହି ଅକ୍ଷୟ ତୃତୀୟା ପର୍ବ ଓ ଅଖିମୁଠି ଅନୁକୂଳ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଅକ୍ଷୟ ତୃତୀୟା ଅବସରରେ ଭାରତୀୟ ଜନତା ପାର୍ଟିର ନବନିଯୁକ୍ତ ଦେବଗଡ଼ ଜିଲ୍ଲା ସଭାପତି ଅରୁଣ ସାହୁ ମଧ ଚାଷଜମିରେ ନିଜେ ହଳ ଲଙ୍ଗଳ ଧରି ଅଖିମୁଠି ଅନୁକୂଳ କରିଛନ୍ତି । ତେବେ ଜଣେ ରାଜନେତା ହୋଇ ମଧ ଚଷା ପୁଅ ଭାବେ ଚାଷୀ ସମାଜକୁ ସନ୍ଦେଶ ଦେଇଛନ୍ତି ଶ୍ରୀ ସାହୁ । ତତ୍ ସଙ୍ଗେ ସଙ୍ଗେ ଓଡ଼ିଆ ଅସ୍ମିତାକୁ ବଜାୟ ରଖି ଓଡ଼ିଆ ଚାଷୀ ସମାଜକୁ ଚାଷ ପାଇଁ ଉପଯୁକ୍ତ ସମୟ ଉପନୀତ ବୋଲି ଏକ ପ୍ରକାର ବାର୍ତ୍ତା ଦେଇଛନ୍ତି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

# ଗଛରେ ପିଟିହେଲା ବୋଲେରୋ

## ୧ ମୃତ, ୪ ଆହତ

ମୁଖୀଗୁଡା: କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ଗୁନୁଗୁନିଆ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଭାରସାମ୍ୟ ହରାଇ ଏକ ବୋଲେରୋ ରାସ୍ତା କଡ଼ରେ ଥିବା ଗଛରେ ପିଟି ହେବା ଫଳରେ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଭୋର ସମୟରେ ଜୟପାଟଣା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ଗୋଟିଏ ପରିବାରର ୫ ଜଣ ଏକ ବୋଲେରୋ ଯୋଗେ ବିବାହ ଉତ୍ସବରେ ଯୋଗଦେଇ ନିଜ ଗାଁକୁ ଫେରୁଥିବା ବେଳେ ଗୁନୁଗୁନିଆ ଛକ ନିକଟରେ ଗାଡ଼ିଟି ନିୟନ୍ତ୍ରଣ ହରାଇ ସିଧାସଳଖ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲା । ଗୁରୁତର ହୋଇଥିବା ୪ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମୃତକ ମିନୁରାଣୀ ସାହୁ (୩୧)ଙ୍କ ଶବ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି । ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ପିକ୍‌ଅପ୍ ଭ୍ୟାନ୍ - ବାଇକ୍ ଧକ୍କା : ୨ ମୃତ

ଜୟପୁର: କୋରାପୁଟ ଜିଲ୍ଲା ବୈପାରୀଗୁଡା ଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ରାମଗିରି ଫାଣ୍ଡି ଅନ୍ତର୍ଗତ କାଲିଆଝଲି ଛକରେ ପିକଅପ ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କା । ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ମଝାଗୁଡା ଗାଁର ରବିନନ୍ଦ ମସ୍ତି, ଓ କାନ୍ଦିଲିବେଡା ଗାଁ ର ମହେଶ୍ୱର ଫେଦାପଡିଆ । ଆଜି ସକାଳେ ରାମଗିରି ଠାରୁ ଦଣ୍ଡାବାଡ଼ି ଅଭିମୁଖେ ଏକ ପିକଅପ ଭ୍ୟାନ ଯାଉଥିଲା । ଏହି ସମୟରେ ଦଣ୍ଡାବାଡ଼ି ପଟୁ ରାମଗିରିକୁ ଗୋଟିଏ ବାଇକରେ ୨ ଜଣ ଯୁବକ ଆସୁଥିଲେ । ହେଲେ ମଝାଗୁଡା ଛକରେ ବାଇକ ସହ ପିକଅପ ଭ୍ୟାନ ଧକ୍କା ଫଳରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ବୈପାରୀଗୁଡା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି ।

# ଝାରବନ୍ଧରେ ସଚେତନତା ଶିବିର

ନୂଆପଡ଼ା,: ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସିନାପାଲି ବ୍ଲକ୍ ସ୍ଥିତ ଝାରବନ୍ଧ ପଂଚାୟତ ଅନ୍ତର୍ଗତ ଦେବିଚରନ୍ ହାଇସ୍କୁଲରେ ନାଲ୍ସା (ପାଠ୍ୟକ୍ରମ ଛାଡିଥିବା ଓ ଅସୁବିଧାରେ ଥିବା ଛାତ୍ର ଛାତ୍ରୀଙ୍କ ପାଇଁ ଆର୍ଥିକ ସହାୟତା), ଯୋଜନା, ୨୦୨୫ ସମ୍ବନ୍ଧୀୟ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ସେଠ, ସିଡ଼ିପିଓ ଉର୍ମିଳା ମହାପାତ୍ର, ଝାରବନ୍ଧ ପଂଚାୟତର ସରପଂଚ ବେଣୁଧର ହରିଜନ, ପି ଇ ଓ ରୋହିତେଶ୍ୱର୍ ନାୟକ, ସିନାପାଲି ଅଧିବକ୍ତା ସଂଘର ଅଧିବକ୍ତାଗଣ ବାଣୀ ବଲ୍ଲଭ ପାଣିଗ୍ରାହୀ, ବିଜୟାନନ୍ଦ ବେହେରା, ଜଗବନ୍ଧୁ ମେହେର, ଗୁଣସାଗର ମେହେର, ବିଦ୍ୟାଳୟର ଶିକ୍ଷକଗଣ ଓ ସିନାପାଲି ତାଲୁକ ଆଇନ ସେବା ସମିତି ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ନାଲସା (ପାଠ୍ୟକ୍ରମ ଛାଡିଥିବା ଓ ଅସୁବିଧାରେ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ସହାୟତା) ଯୋଜନା, ୨୦୨୫ ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ ଓ ଶିଶୁଙ୍କୁ ପୁଣିଥରେ ବିଦ୍ୟାଳୟରେ ପ୍ରବେଶ ପାଇଁ ମିଳୁଥିବା ଆଇନ ସହାୟତା ବିଷୟରେ ଆଲୋକପାତ କରିଥିଲେ । ସେହିପରି ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ସେଠ ଅଧାରୁ ପାଠ୍ୟକ୍ରମ ଛାଡୁଥିବା ଓ ଅସୁବିଧାରେ ଥିବା ଛାତ୍ର ଛାତ୍ରୀଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ତଥା ମିଳୁଥିବା ଆର୍ଥିକ ସହାୟତା ବିଷୟରେ ଆଲୋକପାତ କରିଥିଲେ ।

# ସିଏମ୍ ଟ୍ରଫି-୨୦୨୬ ଫୁଟ୍‌ବଲ ଉଦ୍‌ଯାପିତ

## ବାଳକ ବିଭାଗରେ ଟିଟିଲାଗଡ଼, ବାଳିକାରେ ସଇଁନ୍ତଳା ଚାମ୍ପିଅନ




ବଲାଙ୍ଗିର(ପିପିଏସ୍) : ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ ୨୦୨୬ ଦ୍ୱିତୀୟ ସଂସ୍କରଣ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉଦ୍‌ଯାପିତ ହୋଇଯାଇଛି । ବାଳିକା ଫାଇନାଲ ଖେଳ ସଇଁନ୍ତଳା ବନାମ ତୁରେକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଇଁନ୍ତଳା ଦଳ ୩-୦ ଗୋଲରେ ତୁରେକେଲାକୁ ପରାସ୍ତ କରି ଚାମ୍ପଅନ ହୋଇଛି । ସେହିପରି ବାଳକ ବିଭାଗର ଫାଇନାଲ ଖେଳ ଟିଟିଲାଗଡ ବନାମ ବଲାଙ୍ଗିର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଟିଟିଲାଗଡ ଦଳ ୬-୦ ଗୋଲ ବ୍ୟବଧାନରେ ବଲାଙ୍ଗିର କୁ ହରାଇ ଚମ୍ପିୟାନ ହୋଇଛି । ଉଦ୍‌ଯାପନୀ ସମାରୋହରେ ଜିଲ୍ଲା କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ସଂସଦ ତଥା ଫାଓ କାର୍ଯ୍ୟକାରୀ ସଭାପତି ଡ଼. ଶ୍ରୀକର ମିଶ୍ର ଯୋଗ ଦେଇ ଉଭୟ ବିଜେତା ଓ ଉପ-ବିଜେତା ବାଳକ/ ବାଳିକା ବିଭାଗର ଖେଳାଳିମାନଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ । ସତନ୍ତ୍ର ଭାବରେ ସମସ୍ତ ରେଫରୀ ଓ ମ୍ୟାଚ କମିଶନରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ଉପସ୍ଥିତ ସମସ୍ତ ଖେଳାଳିଙ୍କୁ ତାଙ୍କର ଖେଳାଳି ଜୀବନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ ରାଜ୍ୟ ସରକାରଙ୍କ କ୍ରୀଡା କ୍ଷେତ୍ରରେ ଏହି ଅଭିନବ ପ୍ରୟାସ କୁ ପ୍ରଶଂସା କରିଥିଲେ । ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂହ, ଉପ-ସଭାପତି ପ୍ରହଲ୍ଲାଦ ଶତପଥି, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ସୁଧିର ଚନ୍ଦ୍ର ପଣ୍ଡା, ପ୍ରଭାତ କୁମାର ମିଶ୍ର, କ୍ରୀଡ଼ା ସଂପାଦକ ବିଭୂତି ଭୂଷଣ ପଣ୍ଡା, କ୍ରୀଡା ଛାତ୍ରାବାସର ଫୁଟବଲ ପ୍ରଶିକ୍ଷକ ପରାଶର ବାଗ, ବରିଷ୍ଠ ସଦସ୍ୟ ଡ. ସିଦ୍ଧେଶ୍ୱର ମିଶ୍ର, ଗ୍ରାମାଂଚଳ କ୍ରୀଡା ସଂପାଦକ ସୁଧାଂଶୁ ସେଠ, ସୁନିଲ ଚନ୍ଦ୍ର ବିଶ୍ୱାଲ, ପ୍ରଦୀପ କୁମାର ମହାରଣା, ଭରତ ଡାଙ୍ଗ, ଜିତୁ କୁମାର ଦଲାଇ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ । ଖେଳ ଗୁଡିକୁ ଦେବାଶିଷ ବାଗ, ମଳୟ ଘିଭେଲା, ସଞ୍ଜନ କୁଦେଇ, ଜିତେନ୍ଦ୍ର ପାତ୍ର, ସୁଦର୍ଶନ ସେଠ, ଯଶୋବନ୍ତ ମାଝୀ, ଗୌରହରି ପୁଟେଲ , ନରସିଂସ୍ୱାମୀ ନାଇଡୁ, ଧନେଶ୍ୱର ସେଠ ଓ ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ । ମଂଚ ପରିଚାଳନା ତଥା ଧନ୍ୟବାଦ ଅର୍ପଣ କରିଥିଲେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ।

# ଗଞ୍ଜେଇ ଜବତ, ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ମାଲକାନଗିରି: ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି -୨୭ ଗ୍ରାମ ୩୨୬ ଜାତୀୟ ରାଜପଥ ନିକଟରେ କାଲିମେଲା ପୋଲିସ୍ ଟିମ୍ ପାଟ୍ରୋଲିଂବେଳେ ୫୦ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ସିଏଚ ୟେଶୋଦାଶୁ, ଡି ପ୍ରବୀଣ କୁମାର, ଏ ମହେଶ ବାବୁ, ଏନ ରାହୁଲ, ପି ମନେନ୍ଦ୍ର ବାବୁ । ସେମାନେ ଆନ୍ଧ୍ରପ୍ରଦେଶ ଅଂଚଳରେ ହୋଇଥିବା ବେଳେ ସେମାନଙ୍କ ପାଖରୁ ଦୁଇଟି ମୋଟର ସାଇକେଲ, ତିନୋଟି ମୋବାଇଲ୍ ଫୋନ୍ ଜବତ କରିଛି କାଲିମେଲା ପୁଲିସ । ସେମାନେ ଏମଭି -୨୭ ଗ୍ରାମ ୩୨୬ ନମ୍ବର ଜାତୀୟ ରାଜପଥ ନିକଟରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖି ବସିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଂଚି ଯାଂଚ୍ କରିବା ସହ ସେମାନଙ୍କୁ ଗିରଫ କରିଥିଲେ । ଏହି ଗଞ୍ଜେଇକୁ ଅଭିଯୁକ୍ତ ମାନେ ବିଭିନ୍ନ ଅଂଚଳକୁ ଚାଲାଣ ପାଇଁ ନେଉଥିବା ସୂଚନା ମିଳିଥିଲା ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*

**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର
ତା ୨୩।୦୪ ।୨୦୨୬ ■ ଗୁରୁବାର

# ବଢ଼ିଚାଲିଛି ତାପମାନ

ସମଗ୍ର ଦେଶରେ, ଓଡ଼ିଶା ସମେତ ସବୁଠି ତାପମାନ ୩୮ ଡିଗ୍ରୀରୁ ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଚଢ଼ିଗଲାଣି ଓ ତାହା ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ମଧ୍ୟ ବଢ଼ିଯାଇଛି । ଓଡ଼ିଶାରେ ତେଣୁ ସକାଳୁଆ ସ୍କୁଲ୍ ହେବା ସହିତ କେତେକ ଜାଗାରେ ସକାଳ ସାଢ଼େ ୯ଟା ବେଳକୁ ସ୍କୁଲ ଛୁଟି ମଧ୍ୟ କରିଦିଆଯାଉଛି । ଉତ୍ତର ଭାରତରେ ଅବସ୍ଥା ଅସମ୍ଭାଳ ହୋଇଯାଇଛି । ଦିଲ୍ଲୀ ଭଳି ଜାଗାରେ ପାରା ୪୩ ଡିଗ୍ରୀ ସେଲ୍‌ସିୟସରେ ଯାଇ ପହଞ୍ଚିଯାଇଛି । ରୋହତାସ ଓ ଔରଙ୍ଗାବାଦରେ ତାପମାନ ୪୩ ଡିଗ୍ରୀ ସେଲସିୟସରୁ ଅଧିକ ରେକର୍ଡ ହୋଇଛି । ସେହିପରି ଝାଡ଼ଖଣ୍ଡ, ଓଡ଼ିଶାଠାରୁ ତେଲେଙ୍ଗାନା ଯାଏ ବଢ଼ିଚାଲିଥିବା ତାପମାନ ଯୋଗୁଁ ପାଠପଢ଼ା ମଧ୍ୟ ବ୍ୟାହତ ହେଉଛି । ପାଣିପାଗ ବିଭାଗ ଅନୁସାରେ, କେତେକ ଜାଗାରେ କାଳବୈଶାଖୀ ଝଡ଼ବର୍ଷା ତ ହେଉଛି, କିନ୍ତୁ ଆଗାମୀ ଦିନରେ ଲୁ ବା ଗ୍ରୀଷ୍ମପ୍ରବାହର ପ୍ରକୋପ ରହିବ । ଉତ୍ତରପ୍ରଦେଶର ପ୍ରୟାଗରାଜରେ ତାପମାନ ୪୪ ଡିଗ୍ରୀ ସେଲ୍‌ସିୟସ ଟପି ଯାଇଥିବା ଜଣାପଡ଼ିଛି । ବାରଣାସୀ, ଝାନ୍‌ସୀରେ ମଧ୍ୟ ତାପମାନ ୪୩ ଡିଗ୍ରୀ ଉପରକୁ ଯାଇଥିବା ରେକର୍ଡ ହୋଇଛି । ପାଣିପାଗ ବିଭାଗର ଭବିଷ୍ୟବାଣୀ କହୁଛି ଚଳିତ ସପ୍ତାହରେ ତାପମାନ ଅନେକ ଜାଗାରେ ୪୫ ଡିଗ୍ରୀ ଟପିଯିବ ଓ ସେ ଅନୁସାରେ ଦ୍ୱିପହର କାଳରେ ଗ୍ରୀଷ୍ମପ୍ରବାହ ବା ଲୁ ବୋହିବା କାରଣରୁ ରାତିରେ ମଧ୍ୟ ଅସହ୍ୟ ଗରମ ଅନୁଭୂତ ହେବ ।

ଦୀର୍ଘ ସମୟ ଯାଏ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ଆଶଙ୍କା ଭାରତର ପାଣିପାଗ ବିଭାଗ ଚେତାବନୀ ଜାରି କରିଛି । ବିଶେଷ କରି ସମ୍ବେଦନଶୀଳ ବର୍ଗ ଓ ଲୋକମାନଙ୍କୁ ସାବଧାନ ଅବଲମ୍ବନ କରିବା ପାଇଁ କୁହାଯାଇଛି । ଅବଶ୍ୟ ଗ୍ରୀଷ୍ମ ପ୍ରବାହ ଏକ ପାଣିପାଗ ଅସୁବିଧା, କିନ୍ତୁ ଚିକିତ୍ସା ବିଶେଷଜ୍ଞମାନେ ଚେତାବନୀ ଦେଇ ଆସିଛନ୍ତି ଯେ ଅଧିକ ଉତ୍ତାପ ବୃଦ୍ଧି ଗମ୍ଭୀର ବା ଗୁରୁତର ସମସ୍ୟା ସୃଷ୍ଟି କରିପାରେ । ଗ୍ରୀଷ୍ମ ଆରମ୍ଭ ହେବା ଦିନଠାରୁ ଧ୍ୟାନ ଦେବା ଯୋଗ୍ୟ ଯେ ଏହା ଶରୀର ଉପରେ ଅତ୍ୟଧିକ ପ୍ରଭାବ ପକାଇଥାଏ। ଯାହାଫଳରେ ହୃଦୟ, କିଡନୀ, ଲିଭର ଓ ମସ୍ତିଷ୍କ ଉପରେ ଅଧିକ ପ୍ରଭାବ ପଡ଼ିଥାଏ । ତୀବ୍ର ଗ୍ରୀଷ୍ମ ସମୟରେ ବାହାରକୁ ନଯିବା ଦରକାର । ଯଦି ଘରୁ ବାହାରକୁ ଯିବା ନିହାତି ଆବଶ୍ୟକ, ତେବେ ଓଦା କନା ମୁଣ୍ଡରେ ଘୋଡ଼ାଇବା ସହ ଛତା, ଜୋତା ଓ ପିଇବା ପାଣି ସାଥିରେ ନେଇଯିବା ଦରକାର । ସମାଜ ତଥା ସରକାରଙ୍କୁ ମଧ୍ୟ ପରିବେଶ ଓ ଜଳ ସଂରକ୍ଷଣ ପ୍ରତି ସଜାଗ ରହିବା ଦରକାର । ଏବେ ହେଉଛି ଜଳ ସଦୁପଯୋଗର ସମୟ । ବିଶ୍ୱରେ ଭାରତ ଭାଗରେ କେବଳ ମାତ୍ର ଚାରି ପ୍ରତିଶତ ଶୁଦ୍ଧ ଜଳ ମିଳେ, କିନ୍ତୁ ଏ ଭୂଭାଗରେ ବିଶ୍ୱର ୧୬ ପ୍ରତିଶତ ଲୋକ ରହୁଛନ୍ତି । ଦେଶରେ ଜଣପିଛା ଜଳର ଉପଲବ୍ଧତା ଦୁଇ ଦଶନ୍ଧିରେ ୨୦ ପ୍ରତିଶତ ହ୍ରାସ ପାଇଛି ।

ସାଧାରଣ ଭାବେ ଦେଖାଯାଇଛି ଯେ ଗ୍ରୀଷ୍ମ ଉତ୍ତାପ ବୃଦ୍ଧି ପାଇଲେ ଜଳ ସଂକଟ ସୃଷ୍ଟି ହେଉଛି । ତେଣୁ ଜଳସମ୍ପଦ ବିଭାଗ ଲାଗି ଅଧିକ ସାବଧାନତା ଅବଲମ୍ବନ କରିବା ଦରକାର । ଏବେ ଏକ ବଡ଼ ପ୍ରଶ୍ନ ହେଉଛି କ'ଣ ଭାରତରେ ପାଣିପାଗ ଜନିତ ସଂକଟ ଲଗାତାର ବୃଦ୍ଧି ପାଇଚାଲିଛି ? ହାଭାର୍ଡ ବିଶ୍ୱବିଦ୍ୟାଳୟର ସଲାଟା ଇନଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଏଣ୍ଡ୍ ସଷ୍ଟେନବିଲିଟି ଦ୍ୱାରା ପ୍ରକାଶିତ ଗବେଷଣାପତ୍ରରେ କୁହାଯାଇଛି ଯେ ଜଳବାୟୁ ସଂକଟ କାରଣରୁ ଭାରତରେ ଭୀଷଣ ଗ୍ରୀଷ୍ମର ସବୁଠାରୁ ଖରାପ ସମୟ ଆହୁରି ବାକି ଅଛି । ୧୯୮୦-୯୦ ଓ ୨୦୨୫-୨୬ ମଧ୍ୟରେ ଭାରତ ଭୂମିରେ ତାପମାନ ୦.୮୮ ଡିଗ୍ରୀ ସେଲସିୟସ ବଢ଼ିଛି । ଏହା ଫଳରେ ବାୟୁ ପ୍ରଦୂଷଣକୁ ମଧ୍ୟ ଦାୟୀ କରାଯାଇଛି । ନିକଟ ଭବିଷ୍ୟତରେ ତାପମାନ ଆହୁରି ତୀବ୍ର ହେବ । ଦେଶରେ ପ୍ରାୟ ୨ କୋଟି ଲୋକ ୨୦୩୦ ଯାଏ ବହୁତ ଘାତକ ଗ୍ରୀଷ୍ମ ସ୍ଥିତିର ସମ୍ମୁଖୀନ ହେବେ । ଏହାର ପ୍ରଭାବ ରୋଜଗାର ଉପରେ ମଧ୍ୟ ପଡ଼ିବ । ଧ୍ୟାନଯୋଗ୍ୟ କଥା ହେଉଛି ଭାରତରେ ପ୍ରାୟ ଆଠ ପ୍ରତିଶତ ଘରେ ହିଁ ବାତାନୁକୂଳ ସୁବିଧା ଅଛି । ଚିନ୍ତାର ବିଷୟ ହେଉଛି ଗ୍ରୀଷ୍ମ ବଢ଼ିବ, ତେଣୁ ବର୍ଷା ମଧ୍ୟ ଏ ଶତାବ୍ଦୀ ଶେଷ ବେଳକୁ ୨୦ ପ୍ରତିଶତ ବଢ଼ିଯିବ । ଏହାଫଳରେ କୃଷି ଉତ୍ପାଦନ ଉପରେ ଭୟାନକ ପ୍ରଭାବ ପଡ଼ିବ । ତେଣୁ ବଢ଼ିଚାଲିଥିବା ତାପମାନ ଓ ବିଗିଡ଼ିଯାଇଥିବା ପରିବେଶ ସହ ଆମର ସଚେତନତାକୁ ବଢ଼ାଇବା ଜରୁରୀ, ଯାହାଦ୍ୱାରା ଆମ ପାଖରେ ସୁରକ୍ଷାର ବ୍ୟବସ୍ଥା ଥିବ ଓ ଆମେ ପ୍ରତିକୂଳ ପାଣିପାଗ କାରଣରୁ କମ୍ କ୍ଷତିଗ୍ରସ୍ତ ହେବା । ❒❒

# ଆତ୍ମାକୁ ଆବିଷ୍କାର

ଆମେ ସଂସାର ଜୀବନ ଅତିବାହିତ କରୁଛେ ଅର୍ଥ ଘର ଭିତରେ ଛୋଟ ବଡ଼ ହେଉ ବରଂ ଅନେକ କିଛି ଜିନିଷ ସବୁ ଏଣେତେଣେ ପଡ଼ି ରହିଥାଏ। ଘରେ କୌଣସି ପଦାର୍ଥକୁ ଅଜଣା ସ୍ଥାନରେ ରଖି ଦେଇଥିଲେ ତାକୁ ପାଇବା ପାଇଁ ଘର ଭିତରେ ହିଁ ଖୋଜିବାକୁ ପଡ଼େ। ଘର ଛାଡ଼ି ଯାଇ ଜଙ୍ଗଲରେ ଖୋଜିଲେ ଏହା କିପରି ମିଳିବ ? ସେହିପରି ପଞ୍ଚକୋଷ ଦ୍ୱାରା ଆବୃତ ଆତ୍ମାକୁ ପାଇବାକୁ ହେଲେ ଏହି ପଞ୍ଚକୋଷ ବିଶିଷ୍ଟ ଦେହରେ ହିଁ ତାକୁ ଖୋଜିବାକୁ ପଡ଼େ। ତାକୁ ଯାଇ ଶାସ୍ତ୍ରର ଜଙ୍ଗଲରେ ଖୋଜିଲେ କିପରି ହେବ ? ଶାସ୍ତ୍ରରେ ଆତ୍ମାକୁ ଆବିଷ୍କାର କରିବା ସମ୍ଭବ ନ ହେଲେ ମଧ୍ୟ ଏହି ଶାସ୍ତ୍ରମାନେ ହିଁ ପଞ୍ଚକୋଷ କଥା ଆମକୁ କହିଥାନ୍ତି। ଏମାନଙ୍କୁ ଚିହ୍ନିବା ପାଇଁ ଲକ୍ଷଣ ଓ ଗୁଣ ଗୁଡ଼ିକ ଆମକୁ ଦେଖାଇ ଦିଅନ୍ତି। ଏଣୁ ବୁଦ୍ଧି ପ୍ରୟୋଗ କରି ଆତ୍ମସତ୍ୟର ସ୍ତର ପର୍ଯ୍ୟନ୍ତ ଯାଇ ହେବ। ଘର ପୋଡ଼ିଗଲା ବେଳେ କୂଅ ଖୋଳିବାର ଚିନ୍ତା ବୃଥା ଏବଂ ଏହା ସମ୍ପୂର୍ଣ୍ଣ ଅସମ୍ଭବ। ଘରେ ନିଆଁ ଲାଗିବାବେଳେ ଆଗରୁ ଯଦି କୂଅଟିଏ ଥାନ୍ତା। ତେବେ ତାହା କେତେ ସାହାଯ୍ୟ କରିନଥାନ୍ତା ? ଜୀବନର ଶେଷ ମୁହୂର୍ତ୍ତରେ ଈଶ୍ୱର ଚିନ୍ତା, ଘରପୋଡ଼ି ବେଳେ କୂଅ ଖୋଳାପରି। ତେଣୁ ଏ ମୁହୂର୍ତ୍ତରୁ ହିଁ ବିଭୁ ଚିନ୍ତାରେ ମଜ୍ଜି ରହିଲେ ଶେଷ ସମୟରେ ତାହା ଆମକୁ ସାହାଯ୍ୟ କରିବ। ଆସନ୍ତା କାଲି ପାଇଁ ସାଧନା ସ୍ଥଗିତ ନ ରଖି ଆଜି ଆରମ୍ଭ କର। ଆଜି ଯାହା ଆରମ୍ଭ କରିବାର କଥା ତାହା ବର୍ତ୍ତମାନ ମୁହୂର୍ତ୍ତରୁ ହିଁ କର। ଠିକ ପର ମୁହୂର୍ତ୍ତରେ ଆମ ପାଇଁ କ'ଣ ଅଛି ତାହା କେହି ଜାଣନ୍ତି ନାହିଁ। ଘରେ ଯେଉଁଠି ଆମେ ବସବାସ କରୁଛୁ, ତା'ଠାରୁ ଆମେ ନିଜେ ଯେପରି ପୃଥକ, ଅଳ୍ପ ସମୟ ପାଇଁ ଆମକୁ ଘୋଡ଼ାଇ ରଖିଥିବା ଅଜ୍ଞାନ ସ୍ୱରୂପ ଏ ଦେହ ଠାରୁ ଆମେ ସେହିପରି ଅଲଗା। ଆମର ସବୁ ଦୁଃଖ ଦୁର୍ଦ୍ଦଶା ଏବଂ ଏସବୁ ଦାସତ୍ୱର କାରଣ ଏ ଶରୀର। ଏହା ଉତ୍ତମରୂପେ ହୃଦୟଙ୍ଗମ କରି ଦେହକୁ ଆତ୍ମ ସଂକଳ୍ପର ବଶୀଭୂତ କରିବା, ଆପେ ଦେହର ଖିଆଲ ଆଗରେ ମୁଣ୍ଡ ନୋଇଁ ତାକୁ ଅନୁସରଣ କରିବା ନାହିଁ। ଦେହକୁ ପରିତ୍ୟାଗ କରିବାକୁ ସବୁବେଳେ ପ୍ରସ୍ତୁତ ରହିବା ଏବଂ ଏହାକୁ ସୁନିୟନ୍ତ୍ରିତ କରିବାର ଦୃଢ଼ ସଂକଳ୍ପ ନେଇ ଏହାକୁ କଠୋର ଶୃଙ୍ଖଳାରେ ରହିବା।

ଅଜୟ କୁମାର ବେହେରା
କଟକ

# ଯୁବଶକ୍ତି ପାଇଁ ସମ୍ଭାବନା ଓ ଦିଗ୍‌ଦର୍ଶନ

**ମନସିଜ୍ ଦାସ**

ଓଡ଼ିଶାର ଯୁବପିଢ଼ିଙ୍କ ସ୍ୱପ୍ନ ଅନେକ। ଏଠି ସାଧନ ଅଛି, ସମ୍ଭାବନା ବି ରହିଛି। ଏଠାରେ ଭରପୁର ଭିତ୍ତିଭୂମି ରହିଛି। ଶ୍ରମଶକ୍ତି ଅଛି, ଯୁବ ଶକ୍ତି ବି ରହିଛି। ହେଲେ ଉଡ଼ାଣରେ ଇନ୍ଧନ ଭରିବା ପାଇଁ ଆବଶ୍ୟକ ଏକ ଉପଯୁକ୍ତ ଯୁବନୀତି। ସରକାର ଯୁବପିଢ଼ିଙ୍କୁ ଉତ୍କର୍ଷର ଶିଖରରେ ପହଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି। ହେଲେ ଏହା ଯଥେଷ୍ଟ ହେଉନାହିଁ। ନିଯୁକ୍ତି ବଜାରରେ ମୁକାବିଲା କରିବା ଭଳି ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ। ନବସୃଜନକୁ ପ୍ରୋତ୍ସାହନ ପାଇଁ ନୂଆ କିଛି କରିବାକୁ ପଡ଼ିବ। କାରଣ ଦକ୍ଷତାର ଉପଯୁକ୍ତ ବିନିଯୋଗ ନ ହେଲେ ଯୁବପିଢ଼ି ବିପଥଗାମୀ ହେବେ କିମ୍ବା ହତୋତ୍ସାହିତ ହୋଇ ନିଜକୁ ହିଁ ଶେଷ କରିଦେବେ। ଯାହା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ। ଓଡ଼ିଶାର ମାଟିତଳେ ଖଣିଜ ସଂପଦ ଭରି ରହିଥିବାବେଳେ ମାଟି ଉପରେ ଅନେକ ନଦନଦୀ ରହିଛି। ଏହାସହ ବିସ୍ତୀର୍ଣ୍ଣ ବେଳାଭୂମିକୁ ନେଇ ସମୃଦ୍ଧିର ସମ୍ଭାବନା ରହିଛି। ରାଜ୍ୟର ଖଣିଜ ସଂପଦକୁ ଭିତ୍ତି କରି ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ଅନେକ ବୃହତ୍ ଶିଳ୍ପ, ରାଉରକେଲାରେ ଇସ୍ପାତ କାରଖାନା, କୋରାପୁଟର ଦାମନଯୋଡ଼ି ଠାରୁ ଆରମ୍ଭ କରି ଅନୁଗୁଳ, ଝାରସୁଗୁଡ଼ାରେ ଅନେକ ଶିଳ୍ପ ଗଢ଼ି ଉଠିଛି। ଆଗକୁ ମଧ୍ୟ କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବୃହତ ଶିଳ୍ପ ମୁଣ୍ଡ ଟେକିବାର ସମ୍ଭାବନା ରହିଛି। ଓଡ଼ିଶାର ଯୁବକମାନେ ମୁଖ୍ୟତଃ ଶିକ୍ଷା, ନିଯୁକ୍ତି ସୁଯୋଗ ଓ ଉଦ୍ୟୋଗ ଉପରେ ଧ୍ୟାନ ଦେଉଛନ୍ତି। ଏହି ସମୟରେ ସେମାନେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସାମାଜିକ ଗଣମାଧ୍ୟମର ପ୍ରଭାବ ଭଳି ଚ୍ୟାଲେଞ୍ଜ ସହିତ ମଧ୍ୟ ସଂଘର୍ଷ କରୁଛନ୍ତି। ସ୍ଥିର ଓ ଗୁଣାତ୍ମକ ଚାକିରି ପାଇବା ଏକ ପ୍ରାଥମିକ ଚିନ୍ତାଧାରା।

ଓଡ଼ିଶା ଅନେକ ସଫଳ ଯୁବ ଉଦ୍ୟୋଗୀ ସୃଷ୍ଟି କରିପାରିଛି। ଯେମିତି କି 'ଓୟୋ'ର ପ୍ରତିଷ୍ଠାତା ରାୟଗଡ଼ାର ରିତେଶ ଅଗ୍ରୱାଲ କମ ବୟସରେ ହୋଟେଲ ବ୍ୟବସାୟ ଆରମ୍ଭ କରି ଦେଶରେ ଚର୍ଚ୍ଚିତ ହୋଇପାରିଛନ୍ତି। ସେହିପରି ଦୁଗ୍ଧ ପ୍ରକ୍ରିୟାକରଣ ସଂସ୍ଥା ମିଲକ ମନ୍ତ୍ରାର ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ଗୋବିନ୍ଦପୁରର ରାମଜିତ୍ ଟୁଡୁ ସାନ୍ତାଳୀ ଭାଷାର ଅଲଚିକି ଲିପିକୁ ଡିଜିଟାଇଜେସନ କରି ଅନେକଙ୍କ ପାଇଁ ହିରୋ ପାଲଟି ଯାଇଛନ୍ତି। କୋରାପୁଟ ଜିଲ୍ଲା ବୈପାରିଗୁଡ଼ାର ଝିଅ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ଦେଶୀ ଧାନ ବିହନ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆମେରିକାର ସାନ୍‌ଫ୍ରାନସିସ୍‌କୋସ୍ଥିତ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ଆକ୍ସନ ଫର ନେଚର ପକ୍ଷରୁ ଅଗଷ୍ଟ ମାସରେ ୟଙ୍ଗ ଇକୋ ହିରୋ ପୁରସ୍କାର ପାଇଛନ୍ତି। ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଧୃତିମୋକ୍ଷା ପାଣିଗ୍ରାହୀ ଅଣୁଅସ୍ତ୍ର ନିରସ୍ତ୍ରୀକରଣ ଅଭିଯାନରେ ଜାତିସଂଘ ଯୁବଗୋଷ୍ଠୀର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ଯୁବ ନବସୃଜନ ପାଣ୍ଠି ଯୋଜନା ଏବଂ ନାନୋ ୟୁନିକର୍ଣ୍ଣ ଯୋଜନା ନବସୃଜନଶୀଳ ଚିନ୍ତାଧାରାକୁ ବ୍ୟବସାୟରେ ପରିଣତ କରିବା ପାଇଁ ପାଣ୍ଠି, ପରାମର୍ଶ ପ୍ରଦାନ କରୁଛି। ରାଜ୍ୟ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଷ୍ଟାର୍ଟଅପ ଓଡ଼ିଶା ପଦକ୍ଷେପ ମାଧ୍ୟମରେ ସହାୟକ ପରିବେଶ ପ୍ରତିଷ୍ଠା କରିଛନ୍ତି।

ଭବିଷ୍ୟତ ପ୍ରତିଶ୍ରୁତିପୂର୍ଣ୍ଣ ହୋଇଥିଲେ ମଧ୍ୟ, ଅନେକ ଚ୍ୟାଲେଞ୍ଜ ରହିଛି। ରାଜ୍ୟରେ ଏକ ବୃହତ୍ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ୬୯% ସହିତ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଛି। ତେଣୁ ସାମାଜିକ ଓ ଆର୍ଥିକ ପରିବର୍ତ୍ତନ ପାଇଁ ଏହାର ଯୁବଶକ୍ତିକୁ ବ୍ୟବହାର କରିବାକୁ ଓଡ଼ିଶା ଭଲ ସ୍ଥିତିରେ ଅଛି। ଏହି ସମ୍ଭାବନାକୁ ସାକାର କରିବା ପାଇଁ ସରକାର, ନାଗରିକ ସମାଜ ଏବଂ ଯୁବପିଢ଼ିଙ୍କ ସାମୂହିକ ପ୍ରୟାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ବିଶାଳ ଯୁବ ଜନସଂଖ୍ୟା ରାଜ୍ୟ ଜନସଂଖ୍ୟାର ୪୦%ରୁ ଅଧିକଙ୍କ ସାମୂହିକ ଶକ୍ତି ଓ ସମ୍ଭାବନାକୁ ଅତୁଳ୍ୟ ବୋଲି ବିବେଚନା କରାଯାଏ। ଭାରତର ମୋଟ ଜନସଂଖ୍ୟାର ସିଂହଭାଗ ହେଉଛନ୍ତି ୩୫ ବର୍ଷରୁ କମ ବୟସର। ଏଥିପାଇଁ ବିଶ୍ୱର ସବୁଠାରୁ ଯୁବ ଶ୍ରମଶକ୍ତି ମଧ୍ୟରେ ଭାରତ ସ୍ଥାନ ପାଇଛି। ଏହି ଯୁବଶକ୍ତି ଦେଶର ଅଭିବୃଦ୍ଧିର ଏକ ଶକ୍ତିଶାଳୀ ଇଞ୍ଜିନ ହୋଇପାରେ। ଏଥିପାଇଁ ଯୁବପିଢ଼ିଙ୍କୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ କରାଯିବା ଆବଶ୍ୟକ। ତେବେ ଯୁବ ଶ୍ରମଶକ୍ତିର ସଦବ୍ୟବହାର କରାନଗଲେ ସାମାଜିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଏକ ସର୍ଭେ ଅନୁଯାୟୀ ୨୦୨୫ ଏପ୍ରିଲରେ ଦେଶର ସମଗ୍ର ବେକାରି ହାର ୫.୧ ପ୍ରତିଶତ ରହିଥିଲା। ସେହିପରି ସହରାଞ୍ଚଳର ଯୁବକମାନେ ଗ୍ରାମାଞ୍ଚଳ ଯୁବକଙ୍କ ତୁଳନାରେ ବେକାର ହେବାର ଆଶଙ୍କା ଅଧିକ। କାରଣ ସହରରେ ଉଚ୍ଚ ଆଶା, ଅଧିକ ପ୍ରତିଯୋଗିତା ଏବଂ ଜୀବନଯାପନ ପାଇଁ ଅଧିକ ଖର୍ଚ୍ଚ ହୋଇଥାଏ।

ଦକ୍ଷତା ବିକାଶ, ଉଦ୍ୟୋଗ ଓ ଅନ୍ତର୍ଭୁକ୍ତିକୃତ ଅଭିବୃଦ୍ଧି ଦ୍ୱାରା ଯୁବ ସମାଜର ଭବିଷ୍ୟତକୁ ଏକ ସୁବର୍ଣ୍ଣ ଯୁଗ ଭାବରେ କଳ୍ପନା କରାଯାଇଛି। ରାଜ୍ୟ ସରକାର ଏହାର ଯୁବ ଜନସଂଖ୍ୟାକୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଆଇଟି, କୃଷି ଓ ଉତ୍ପାଦନ ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି। ରାଜ୍ୟ ସରକାର ପ୍ରତିବର୍ଷ ଏକ ଲକ୍ଷ ଯୁବକଯୁବତୀଙ୍କୁ ଇ-ସ୍କିଲିଂ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ଶିଳ୍ପ ଆବଶ୍ୟକତା ସହିତ ସମନ୍ୱିତ କରିବା ପାଇଁ ନୂଆ ଓଡ଼ିଶା ଏବଂ ସ୍କିଲ ଭିଜନ-୨୦୩୦ ଭଳି ପଦକ୍ଷେପ ନେଇଛନ୍ତି। ନିଯୁକ୍ତି କ୍ଷମତା ବୃଦ୍ଧି କରିବା ପାଇଁ ବାଣିଜ୍ୟ, କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା ଓ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ସହଭାଗୀତା ଉପରେ ଧ୍ୟାନ ଦିଆଯାଉଛି। ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଉଦ୍ୟୋଗୀ ହେବାକୁ ଯୁବପିଢ଼ିଙ୍କୁ ଉତ୍ସାହିତ କରାଯାଉଛି। ଚାକିରି ବଜାରରେ ଯୁବପିଢ଼ିଙ୍କ ହତାଶା ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଦକ୍ଷତାର ଅସମାନତା ଏବଂ ଆର୍ଥିକ ଚାପର ଜଟିଳ ସମସ୍ୟା କାରଣରୁ ଉଚ୍ଚ ଶିକ୍ଷିତଙ୍କ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ସାମାଜିକ ସ୍ଥିରତା ଉପରେ ନାକାରାତ୍ମକ ପ୍ରଭାବ ପକାଉଛି। ନିଯୁକ୍ତି ପରୀକ୍ଷାରେ ଅନିୟମିତତା ମଧ୍ୟ ଯୁବପିଢ଼ିଙ୍କୁ ହତାଶ କରୁଛି।

ଶିକ୍ଷାଗତ ଯୋଗ୍ୟତା ଏବଂ ନିଯୁକ୍ତିଦାତାଙ୍କ ପ୍ରକୃତ ଚାହିଦା ମଧ୍ୟରେ ପ୍ରାୟତଃ ବ୍ୟବଧାନ ରହିଥାଏ। ପାଠ୍ୟକ୍ରମ ପ୍ରାୟତଃ ଅତ୍ୟଧିକ ତାତ୍ତ୍ୱିକ ହୋଇଥାଏ। ପ୍ରଯୁକ୍ତିବିଦ୍ୟାର ଦ୍ରୁତ ପ୍ରଗତି ଯଥା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଯୋଗୁ ସମୟ ସହିତ ତାଳ ଦେଇ ନପାରି ଡିଗ୍ରୀଧାରୀମାନେ ଉପଲବ୍ଧ ଚାକିରି ପାଇଁ ନିଜକୁ ପ୍ରସ୍ତୁତ କରିପାରି ନଥାନ୍ତି। ଏହା ସହ ଆର୍ଥିକ ମାନ୍ଦାବସ୍ଥା, ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧିର ଅଭାବ କାରଣରୁ ପର୍ଯ୍ୟାପ୍ତ ଗୁଣାତ୍ମକ ଚାକିରି ମିଳୁଛି। ଯୋଗ୍ୟତା ଅନୁସାରେ ଚାକିରି ମିଳୁ ନଥିବାରୁ ବାଧ ହୋଇ କମ ଦରମାରେ କାମ କରୁଛନ୍ତି। ଦୀର୍ଘକାଳୀନ ବେକାରି ଅର୍ଥାଭାବରୁ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ଅବସାଦ ଚାପ ବଢ଼ିଥାଏ। ଦକ୍ଷ ଯୁବପିଢ଼ି କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ଦେଶକୁ ଚାଲିଯିବାର ସମ୍ଭାବନା ଅଧିକ। ଚାହିଦା ଅନୁଯାୟୀ ଦକ୍ଷତା ଏବଂ ବୃତ୍ତିଗତ ତାଲିମ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାନୁଷ୍ଠାନ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ସମନ୍ୱୟ ରଖି ବଜାର ଆବଶ୍ୟକତା ସହିତ ପାଠ୍ୟକ୍ରମକୁ ସଜାଡ଼ିବାକୁ ପଡ଼ିବ। ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପାଣ୍ଠି, ପରାମର୍ଶ ଓ ସହାୟତାର ଆବଶ୍ୟକତା ରହିଛି। ଏଥିସହ ଯୁବପିଢ଼ିଙ୍କୁ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା ଆବଶ୍ୟକ।

ଗୁରୁଗ୍ରାମ, ହରିୟାନା

# ଆତ୍ମକାହାଣୀ ଅନ୍ତେ ବୈଷ୍ଣବ ପାଣି

**ଅଭୟ କୁମାର ଦାସ**

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ। ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭ୍ରୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ।

ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ। ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା। ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ। ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ। ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା। ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା। ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ। ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା। ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ। ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ। ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ। ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ। ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି। ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି। ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ। ସେ ହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ। ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ।

ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ୍ୟ। ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଥାନ୍ତେ କେମିତି ! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି। ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରକୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି। ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି। ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ। ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ। ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ। ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି। ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି। ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି। ସମସ୍ତେ ମୋତେ ଘୃଣା କରୁଛନ୍ତି। ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ। ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି!!! ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ। ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା। କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ।

ଗୋତରା, ମାହାଙ୍ଗା, କଟକ
ମୋ : ୯୪୩୭୧୪୨୭୧୭

## ସଂପାଦକଙ୍କୁ ପତ୍ର

### ପରିବେଶ ପ୍ରଦୂଷଣର ପ୍ରଭାବ

ମହାଶୟ,

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ବିଶ୍ୱରେ ଅନୁଭୂତ ହେବାରେ ଲାଗିଚି। ସମଗ୍ର ବିଶ୍ୱରେ ଉତ୍ତାପ ବୃଦ୍ଧି ପାଇଛି । ଫଳରେ ଜନଜୀବନ ଆଜି ହସ୍ତବ୍ୟସ୍ତ ହେବାରେ ଲାଗିଛି । କେଉଁଠି ମଣିଷ ଶାନ୍ତିରେ ରହିପାରୁ ନାହିଁ । ନିଜ ପାଇଁ ଆଜି ନିଜେ ମୃତ୍ୟୁଜନ୍ତା ପାଲଟିଛି ମଣିଷ । ଜଳ ଓ ବାୟୁମଣ୍ଡଳ ଉପରେ ଏହାର ସର୍ବାଧିକ ପ୍ରଭାବ ପଡ଼ିଛି । ପରିବେଶବିତମାନଙ୍କ ଆକଳନ ଅନୁସାରେ ଯଦି ଅଙ୍ଗାରକାମ୍ଳ ନିର୍ଗମନର ମାତ୍ରାକୁ ରୋକା ନଯାଏ ତାହେଲେ ବିଶ୍ୱରୁ ଅର୍ଦ୍ଧାଧିକ ସ୍ଥଳଚର ଓ ଜଳଚର ଜୀବ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଲୋପ ପାଇଯିବେ। ଜୀବବିଜ୍ଞାନୀଙ୍କ ଗଣନା ଅନୁସାରେ ଧରାପୃଷ୍ଠରେ ଏବେ ଷଷ୍ଠ ମହାବିଲୁପ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ଏବଂ ମଣିଷ ସମେତ ସଂସାରର ସମସ୍ତ ପ୍ରାଣୀ ସେହି ବିଲୁପ୍ତିର କୃଷ୍ଣ ଗର୍ତ୍ତ ଆଡ଼କୁ ନିରବରେ ଧାବମାନ ହେଉଛନ୍ତି । ବିଶ୍ୱରେ ଜଳବାୟୁ ସନ୍ତୁଳନ ରକ୍ଷା ଦିଗରେ ଦୁଇ ମେରୁକ୍ଷେତ୍ରର ବିଶେଷ ଭୂମିକା ରହିଛି। ଆର୍କଟିକ୍ ଏବଂ ଆଣ୍ଟାର୍କଟିକା କ୍ଷେତ୍ରରେ ଯୁଗ ଯୁଗ ଧରି ଜମି ରହିଥିବା ବରଫ ହିଁ ପୃଥିବୀର ବିଭିନ୍ନ ଭାଗରେ ତାପମାତ୍ରାକୁ ସ୍ଥିର ରଖିବାରେ ସହାୟକ ହୋଇଛି। କିନ୍ତୁ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ଓ ସର୍ବାଧିକ ପ୍ରଭାବ ଏବେ ପଡ଼ିଛି ଏହି ମେରୁ କ୍ଷେତ୍ର ଉପରେ। ତେଣୁ ସେଠାରେ ଏହି ଆଦିମ ଯୁଗର ବରଫ ମାତ୍ର କେଇଟା ମାସରେ ତରଳି ଜଳରେ ପରିଣତ ହୋଇଯାଉଛି। ସମଗ୍ର ବିଶ୍ୱ ନେତୃତ୍ୱ ଏକଜୁଟ ହୋଇ ଏ ଦିଗରେ ସୁଚିନ୍ତିତ ପଦକ୍ଷେପ ନେବା ଆବଶ୍ୟକ ।

ଗୋପୀନାଥ ସାହୁ, ଜଗତସିଂହପୁର

# ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା

**ସନ୍ତୋଷ କୁମାର ଦାଶ**



ନିଦାଘର ତପ୍ତ ରୌଦ୍ରରେ ପୃଥିବୀ ସହ ଗଗନ, ପବନ ତାତି ଉଠେ। ପ୍ରତ୍ୟେକ ଙ୍କ ପ୍ରାଣ ଶୀତଳ ଛାୟା, ଜଳଧାର ଓ ଶୀତଳ ଉପଚାର ଖୋଜିଥାଏ। ସୁଶୀତଳ ଚନ୍ଦନ ପ୍ରଲେପ ଶରୀର ସହ ଆତ୍ମା କୁ ଥଣ୍ଡା ର ପରଶ ଦେଇ ବିମୋହିତ କରି ଦେଇଥାଏ। ଗ୍ରୀଷ୍ମ ଋତୁରେ ମଣିଷ ଏସବୁ ଉପଚାର କରୁଥିବାବେଳେ ପୁରୀ ଶ୍ରୀମନ୍ଦିର ରେ ମାନବୀୟ ଲୀଳା ପ୍ରଦର୍ଶନ କରୁଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥ ବା କିପରି ଏଥିରୁ ଦୁରେଇ ରହିଥାନ୍ତେ ? ଚନ୍ଦନ ଚର୍ଚ୍ଚିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମଧ୍ୟ ଗ୍ରୀଷ୍ମ ପ୍ରକୋପ ରୁ ଆଶ୍ୱସ୍ତି ପାଇବା ପାଇଁ ଚନ୍ଦନ ଲାଗି ହେବା ସହିତ ଜଳ କ୍ରୀଡା କରିଥାନ୍ତି। ମହାପ୍ରଭୁ ଙ୍କ ଏହି ଲୀଳା ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ର ଅନ୍ତିମ ଯାତ୍ରା ଓ ଶ୍ରୀ ମନ୍ଦିର ରେ ପାଳିତ ଉତ୍ସବ ମଧ୍ୟରେ ଦୀର୍ଘ ଦିନ ଧରି ପାଳିତ ହେଉଥିବା ଉତ୍ସବ ଭାବେ ପରିଗଣିତ ହୋଇ ଆସିଛି।

ପ୍ରତିବର୍ଷ ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ଦିନ ଅର୍ଥାତ ଅକ୍ଷୟ ତୃତୀୟା ଦିନ ଏହି ଉତ୍ସବ ବା ଯାତ୍ରା ର ଶୁଭାରମ୍ଭ ହୋଇଥାଏ। ଯାହା ମହାପ୍ରଭୁ ଙ୍କ ଚନ୍ଦନ ଯାତ୍ରା ଭାବେ ପରିଚିତ ହୋଇ ଆସିଛି। ଏହି ଯାତ୍ରା ଦୁଇ ଭାଗ ରେ ବିଭକ୍ତ। ପ୍ରଥମ ୨୧ ଦିନ କୁ ବାହାର ଚନ୍ଦନ ଯାତ୍ରା ଓ ଶେଷ ୨୧ ଦିନ କୁ ଭିତର ଚନ୍ଦନ ଯାତ୍ରା ଭାବେ ଗ୍ରହଣ କରାଯାଇଛି। ଶ୍ରୀ ମନ୍ଦିର ସ୍ୱତ୍ୱଲିପି ରୁ ଜଣାଯାଏ ଯେ, ଅକ୍ଷୟ ତୃତୀୟା ଦିନ ସକାଳ ଧୂପ ଶେଷ ହେବା ପରେ ପଣ୍ଡା, ପତି,ମୁଦିରସ୍ତ ଓ ମଇଲମ ନୀତି କରିଥିବା ତିନି ଜଣ ପୁଷ୍ପାଳକ ପୂର୍ବଦିନ ରାତି ରେ ଚନ୍ଦନ ଅଧିବାସ ହୋଇ ରହିଥିବା ଭୋଗ ମଣ୍ଡପ ଘର କୁ ଯାଇଥାନ୍ତି।

ସେମାନେ ପିଙ୍ଗଣ ମାନଙ୍କୁ ଘଣ୍ଟା, ଛତା ଓ କାହାଳୀ ସହ ପଟୁଆର କରାଇ ବଡ଼ଦେଉଳ କୁ ତିନିଥର ପରିକ୍ରମା କରାନ୍ତି ଓ ଠାକୁର ମାନଙ୍କୁ ସିଂହାସନ ଉପରେ ତିନି ବାଡ଼ରେ ରଖିଥାନ୍ତି। ତିନି ଜଣ ପଣ୍ଡା ପଞ୍ଚୋପଚାର ରେ ଶୀତଳ ଭୋଗ ଅର୍ପଣ କରିଥାନ୍ତି। ଏଥିରେ ଟେରା ପଡ଼େ ନାହିଁ। ତାପରେ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଭୂ ଦେବୀ, ଶ୍ରୀ ଦେବୀ ଓ ମାଧବ ଙ୍କୁ ଅଳଙ୍କାର ଲାଗି କରାଯାଏ ଓ ବେଶ ଅନୁଷ୍ଠିତ ହୋଇଥାଏ। ଚନ୍ଦନ ସର୍ବାଙ୍ଗ ବଢିବା ପରେ ଦକ୍ଷିଣ ଘରେ ଥିବା ମଦନ ମୋହନ ଓ ରାମକୃଷ୍ଣ ଦେବ ଙ୍କୁ ମହାଜନେ ଭିତର ସିଂହାସନ କୁ ବିଜେ କରାଇଥାନ୍ତି। ପୂଜାପଣ୍ଡା ଭୋଗ ମଣୋହି କରିବା ପରେ ତିନି ବାଡ଼ରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥାନ୍ତି। ମହାଜନେ ଚଳନ୍ତି ପ୍ରତିମା ମାନଙ୍କୁ ହାତରେ ବିଜେ କରାଇ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କି ରେ ରାମ କୃଷ୍ଣ ଦୁଇ ଦେବ ଙ୍କୁ ଓ ବିମାନ ରେ ମଦନ ମୋହନ, ଶ୍ରୀ ଦେବୀ ଓ ଭୂଦେବୀ ଙ୍କୁ ବିଜେ କରାନ୍ତି । ରୁନ୍ଧା ବଢିବା ପରେ ମାଳ ଫୁଲ ଲାଗି ହୋଇ ବିଜେ କାହାଳୀ ବାଜେ। ବିମାନଗଡୁ ସେବକ ମାନେ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ରେ ନରେନ୍ଦ୍ର ଚକଡ଼ା କୁ ଚନ୍ଦନ ଯାତ୍ରା ପାଇଁ ଠାକୁର ମାନଙ୍କୁ ବିଜେ କରାନ୍ତି। ମହାପ୍ରଭୁ ଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ନରେନ୍ଦ୍ର ପୋଖରୀ କୁ ଯାଆନ୍ତି।

ତାଙ୍କ ପଛରେ ପଞ୍ଚ ମହାଦେବ ଙ୍କ ବିମାନ ଯାଇଥାଏ। ବଡ଼ଦାଣ୍ଡ ର ବିଭିନ୍ନ ସ୍ଥାନ ରେ ଛାମୁଣ୍ଡିଆ ନିର୍ମାଣ ହୋଇଥାଏ। ଏହି ଛାମୁଣ୍ଡିଆ ତଳେ ଠାକୁର ମାନେ ବିଶ୍ରାମ କରନ୍ତି। ଠାକୁର ଓ ଦେବୀ ମାନେ ନରେନ୍ଦ୍ର ପୁଷ୍କରିଣୀ ଠାରେ ପହଞ୍ଚି ପୁଷ୍କରିଣୀ ଜଳରେ ସୁ ସଜ୍ଜିତ ଚାପ ( ଡଙ୍ଗା) ରେ ବିହରଣ କରନ୍ତି। ଦୁଇଟି ନୌକା ରେ ଗୋଟିଏ ଚାପ ତିଆରି ହୋଇ ଏହାର ଚାରିଆଡ଼େ ଚାରୋଟି ଖମ୍ବ ଥାଏ। ଏହା ଉପରେ ମଣ୍ଡପ ତିଆରି ହୋଇଥାଏ। ଚନ୍ଦନ ମଣ୍ଡପ ରେ ଠାକୁର ମାନଙ୍କ ପାଇଁ ସ୍ୱତନ୍ତ୍ର ଚନ୍ଦନ କୁଣ୍ଡ ତିଆରି ହୋଇ ଥାଏ। ଦିବସ ଚାପ ପରେ ଠାକୁର ମାନଙ୍କୁ ନିଜ ନିଜ ଚନ୍ଦନ କୁଣ୍ଡକୁ ବିଜେ କରାଯାଇ ଜଳ କ୍ରୀଡା କରାଯାଏ। ଏହା ପରେ ରାତି ଚାପ ହୁଏ ଓ ରାତ୍ରୀ ଚାପ ପରେ ଠାକୁର ମାନେ ମନ୍ଦିର କୁ ଫେରି ଆସନ୍ତି। ପ୍ରଥମ ଦଶ ଦିନ ଚାପ ପରେ ଏଗାର ଦିନ ଠାରୁ ଠାକୁର ଙ୍କ ବେଶ ପରିବର୍ତ୍ତନ କରାଯାଇଥାଏ। ଶେଷ ଦଶ ଦିନ ଠାକୁର ମାନେ କୃଷ୍ଣାବତାର ବେଶ ରେ ସଜ୍ଜିତ ହୋଇଥାନ୍ତି। ଏହି ୨୧ ଦିନ ଚାପ କୁ ବାହାର ଚନ୍ଦନ ଯାତ୍ରା ବୋଲି କୁହାଯାଏ। ଶେଷ ଦିନ ୨୧ ଥର ଚାପ ବୁଲା ଭଉଁରୀ ଅନୁଷ୍ଠିତ ହୋଇଥାଏ। ଅବଶିଷ୍ଟ ୨୧ ଦିନ ମନ୍ଦିର ଭିତରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହାକୁ ଭିତର ଚନ୍ଦନ ଯାତ୍ରା ବୋଲି କୁହାଯାଏ। ପୁରାଣ ର ବର୍ଣ୍ଣନା ଅନୁସାରେ ଦ୍ୱାପର ଯୁଗରୁ ଏହି ଚନ୍ଦନ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇ ଆସୁଛି। ଘୋଷ ଯାତ୍ରା ଓ ଦୋଳ ଯାତ୍ରା ପରି ଚନ୍ଦନ ଯାତ୍ରା ର ମହତ୍ତ୍ୱ ରହିଛି।

ଏଣୁ ଶାସ୍ତ୍ର ରେ କୁହାଯାଇଛି ଯେ,' ଦୋଳେ ଚ ଦୋଳ ଗୋବିନ୍ଦମ, ଚାପେ ଚ ମଧୁସୂଦନମ। ରଥେ ତୁ ବାମନମ ଦୃଷ୍ଟ୍ୱା ପୁନଃ ଜନ୍ମ ନ ବିଦ୍ୟତେ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ଚନ୍ଦନଯାତ୍ରା ପାଳନ ର ସମୟ ସମ୍ପର୍କ ରେ କୌଣସି ସଠିକ୍ ଐତିହାସିକ ତଥ୍ୟ ନାହିଁ ତେବେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଦ୍ୱାପର ଯୁଗର କଥା। ପାଣ୍ଡବମାନେ ବିରାଟ ରାଜା ଙ୍କ ନଅର ରେ ଏକବର୍ଷ ଅଜ୍ଞାତବାସ ପୂର୍ଣ୍ଣ କରିବାପରେ ରାଜା ବିରାଟ ସମସ୍ତ ପାଣ୍ଡବ ଙ୍କ ପରିଚୟ ପାଇ ଆନନ୍ଦିତ ହେଲେ। ବିରାଟ ଜାଣିଥିଲେ ଯେ, ଭଗବାନ ଶ୍ରୀ କୃଷ୍ଣ ପାଣ୍ଡବ ମାନଙ୍କର ଆତ୍ମୀୟ ଅଟନ୍ତି। ସେ ଶ୍ରୀ କୃଷ୍ଣ ଙ୍କ ଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କରି ପାଣ୍ଡବ ମାନଙ୍କୁ ଏକ ପ୍ରସ୍ତାବ ଦେଲେ। ସେ ସମୟ ଥିଲା ଗ୍ରୀଷ୍ମ ଋତୁ। ବିରାଟ ରାଜ୍ୟ ର ଏକ ବଡ଼ ସରୋବର ( ପୁଷ୍କରିଣୀ) ରେ ଭବ୍ୟ ଜଳ କ୍ରୀଡା ର ଆୟୋଜନ ହେବ। ଏହି କ୍ରୀଡା ରେ ଯୋଗ ଦେବାକୁ ଶ୍ରୀ କୃଷ୍ଣ ଓ ବଳରାମ ଦୁଇ ଭାଇ ଙ୍କୁ ନିମନ୍ତ୍ରଣ କରାଯିବ। ବିରାଟ ରାଜ୍ୟ ର ପ୍ରଜା ମାନେ ଏହି ସୁଯୋଗରେ ଭଗବାନ ଶ୍ରୀ କୃଷ୍ଣ ଓ ବଳରାମ ଙ୍କ ଦର୍ଶନ ପାଇ ପାରିବେ। ସେହି ଅନୁସାରେ ଜଳ କ୍ରୀଡା ର ଆୟୋଜନ ହେଲା ଆଉ ଶ୍ରୀ କୃଷ୍ଣ ଓ ବଳରାମ ଙ୍କୁ ଜଳ କ୍ରୀଡା ରେ ଭାଗ ନେବାକୁ ବିରାଟ ରାଜା ନିମନ୍ତ୍ରଣ ପଠାଇଲେ। ନିଜ ଆତ୍ମୀୟ ପାଣ୍ଡବ ମାନଙ୍କୁ ଅନେକ ଦିନ ହେବ ଶ୍ରୀ କୃଷ୍ଣ ଓ ବଳରାମ ସାକ୍ଷାତ କରି ନ ଥିବାରୁ ସେମାନଙ୍କର ମଧ୍ୟ ଇଚ୍ଛା ହେଲା ଜଳ କ୍ରୀଡା ରେ ଭାଗ ନେବା ସହିତ ବିରାଟ ରାଜ୍ୟ ରେ ଥିବା ପାଣ୍ଡବ ମାନଙ୍କୁ ସାକ୍ଷାତ କରିବାକୁ। ପବିତ୍ର ଅକ୍ଷୟ ତୃତୀୟା ଦିନ ଏହି ଜଳ କ୍ରୀଡା ଆରମ୍ଭ ହୋଇଥିଲା।

କୃଷ୍ଣ ବଳରାମ ଦୁଇ ଭାଇ ଆସି ବିରାଟ ରାଜା ଙ୍କ ନଅର ରେ ପହଞ୍ଚିଲେ। ପାଣ୍ଡବ ମାନଙ୍କୁ ସାକ୍ଷାତ କରି ସେମାନଙ୍କ ଭଲ ମନ୍ଦ ବୁଝି ଜଳ କ୍ରୀଡା ରେ ଯୋଗ ଦେଇଥିଲେ। ଏହି ଜଳକ୍ରୀଡା ୨୧ ଦିନ ଧରି ଚାଲିଥିଲା।ବିରାଟ ରାଜ୍ୟ ର ରାଜା ଓ ପ୍ରଜା ସମୂହ ଶ୍ରୀ କୃଷ୍ଣ ଙ୍କ ଦର୍ଶନ ଲାଭ କରି କୃତାର୍ଥ ହେଲେ। ଏହି ସ୍ମୃତି କୁ ମନେ ପକାଇବା ପାଇଁ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ଶ୍ରୀ କୃଷ୍ଣ ବୋଲି ବିବେଚନା କରାଯାଇ ପୁରୀ ଶ୍ରୀ କ୍ଷେତ୍ର ରେ ଚନ୍ଦନଯାତ୍ରା ଆରମ୍ଭ ହୋଇଥିବା କୁହା ଯାଇଥାଏ। ଅନେକ ଙ୍କ ମତରେ ଗଜପତି ପ୍ରତାପରୁଦ୍ର ଙ୍କ ସମୟ ରେ ମହାପ୍ରଭୁ ଙ୍କ ର ଏହି ପ୍ରସିଦ୍ଧ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା। ସେ ଯାହା ହେଉନା କାହିଁକି ବୈଶାଖ ମାସ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଠାରୁ ୪୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସୁଥିବା ମହାପ୍ରଭୁ ଙ୍କ ଚନ୍ଦନ ଯାତ୍ରା ବେଶ ଲୋକପ୍ରିୟ ହୋଇପାରିଛି।

ତୁଳସୀପୁର, ପୁରୀ
ମୋ:୯୪୩୯୩୬୧୮୮୮।





# ମିଳୁନାହାନ୍ତି ବଳଦ: ୫ ବର୍ଷରେ ୫୦% ହ୍ରାସ, ୧.୧୭ ଲକ୍ଷ ଗୋରୁ ଉଭାନ

ସମ୍ବଲପୁର: ଚଳିତବର୍ଷ ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ ପାଇଁ ଚାଷୀଙ୍କୁ ମିଳିଲା ନାହିଁ ବଳଦ। ସ୍ଥିତି ଏଭଳି ହେଲା ଯେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଉଚକାପାଟରେ ବଳଦ ଅଭାବରୁ ଅଘରିଆ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରାକ୍ଟରରେ ଅଖିମୁଠି ଅନୁକୂଳ ହୋଇଥିଲା। ବହୁସଂଖ୍ୟାରେ ଚାଷୀ ତ ଅଖିମୁଠିପାଳନ ହିଁ କଲେ ନାହିଁ। ଯେଉଁମାନେ କଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବୁଢ଼ା ବଳଦରେ ଔପଚାରିକ ଭାବେ ହଳ କରିଥିଲେ। କାରଣ ୫ ବର୍ଷ ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ବଳଦ ସଂଖ୍ୟା ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇଛି। ଅର୍ଥାତ ୨୦୨୧ ମସିହାର ଗଣନା ଅନୁଯାୟୀ ଯେଉଁଠି ଜିଲ୍ଲାରେ ୫୮ ହଜାର ୧୨୪ ବଳଦ ଥିଲେ, ଏବର୍ଷ ସେ ସଂଖ୍ୟା ୨୯ ହଜାରକୁ କମିଯାଇଛି। ସେଥିରେ ପୁଣି ଏସ୍ ?ଏମ୍ ?ସି ଓ ଶିକ୍ଷାଞ୍ଚଳ ରେଙ୍ଗାଲିରେ ଗୋରୁଙ୍କ ସଂଖ୍ୟା ଉଦ୍ ?ବେଗଜନକ ଭାବରେ କମିଛି। ସିଡିଭିଓ କାର୍ଯ୍ୟାଳୟର ସୂଚନା ଅନୁସାରେ କେବଳ ବଳଦ ନୁହେଁ, ସମ୍ବଲପୁର ଜିଲ୍ଲାରେ ଉଭୟ ଗାଈ ଓ ବଳଦଙ୍କୁ ମିଶାଇ ଗୋ'ସମ୍ପଦ ହ୍ରାସ ପାଇବାରେ ଲାଗିଛି। କୋଭିଡ୍ ପରଠାରୁ ଏହା ଜଟିଳ ହୋଇଛି।



୨୦୨୧ ମସିହାରେ ଜିଲ୍ଲାରେ ସମୁଦାୟ ୨.୪୭ ଲକ୍ଷ ଗୋରୁ ଥିଲାବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧.୩ ଲକ୍ଷକୁ କମିଛି। ଏଭଳି କୌଣସି ବ୍ଲକ୍ ? ନାହିଁ ଯେଉଁଠି ଗୋରୁଙ୍କ ସଂଖ୍ୟା ହ୍ରାସ ପାଇ ନାହିଁ। ରେଙ୍ଗାଲି ବ୍ଲକ୍ ?ରେ ଗୋରୁ ସଂଖ୍ୟା ୧୮ ହଜାର ୮୫୭ରୁ ୫୫୦୮କୁ କମିଛି। ସମ୍ବଲପୁର ଭଳି କୃଷି ଜିଲ୍ଲାରେ ସ୍ଥିତି ଯଦି ଏଭଳି, ଅନ୍ୟ ଜିଲ୍ଲାମାନଙ୍କରେ ଅବସ୍ଥା କିଭଳି ଥିବ ତାହା ଅନୁମାନ କରାଯାଇପାରେ। ଏହାକୁ ନେଇ ଚାଷୀ ବ୍ୟୋମକେଶ ଠାକୁର କହିଛନ୍ତି, ବର୍ତ୍ତମାନ ପୂର୍ବଭଳି ବଳଦରେ ଜମି ଯୋତାଯାଉ ନାହିଁ। ପାୱାର ଟିଲ ? କିମ୍ବା ଟ୍ରାକ୍ଟରରେ ଜମି ଚାଷ ହେଉଛି। ତେଣୁ ଚାଷୀ ବଳଦ ରଖିବାକୁ ଆଗ୍ରହୀ ହେଉ ନାହାନ୍ତି। ଗୋରୁ ଚରାଇବା ପାଇଁ ଲୋକ ମିଳୁ ନାହାନ୍ତି କି ଘାସ ବା ନଡ଼ା ବି ଉପଲବ୍ଧ ହେଉନାହିଁ। ପାୱାର ଟିଲରରେ ଚାଷ କଲେ କେବଳ ଆବଶ୍ୟକ ସମୟରେ ଡିଜେଲ ଖର୍ଚ୍ଚ ହେଉଛି। କିନ୍ତୁ ବଳଦରେ ଚାଷ ହେଲେ ଚାଷୀଙ୍କୁ ବର୍ଷସାରା ଖର୍ଚାନ୍ତ ହେବାକୁ ପଡୁଛି। ବଳଦଙ୍କୁ ନିୟୋଜିତ କରି ହଳ ବୁଲାଇବାକୁ ଲୋକ ବି ମିଳୁ ନାହାନ୍ତି। ସେଥିରେ ପୁଣି ଗାଁରେ ଗୋଚର ଜମି ବି ନାହିଁ। ଚାଷୀଙ୍କ ପାଇଁ ବଳଦ ବୋଝରେ ପରିଣତ ହୋଇସାରିଛି। ଗତବର୍ଷ ସେ ନିଜେ ଘରର ବଳଦକୁ କିଛି ଟଙ୍କା ଦେଇ ଅନ୍ୟ ଏକ ଗାଁର ଜଣେ ଗୋରୁ ଚରୁଆଳିକୁ ଦେଇଥିବା କହିଛନ୍ତି ବ୍ୟୋମକେଶ। ଧାନ ବିକ୍ରି ସମସ୍ୟା ସହିତ ବଳଦ ଅଭାବ ଯୋଗୁଁ ଅକ୍ଷୟ ତୃତୀୟା ଆଉ ଗାଁରେ କେହି ଚାଷୀ ପାଳନ କରୁ ନାହାନ୍ତି।

ଚାଷୀ ଯୋଗବିହାରୀ କହିଛନ୍ତି, ବାମରା ଅଣଜଳସେଚିତ ଅଞ୍ଚଳ। ଏହା ସତ୍ତ୍ୱେ ଏଠାରେ ବଳଦ ମିଳିଲା ନାହିଁ। କେବଳ ଚ ?ଳିତ ବର୍ଷ ନୁହେଁ, କିଛି ବର୍ଷ ହେଲା ଏହି ସ୍ଥିତି ଜାରି ରହିଛି। ଯେଉଁମାନେ ବି ଅଛନ୍ତି, ରାସ୍ତା କଡ଼ରେ ଅଧିକାଂଶ ସମୟରେ ପଞ୍ଜରା ହାଡ଼ ଧରି ବୁଲୁଛନ୍ତି। ସମ୍ବଲପୁର ସିଡିଭିଓ ଶିବ ପ୍ରସାଦ ଦାସ ମଧ୍ୟ ବଳଦ ସଂଖ୍ୟା ହ୍ରାସକୁ ସ୍ୱୀକାର କରିଛନ୍ତି। ଚାଷରେ କ୍ରମାଗତ ଭାବରେ ଏହାର ଉପଯୋଗିତା ହ୍ରାସ ଏକ ବଡ଼ କାରଣ ବୋଲି କହିଛନ୍ତି। କୋଭିଡ୍ ? ସମୟରେ ଗୋରୁମାନେ ଖାଇବାକୁ ନ ପାଇବାରୁ ସେମାନଙ୍କ ସଂଖ୍ୟା କମିବାକୁ ଲାଗିଥିବା କହିଛନ୍ତି।

ଗୋରୁଙ୍କ ସଂଖ୍ୟା: ବ୍ଲକ ୨୦୨୧ ୨୦୨୬, ଧନକଉଡ଼ା ୧୮୮୯୮ ୧୨୯୪୬, ରେଙ୍ଗାଲି ୧୮୮୫୭ ୫୫୦୮, ଯୁଯୁମୁରା ୨୨୦୩୩ ୧୨୭୯୪, ମାନେଶ୍ୱର ୧୨୮୧୦ ୬୮୫୫, ବାମରା ୪୫୬୦୫ ୧୯୮୬୩, ଜମନକିରା ୩୧୭୨୪ ୧୬୯୦୩, ନାକ୍ଟିଦେଉଲ ୪୦୨୨୦ ୨୧୪୮୮, ରେଢାଖୋଲ ୪୦୮୭୦ ୧୮୮୬୩, କୁଚିଣ୍ଡା ୧୬୭୭୮ ୧୫୧୯୭, ସମୁଦାୟ ୨୪୭୭୯୫ ୧୩୩୩୧୧।

# ବିଦ୍ୟାଳୟର ହଷ୍ଟେଲରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କଲା ବିଭାଗ; ୧୧୦ଜଣ ଛାତ୍ରୀ ହନ୍ତସନ୍ତ

ଘୁ.ଉଦୟଗିରି :କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରି ଅନ୍ତର୍ଗତ ଗ୍ରେସିଙ୍ଗିଆ ପଞ୍ଚାୟତସ୍ଥିତ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରାବାସ ୪ଦିନ ହେଲା ବିଦ୍ୟୁତ ବିଚ୍ଛିନ୍ନ କରିଛି ବିଦ୍ୟୁତ ବିଭାଗ। ଏଠାରେ ୧୧୦ଜଣ ଛାତ୍ରୀ ବିନା ବିଦ୍ୟୁତ୍ ?ରେ ଛାତ୍ରାବାସରେ ଡହଳ ବିକଳ ହୋଇ ରହିଛନ୍ତି। କିନ୍ତୁ ପରିତାପର ବିଷୟ ଯେ ଗତ ଶୁକ୍ରବାର ରାତ୍ର ଠାରୁ ଏଠାରେ ବିଦ୍ୟୁତ୍ ନ ଥିବାରୁ ଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି।

ଛାତ୍ରୀମାନେ ଦୁଇ ଦିନ ହେଲା ଗାଧୋଇ ନାହାଁନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଏହି ବିଦ୍ୟାଳୟ ଓ ହଷ୍ଟେଲରୁ ମିଳିଛି ବିକଳ ଚିତ୍ର। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ ଭିତରକୁ ଯିବାକୁ ବାରଣ କରିଛନ୍ତି। କିନ୍ତୁ କ୍ୟାମେରା ସମ୍ମୁଖରେ କିଛି କହି ନ ଥିଲେ ମଧ୍ୟ ସେ କହିଛନ୍ତି ୧୦ହଜାର ଟଙ୍କା ବକେୟା ଅର୍ଥ ପୈଠ କରି ନ ଥିବାରୁ ବିଦ୍ୟୁତ୍ ସେବା ବନ୍ଦ ଅଛି। ମଙ୍ଗଳବାର ଦିନ ଟଙ୍କା ବନ୍ଧା ହୋଇଛି। କିନ୍ତୁ ରିପୋର୍ଟ ଲେଖାଯିବା ସୁଦ୍ଧା ବିଦ୍ୟୁତ ସଂଯୋଗ ହୋଇ ନାହିଁ।

ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନେ ପାଠ ପଢ଼ାରେ ଅସୁବିଧା ସହ ହଷ୍ଟେଲରେ ରହୁଥିବା ଅନ୍ତେବାସୀମାନେ ମଧ୍ୟ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କିନ୍ତୁ କିଛି ସ୍ଥାନୀୟ ଲୋକ ଏହି ବିଦ୍ୟୁତ୍ ସେବା ବନ୍ଦ ଥିବାରୁ ପ୍ରତିବାଦ ବି କରିଛନ୍ତି। ନିଛାଟିଆ ସ୍ଥାନରେ ଏହି ହଷ୍ଟେଲ ଓ ବିଦ୍ୟାଳୟ ଥିବାରୁ ରାତିରେ ଛାତ୍ରୀମାନେ ସୁରକ୍ଷିତ ନ ଥିବାର ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ବିଦ୍ୟୁତ୍ ସେବା ଯୋଗାଇଦେଲେ ଏହାର ପଢୁଥିବା ଛାତ୍ରୀ ଓ ହଷ୍ଟେଲରେ ରହୁଥିବା ଛାତ୍ରୀମାନେ ଉପକୃତ ହୋଇ ପାରିବେ।

ଅନ୍ୟପକ୍ଷରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ଶକ୍ତି ମନ୍ତ୍ରୀ କିଛି ଦିନ ତଳେ ନିର୍ଦ୍ଦେଶ ଦେଇଥିଲେ ବକେୟା ଥିଲେ ବିଦ୍ୟୁତ ସଂଯୋଗ କଟିବନି ହେଲେ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ର ବକେୟା ଥିବା ଯୋଗୁଁ ୧୧୦ଜଣ ଛାତ୍ରୀଙ୍କୁ ଅନ୍ଧକାରକୁ ଠେଲି ଦେଇ ବିଦ୍ୟୁତ କାଟି ଦେଲେ ବିଭାଗୀୟ କର୍ମଚାରୀ। ଏଥିରୁ ସ୍ପଷ୍ଟ ଯେ ଶକ୍ତି ମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଣିରେ ଗାର ସଦୃଶ।




# କାମରେ ଆସୁନି ଓମ୍‌ଫେଡ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର



ପାରଳାଖେମୁଣ୍ଡି : ସକାଳ ପାଇଲେ ସଭିଙ୍କୁ ଦୁଗ୍ଧର ଅବଶ୍ୟକ ପଡେ। ତେଣୁ ଦୁଗ୍ଧର ଚାହିଦା ମେଂଟାଇବା ପାଇଁ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନକୁ ଗୁରୁତ୍ୱ ଦେଇ ସାରା ରାଜ୍ୟରେ କାର୍ଯ୍ୟକ୍ଷମ କରିଛନ୍ତି ଓମଫେଡ କେନ୍ଦ୍ର । ଓମଫେଡ ମାଧ୍ୟମରେ ଦୁଗ୍ଧ ଉତ୍ପାଦନ କରୁଥିବା ଚାଷୀଙ୍କ ଠାରୁ ଉଚିତ ମୂଲ୍ୟରେ ଦୁଗ୍ଧ ସଂଗ୍ରହ କରି ସୁଲଭ ମୂଲ୍ୟରେ ଲୋକଙ୍କ ନିକଟରେ ପହଂଚାଇବା ବ୍ୟବସ୍ଥା କରାଯାଇଛି। ଏକଦା ଲୋକଙ୍କର ଏକ ନିର୍ଭରଶୀଳ ସଂସ୍ଥା ଭାବେ ଗଢି ଉଠିଥିଲା। ଗଜପତି ଜିଲ୍ଲାରେ ମଧ୍ୟ ପାରଳାଖେମୁଣ୍ଡି ସହରରେ ୧୯୯୩ ମସିହାରେ ଏକ ସ୍ୱତନ୍ତ୍ର ପରିସରରେ ପ୍ରତିଷ୍ଠା ହୋଇଥିଲା ଏହି ଓମଫେଡଅନୁଷ୍ଠାନ। ଦୁଗ୍ଧ ଉତ୍ପାଦନକାରୀ ଚାଷୀଙ୍କ ଠାରୁ ଦୈନିକ ୫ ହଜାର ଲିଟରରୁ ଉର୍ଦ୍ଧ୍ୱଦୁଗ୍ଧ ସଂଗୃହିତ ହୋଇ ଆସୁଥିଲା, ଦୁଗ୍ଧ ସଂଗ୍ରହ ଠାରୁ ପ୍ରକ୍ରିୟାକରଣ କରିବା ପାଇଁ ୨୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ଏଠାରେ ନିୟୋଜିତ ହେଉଥିଲେ। ବର୍ତମାନ ତାହା ଦୁଇଜଣ କର୍ମଚାରୀରେ ସୀମିତ ରହିଛି । ବଜାରରେ ମଧ୍ୟ ଓମଫେଡ ଦୁଗ୍ଧର ଯଥେଷ୍ଟ ଚାହିଦା ଓ ଲୋକଙ୍କ ଭରଷା ଯୁକ୍ତ ରହିଥିଲା। ଅନୁରୂପରେ ଗୋପାଳନ ନେଇ ପ୍ରୋତ୍ସାହିତ ହେଉଥିଲେ

ଚାଷୀ। ପରବର୍ତୀ ସମୟରେ ଘରୋଇ ସଂସ୍ଥାକୁ ପ୍ରୋତ୍ସାହିତ କରାଯିବା ଫଳରେ ସରକାରୀସ୍ତରରେ ଅବହେଳାର ଶିକାର ହେବାରେ ଲାଗିଲା ଏହି ସଂସ୍ଥା । ପ୍ରକିୟାକରଣ କେନ୍ଦ୍ର ଓ କାର୍ଯ୍ୟାଳୟ କୋଠା ନଷ୍ଟ ହୋଇଯାଇଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି କେତେବେଳ ଯେ କଣ ହେବ ତାହା କହିବା ମୁସ୍କିଲ। ସେହିଭଳି ଆସବାବପତ୍ର ସବୁ ଧିରେ ଧିରେ କଳଙ୍କି ଲାଗି ନଷ୍ଟ ହେଲାଣି, ଜରାଜୀର୍ଣ୍ଣ ଅବସ୍ଥାରେ କୋଠା ରହିଥିବା ବେଳେ ସମ୍ପୂର୍ଣ୍ଣ ଅଂଚଳ ଏବେ ଜଙ୍ଗଲ ଭଳି ପରିବେଶ ସୃଷ୍ଟି ହୋଇଛି। ତଥାପି ସେଠାରେ ପ୍ରକୀୟାକରଣ ଓ ଶୀତଳୀକରଣ କାର୍ଯ୍ୟ ଚାଲୁ ରହିଛି। ଅପରପକ୍ଷରେ ଦୁଗ୍ଧ ଉତ୍ପାଦନକାରୀ ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ମିଳିପାରିଲା ନାହିଁ । ଯାହା ଫଳରେ ଗତ କିଛି ବର୍ଷମଧ୍ୟରେ ଅନୁଷ୍ଠାନର ଅଧୋଗତି ଘଟି ଦେବାଳିଆ ସ୍ଥିତିକୁ ଗତି କଲାଣି। ପ୍ରୋତ୍ସାହନ ଅଭାବରୁ ଦୁଗ୍ଧ ସଂଗ୍ରହ ୫ହଜାର ଲିଟରରୁ କମି ୫ ଶହ ଲିଟରରେ ପହଂଚିଛି । ଆନ୍ଧ୍ର ରୁଗାଡ଼ି ଆସି ଚାଷୀଙ୍କ ଠାରୁ ଅଧିକା ଦାମ ଦେଇ କ୍ଷୀର ସଂଗ୍ରହ କରି ନେଉଥିବା ବେଳେଓମଫେଡ ଜଳକା ହୋଇ ଚାହିଁ ରହୁଛି। ଆନ୍ଧ୍ର କମ୍ପାନୀ ଲିଟର ପିଛା ୬୦ ଟଙ୍କା ଦେଉଥିବା ବେଳେ ଓମଫେଡ ମାତ୍ର ୩୫ ଟଙ୍କା ଦାମ ଦେଉଥିବା ଯୋଗୁଁ ଉପଯୁକ୍ତ ମୂଲ୍ୟ ପାଇନପାରି ଓମଫେଡ ଠାରୁ ମୁହଁ ଫେରାଉଛନ୍ତୁ ଚାଷୀ। ବଜାରରେ ଆନ୍ଧ୍ର ଉତ୍ପାଦିତ କ୍ଷୀରର ଦାମ ଲିଟର ପିଛା ୬୦ ଟଙ୍କା ଥିବା ବେଳେ ଓମଫେଡର ଦାମ ଲିଟର ପିଛା ୫୬ ଟଙ୍କା ରହିଛି ଯାହାଚାଷୀଙ୍କ ଠାରୁ କମ ଦାମରେ କ୍ଷୀର ନେଇ ଅଧିକ ଦାମରେ ବିକ୍ରି କରୁଛି ଓମଫେଡ, କିନ୍ତୁ ଆନ୍ଧ୍ର କମ୍ପାନୀ ଅଧିକା ଦାମରେ କ୍ଷୀର କିଣି ମଧ୍ୟ ବଜାରରେ ସମାନ ଦରରେ ବିକ୍ରିକରୁଛି । ତେଣୁ ଜିଲ୍ଲାରେ ଘରୋଇ ଦୁଗ୍ଧ ଉତ୍ପାଦନ କମ୍ପାନୀ ନଥିଲେ ମଧ୍ୟ ଆନ୍ଧ୍ର-ଓଡ଼ିଶା ସୀମାବର୍ତୀ ହୋଇଥିବାରୁ ଆନ୍ଧ୍ରରୁ ବିଶାଖା ଡାଇରି ଓ ହେରିଟେଜ ଭଳି କିଛି ଘରୋଇ କମ୍ପାନୀ ଜିଲ୍ଲାରେ ତାଙ୍କର କାୟା ବିସ୍ତାର କରି ପାରିଛନ୍ତି ।

ଅପରପକ୍ଷରେ ସରକାରୀ ସଂସ୍ଥାର ବିକାଶ ତଥା ବହୁଳ ଭାବରେ ପ୍ରଚାର ପ୍ରସାର ଦିଗରେ ବିଭାଗ ଗୁରୁତ୍ୱ ଦେଉନଥିବାରୁ ଅବହେଳାର ଶିକାର ହେଉଛି ଓମଫେଡ। ଭିତିଭୂମିର ବିକାଶ ନିମନ୍ତେ ସରକାର ଅନୁଦାନ ଦେଉ ନଥିବାରୁ, ରୁଗ୍ଣ ହେଲାଣି ଏହି କେନ୍ଦ୍ରର କୋଠାବାଡ଼ି, ଛାତରୁ ପାଣି ଝରି କଂକ୍ରିଟ ଝଡୁଛି, ଏଠି କାମ କରିବା ସୁରକ୍ଷିତ ନୁହେଁ, ଶୀତଳ ଭଣ୍ଡାର ଅବସ୍ଥାକହିଲେ ନସରେ, କର୍ମଚାରୀ ନିଯୁକ୍ତି ହେଉନାହିଁ, ମାତ୍ର ଦୁଇ ଜଣ ମିଲ୍କ ମେନ ଦ୍ୱାରାପରିଚାଳିତ ହେଉଛି । ଗତ ୫ ମାସ ହେଲା କର୍ମଚାରୀ ଦରମା ପାଇ ପାରିନାହାନ୍ତି ।ବ୍ରହ୍ମପୁର ଓମଫେଡ ଅଧିନରେ ଏହି କେନ୍ଦ୍ର ପରିଚାଳନା ହେଉଥିବା ବେଳେ ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉନଥିବା ଅଭିଯୋଗ ହୋଇଛି, ଏହାର ପୁନରୁଦ୍ଧାର ହେଲେ ଚାଷୀ ଓ ସାଧାରଣଜନତା ଉପକୃତ ହେବେ ବୋଲି କହିଛନ୍ତି ବୁଦ୍ଧିଜୀବୀ ଓ ଚାଷୀନେତା। ଅନ୍ୟ ପକ୍ଷରେସରକାରଙ୍କ ପକ୍ଷରୁ କୌଣସି ସହାୟତା ଆସିନଥିବା ଅନୁଦାନ ଅଭାବରୁ ମରାମତି କିମ୍ବା ଉଦ୍ଧାର ହୋଇ ପାରିନଥିବା ଗତ ୨୦୦୬ ମସିହା ଠାରୁ କୌଣସି ଅନୁଦାନ ଆସିନାହିଁ। ଗତ ତିତିଲି ମହା ବାତ୍ୟରେ ପ୍ଲାଂଟ୍ କ୍ଷତିଗ୍ରସ୍ତ ହୋଇଥିଲା ସେଥିରେ ବି କିଛି ଅନୁଦାନ ମିଳିଲାନି, ବାରମ୍ବାର ଏ ସମ୍ପର୍କରେ ଅବଗତ କରାଯାଇଛି କୌଣସି ସୁଫଳ ମିଳିନଥିବା ବ୍ରହ୍ମପୁର ଓମଫେଡର ସାଧାରଣ ପରିଚାଳକ କୁମୁଦ ଚନ୍ଦ୍ର ପାଢୀ।

# 'ଅଳକା' ନଦୀରୁ କେବେ ହଟିବ ଜବରଦଖଲ

ଜଗତସିଂହପୁର: ଯେଉଁ ନଦୀଶଯ୍ୟାରେ ଦିନେ ବ୍ରିଟିସ୍ ମାନଙ୍କ ବୋଟ୍ ଚାଲୁଥିଲା, ଯାହା କଡ଼ରେ 'ଅଳକା ଆଶ୍ରମ' ଗଢ଼ି ଉଠିଥିଲା, ସେହି ଐତିହାସିକ ଅଳକା ନଦୀ ଏବେ ମୃତପ୍ରାୟ। ନଦୀର ପୁନରୁଦ୍ଧାର କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ପ୍ରାୟ ୧୩ କୋଟି ଟଙ୍କାର ମହାଦୁର୍ନୀତି ହୋଇଥିବା ବେଳେ ନଈ ଭିତରେ ଜବରଦଖଲରେ ନିର୍ମାଣ କାର୍ଯ୍ୟ ବଢ଼ି ଚାଲିଛି। ତଥ୍ୟ ଅନୁଯାୟୀ ଇଂରେଜମାନେ ଭାରତକୁ ଶାସନ କରିବାର ପ୍ରାୟ ଦୁଇଶହ ବର୍ଷ ପୂର୍ବରୁ ୧୬୩୩ ଖ୍ରୀଷ୍ଟାବ୍ଦରେ ଜଗତସିଂହପୁରକୁ ଆସିଥିଲେ। ମରିଚିକୋଟ ଦେଇ ବାଲିକୁଦାରେ ପହଞ୍ଚିବା ପରେ ଅଳକା ନଦୀ ବାଟେ ଜଗତସିଂହପୁର ସହରରେ ପହଞ୍ଚିଥିଲେ। ଏଠାରେ ସୂତା କାରଖାନା ବସାଇ ୭ ବର୍ଷ ପର୍ଯ୍ୟନ୍ତ ବ୍ୟବସାୟ କରିଥିଲେ। ଅଳକା ନଦୀ ଦେଇ କଞ୍ଚାମାଲ, ସୂତା, ପୋଷାକ ଆଦି ବୋଟ୍ ? ମାଧ୍ୟମରେ ସମୁଦ୍ର ପର୍ଯ୍ୟନ୍ତ ଯାଉଥିଲା। ବ୍ରିଟିସ୍ ନାବିକ ବ୍ରୁଟନ୍ ଏ କଥା ତାଙ୍କ ପୁସ୍ତକରେ ମଧ୍ୟ ଉଲ୍ଲେଖ କରିଛନ୍ତି। ୧୦୩ ବର୍ଷ ପୂର୍ବେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ଅନ୍ତୁଡ଼ିଶାଳ କୁହାଯାଉଥିବା ଅଳକାଶ୍ରମ ଏହି ଅଳକା ନଦୀ କୂଳରେ ଗଢ଼ା ଯାଇଥିଲା। ଜିଲ୍ଲାର ସର୍ବପୁରାତନ ଏସ୍ ?ଭିଏମ୍ କଲେଜ ଓ ଅନ୍ୟତମ ଅଳକା କଲେଜ ଏହି ନଦୀ କୂଳରେ ଗଢ଼ି ଉଠିଥିଲା।

ଜଗତସିଂହପୁର ସହର ବି ଅଳକା କୂଳରେ ଗଢ଼ି ଉଠିଥିଲା। ଜଗତସିଂହପୁର ବ୍ଲକ୍‌ର ଅର୍ଦ୍ଧାଧିକ ଅଞ୍ଚଳ, ନାଉଗାଁ, ବାଲିକୁଦାର ଜୀବନରେଖା ପାଲଟିଥିଲା। ଚାଷ ସହ ମତ୍ସ୍ୟଜୀବୀ ଏହି ନଦୀ ଉପରେ ନିର୍ଭର କରି ନିଜର ଗୁଜରାଣ ମେଣ୍ଟାଉଥିଲେ। ଶାଖା କେନାଲକୁ ପାଣି ଯିବା ସହ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହୋଇପାରୁଥିଲା। ନଅଙ୍କ ଦୁର୍ଭିକ୍ଷ ପରେ ପରେ ଯେତେବେଳେ ତାଳଦଣ୍ଡା ଓ ଏହାର ଶାଖା ମାଛଗାଁ କେନାଲ ଖୋଳା ଯାଇଥିଲା ସେତେବେଳେ ଅଳକା ନଦୀର ଉତ୍ପତ୍ତିସ୍ଥଳ ମୁହଁ ବନ୍ଦ ହୋଇଯାଇଥିଲା। ନଦୀରେ ଧୀରେ ଧୀରେ ଜଳପ୍ରବାହ ବନ୍ଦ ହୋଇଥିଲା। ଜଳପ୍ରବାହ କମିବା ପରେ ଜବରଦଖଲ ଆରମ୍ଭ ହୋଇଥିଲା। ଏପରକି ଜଗତସିଂହପୁର ସହର ସମେତ ଆଉ କେତେକ ଅଞ୍ଚଳରେ ଅନେକ ଲୋକ ଜବରଦଖଲ କରି ନିଜ ନାଁରେ ପଟ୍ଟା କରାଇ ନେଇଥିଲେ। ଏବେ ଅଳକା ନଦୀଗର୍ଭରେ ଗାଲୁପଡ଼ା ପୋଲଠାରୁ କଣ୍ଟାପଡ଼ା ପର୍ଯ୍ୟନ୍ତ ଶହଶହ କୋଠା ତିଆରି ହୋଇ ସାରିଲାଣି। ଫଳରେ ଅଳକା ପୁନରୁଦ୍ଧାର ପାଇଁ ଖନନ ବେଳେ ବାଧା ଉପୁଜିଥିଲା। ଏ କଥା ତହସିଲ ଓ ଜିଲ୍ଲା ପ୍ରଶାସନ ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିଲେ।ମୃତ ଅଳକା ନଦୀକୁ ଜୀବନ୍ୟାସ ଦେବା ପାଇଁ ଯୋଜନା କରାଯାଇ ପ୍ରାୟ ୧୩ କୋଟି ଟଙ୍କା ବ୍ୟୟରେ ଖନନ ଆରମ୍ଭ ହୋଇଥିଲା। କିନ୍ତୁ ଏବେ ଅବସ୍ଥା ଆହୁରି ସଙ୍ଗିନ। ଅଳକା ସମ୍ପୂର୍ଣ୍ଣ ମୃତପ୍ରାୟ ହୋଇ ଯାଇଥିବା ବେଳେ ଜବରଦଖଲ ବଢ଼ି ଚାଲିଛି। ପ୍ରଶାସନିକ ନିଷ୍କ୍ରିୟତା ଅଳକାର ଜୀବନ୍ୟାସ କ୍ଷେତ୍ରରେ ବାଧକ ସାଜିଛି।



# ‘ମହିଳା ବିରୋଧୀ ମାନସିକତାଧାରୀଙ୍କୁ ଜବାବ ଦେବେ ଦେଶର ନାରୀଶକ୍ତି’

ସମ୍ବଲପୁର: ରାଜ୍ୟ ବିଜେପି ଦଳର ବରିଷ୍ଠ ନାରୀନେତ୍ରୀ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସମ୍ବଲପୁର ଗସ୍ତରେ ଆସି ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ବର୍ତ୍ତମାନ ସମାଜର ସ୍ଥିତି, ରାଜ୍ୟ ଓ ଦେଶର ବିକାଶ ମଧ୍ୟରେ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଦେଶର ରାଜନୈତିକ ପଟ୍ଟଚିତ୍ରର ବିଶ୍ଳେଷଣ କରି ବିଭିନ୍ନ ଦିଗକୁ ଲୋକଲୋଚନକୁ ଆଣିବା ପରେ ବର୍ତ୍ତମାନର ସ୍ଥିତି ଅବତାରଣା କରିଥିଲେ । ସଂସଦରେ ସମ୍ବିଧାନ ସଂଶୋଧନ ଓ ସୀମା ନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରିବା ଘଟଣାକୁ ନେଇ କଂଗ୍ରେସ, ଟିଏମସି, ଡିଏମକେ ଓ ସମାଜବାଦୀ ପାର୍ଟି ଭଳି ବିରୋଧୀ ଦଳଗୁଡ଼ିକୁ ବିଜେପି ତୀବ୍ର ସମାଲୋଚନା କରିଛି । ବିରୋଧୀଙ୍କ ଏଭଳି ଆଭିମୁଖ୍ୟ ସେମାନଙ୍କର ମହିଳା ବିରୋଧୀ ମାନସିକତାକୁ ପ୍ରତିଫଳିତ କରୁଛି ବୋଲି ବିଜେପି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି ଯେ ନୀତି ନିର୍ଦ୍ଧାରଣରେ ମହିଳାଙ୍କୁ ସମାନ ଭାଗିଦାରୀ ଦେବା କୌଣସି ଅନୁଗ୍ରହ ନୁହେଁ, ବରଂ ଏହା ସେମାନଙ୍କର ସ୍ୱାଭାବିକ ଅଧିକାର । ଦଶନ୍ଧି ଦଶନ୍ଧି ଧରି ମହିଳାମାନଙ୍କୁ ସଂସଦ ଓ ବିଧାନସଭାରୁ ଦୂରେଇ ରଖିବା ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଥିଲା, ତାହା ଏହି ବିଲ୍ ଆଲୋଚନା ସମୟରେ ପଦାରେ ପଡ଼ିଛି । ବିରୋଧୀ ଦଳଗୁଡ଼ିକ କେବଳ ସୀମା ନିର୍ଦ୍ଧାରଣକୁ ବାହାନା କରି ମହିଳା ସଂରକ୍ଷଣ ପ୍ରକ୍ରିୟାକୁ ବିଳମ୍ବ କରିବାକୁ ଚାହୁଁଛନ୍ତି ବୋଲି ସେ ଅଭିଯୋଗ ମଧ୍ୟ କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ବିରୋଧୀଙ୍କ ମିଥ୍ୟା ପ୍ରଚାରର କଡ଼ା ଜବାବ ଦେଇ କହିଛନ୍ତି, ଯେ ସୀମା ନିର୍ଦ୍ଧାରଣ ଦ୍ୱାରା ଦକ୍ଷିଣ ଭାରତର କୌଣସି କ୍ଷତି ହେବ ନାହିଁ, ବରଂ ଆନୁପାତିକ ପ୍ରତିନିଧିତ୍ୱ ସଂଖ୍ୟା ବୃଦ୍ଧି ପାଇବା ସହ ଅଧିକ ସୁରକ୍ଷିତ ହୋଇପାରିବ । ଅନ୍ୟପଟେ ସମାଜବାଦୀ ଭଳି ଦଳଗୁଡ଼ିକ କୋଟା ଓ ଧର୍ମଭିତ୍ତିକ ସଂରକ୍ଷଣର ଅସାମ୍ବିଧାନିକ ଦାବି ଉପସ୍ଥାପନ କରି ପ୍ରସଙ୍ଗକୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରୁଥିବା ମଧ୍ୟ ବିଜେପି କହିଛି । ଏହିଭଳି ବାତାବରଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ଦେଶର ମହିଳାମାନେ ଆଉ କେବଳ ନୀରବଦ୍ରଷ୍ଟା ସାଜିବେହ ନାହିଁ, ସେମାନେ ଏବେ ବେଶ୍ ସକ୍ରିୟ ସହଭାଗୀ ଏବଂ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାର ମଧ୍ୟ ଶକ୍ତି ରଖିଛନ୍ତି । ଗଣତନ୍ତ୍ରକୁ ସୁଦୃଢ଼ ରଖିବା ପାଇଁ ମହିଳା ସଶକ୍ତିକରଣକୁ ବିଜେପି ସର୍ବାଧିକ ଗୁରୁତ୍ୱ ଦେଇଛି ଓ ଆଗାମୀ ଦିନରେ ଦେବ ବୋଲି ଦଳ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ଆଜି ପ୍ରତ୍ୟୁଷରେ ଟ୍ରେନ୍ ଯୋଗେ ଶ୍ରୀମତୀ ଷଡ଼ଙ୍ଗୀ ସମ୍ବଲପୁର ଷ୍ଟେସନରେ ପହଂଚିବା ପରେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ଫୁଲତୋଡ଼ା ପ୍ରଦାନ ପୂର୍ବକ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ପରେ ପରେ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମୀମାନେ ପାଛୋଟି ନେଇଥିଲେ । ଆଜିର କାର୍ଯ୍ୟକ୍ରମ ପୂର୍ବରୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ମାଁଙ୍କ ପୂଜାର୍ଚ୍ଚନା ସହ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୩୮ ଦମ୍ପତିଙ୍କ ସାମୂହିକ ବିବାହ ସମ୍ପନ୍ନ



ଦେବଗଡ଼(ପିପିଏସ୍) : ଜିଲ୍ଲା ପ୍ରଶାସନ ଓ ମହିଳା ଶିଶୁ ବିକାଶ ପକ୍ଷରୁ ଇଣ୍ଡରଷ୍ଟାଡିୟମ୍ ଠାରେ ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ସାମୁହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିବାହ ମଣ୍ଡପ ରେ ୭୬ ଜଣ ବର ଓ କନ୍ୟା ବିବାହ ବନ୍ଧନ ରେ ଆବଦ୍ଧ ହେଲେ ।ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାର ତିନି ବ୍ଲକ ରୁ ବିବାହ ରେ ୩୮ ଯୋଡ଼ିଙ୍କର ବିବାହ ସମ୍ପର୍ଣ୍ଣ ହୋଇଛି ।ଓଡ଼ିଆ ରୀତି ନୀତି ଅନୁଯାୟୀ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତି ମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ବାରକୋଟ ବ୍ଲକ ରୁ ୧୧ ଯୋଡ଼ି , ତିଲେଇବଣି ବ୍ଲକ ରୁ ୧୯ ଯୋଡ଼ି, ରିଆମାଳ ବ୍ଲକ୍ ରୁ ୮ ଯୋଡ଼ି ।ହିନ୍ଦୁ ରୀତି ନୀତି ନିୟମ ଅନୁସାରେ ବିବାହ କାର୍ଯ୍ୟ ଚନ୍ଦନ ନଗର ସମ୍ବଲପୁର ଶ୍ରୀ ବ୍ରହ୍ମ ମଣ୍ଡପ ପଣ୍ଡିତ ମାନଙ୍କ ଦ୍ୱାରା ବିବାହ କାର୍ଯ୍ୟ ସମାପନ କରାଯାଇଥିଲା ।ହିନ୍ଦୁ ରୀତି ନୀତି ଅନୁଯାୟୀ ୩୪ ଟି ମଣ୍ଡପ ଓ ୪ ଟି ଖ୍ରୀଷ୍ଟିୟାନ୍ ଦମ୍ପତି ଙ୍କୁ ଚର୍ଚ୍ଚ ଫାଦର୍ ଙ୍କ ଦ୍ୱାରା ଖ୍ରୀଷ୍ଟିୟାନ୍ ରୀତି ନୀତି ନିୟମ ଅନୁସାରେ ବିବାହ ସମାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସଭାପତି ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ବରୋଣ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର,ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ,ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ,ଉପଜିଲ୍ଲାପାଳ ପରିକ୍ଷିତ ସାହୁ,ସତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା,ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦ ଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ କୁମାର ଭୋଜ,ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ,ଜିଲ୍ଲାପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି,ଜିଲ୍ଲା ସରପଞ୍ଚ ସଂଘ ର ସଭାପତି ସତ୍ୟନାରାୟଣ ପାଣି,ଅଧକ୍ଷ ପଞ୍ଚାୟତ ସମିତି ବାରକୋଟ ପୁଷ୍ପାଞ୍ଜଳି ପାତ୍ର ଓ ଅଧକ୍ଷ ପଞ୍ଚାୟତ ସମିତି ରିଆମାଳ ମଧୁସୂଦନ ପ୍ରଧାନ ପ୍ରମୁଖ ଯୋଗଦେଇ ନବ ଦମ୍ପତି ମାନଙ୍କୁ ବିବାହ ପଞ୍ଜିକରଣ ପତ୍ର ଓ ୪୫୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ଚେକ୍ ମାଧମରେ ପ୍ରଦାନ କରାଯାଇଥିଲ। ବିବାହ ଉତ୍ସବରେ ବନ୍ଧୁ ପରିଜନ ଓ ଅତିଥି ମାନଙ୍କ ନିମନ୍ତେ ଭୋଜିଭାତର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁରତୀ ପ୍ରଧାନ,ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି,କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ ରତିକାନ୍ତ ଶୁକ୍ଳା,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ,ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ,ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ,ଜିଲ୍ଲା ପର୍ଯଟନ ଅଧିକାରୀ ଅମିୟ କୁମାର ସେଠୀ,ଡେପୁଟି କଲେକ୍ଟର କଳିଙ୍ଗ ଆଶିଷ ଶତପଥି,ପ୍ରିୟା ତିର୍କି,ସୌମ୍ୟା ସୁଚିସ୍ମିତା, ସଭାପତି ବାର୍ ଆସୋସିଏସନ୍ ସଚ୍ଚିକାନ୍ତ ଦାସ, ସତ୍ୟନାରାୟଣ ପାଣି,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ,ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ,ଗଣମାଧମ ପ୍ରତିନିଧି ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# କେନ୍ଦୁଝରରେ ଜୟଦେବଙ୍କ ଜୟନ୍ତୀ

କେନ୍ଦୁଝର: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପାର୍କ ଲାଇନ ସ୍ଥିତ ଜିଲ୍ଲା ଅଡିଟୋରିୟମରେ ଶ୍ରୀ ଜୟଦେବଙ୍କ ଜୟନ୍ତୀ ଉତ୍ସବ ଉତ୍ସାହ ଓ ଭକ୍ତିଭାବର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସାର୍ଥକ ଅଭିନନ୍ଦନ ରାଏ ଯୋଗଦେଇଥିବା ବେଳେ, ମୁଖ୍ୟ ବକ୍ତା କବି ସୁଧା ଦାଶ ଜୟଦେବଙ୍କ ସାହିତ୍ୟ ସୃଷ୍ଟି, ଓଡ଼ିଆ ଅସ୍ମିତା ଓ ନୂତନ ପୀଢ଼ି ମଧ୍ୟରେ ସେଥିର ଜାଗରଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସମ୍ମାନିତ ବକ୍ତା ଡ଼କ୍ଟର ଅରୁନ୍ଧତୀ ଓଝା ଜୟଦେବଙ୍କ ରଚନା ଓ ସଂସ୍କୃତ ସାହିତ୍ୟରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରୀ ମହନ୍ତ, ବିନତୀ ମାଝୀ ଓ ଶ୍ରୀଯୁକ୍ତ ଦେବରାଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଶ୍ରୀ ଆଚାର୍ଯ୍ୟ କେନ୍ଦୁଝରରେ ସଙ୍ଗୀତ ମହାବିଦ୍ୟାଳୟ ସ୍ଥାପନା ଓ ଭାଷା-ସାହିତ୍ୟ-ସଂସ୍କୃତିର ଉନ୍ନତି ପାଇଁ ମତ ପ୍ରକାଶ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଓଡ଼ିଆ ଅସ୍ମିତା ଜାଗରଣରେ ଅବଦାନକୁ ପ୍ରଶଂସା କରିଥିଲେ । ମଂଚ ପରିଚାଳନା ସମୟଶ୍ରୀ ଚାଟର୍ଜୀ କରିଥିବା ବେଳେ, ସମାରୋପ ବକ୍ତବ୍ୟରେ ଅବିନାଶ ଦାସ ଓଡ଼ିଶାର ନାରୀ ଜାଗରଣ, ସଂସ୍କୃତ ଅଧ୍ୟନ ଓ ନୂତନ ପୀଢ଼ିର “ସ୍ୱ” ଜାଗରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁର ନିକେତନ ପକ୍ଷରୁ ଗୀତ ଗୋବିନ୍ଦ ପରିବେଷଣ କରାଯାଇଥିବା ବେଳେ, ଇନ୍ଦ୍ରଧନୁ ଓ ଓମଶାଇ ଗ୍ରୁପ ପକ୍ଷରୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଗୀତ ଗୋବିନ୍ଦର ଅପୂର୍ବ ପ୍ରଦର୍ଶନ ହୋଇଥିଲା । ବଳଭଦ୍ରପୁର ଓ ନାଉପସୀର ସଂକୀର୍ତ୍ତନ ଦଳ ଦ୍ୱାରା ଭଜନ ପରିବେଷଣ କରାଯାଇ, ସମଗ୍ର ପରିବେଶକୁ ଭକ୍ତିମୟ କରିଦେଇଥିଲା ଓ ଉପସ୍ଥିତ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା ।

# ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ବିରୋଧୀ ଦଳକୁ ନିନ୍ଦା

ଜୟପୁର : ଦେଶରେ ମହିଳା ବିଲକୁ ଲାଗୁ କରିବା ନେଇ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଲୋକସଭାରେ ମହିଳା ବିଲ୍ ଉପସ୍ଥାପନ କରିଥିଲେ । କିନ୍ତୁ ବିରୋଧିଦଳ ଏହାକୁ ପ୍ରବଳ ବିରୋଧ ଯୋଗୁଁ ଏହି ବିଲ୍ କାଟ ଖାଇଥିଲା । ଏହିପରି ବିରୋଧିଦଳ ଅସହିଷ୍ଣୁ ହୋଇ ମହିଳା ବିଲକୁ ବିରୋଧ କରିଥିଲେ ବୋଲି ଆଜି ଜୟପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ମହିଳା ମୋର୍ଚ୍ଚାର ନେତ୍ରୀ ତଥା ପୂର୍ବତନ ରାଜ୍ୟ ମହିଳା କମିଶନର ଅଧକ୍ଷା ଡ. ଜ୍ୟୋତି ପାଣିଗ୍ରାହୀ ବିରୋଧି ଦଳକୁ ନିନ୍ଦା କରିଥିଲେ ଓ ଗତ ୨୦୨୩ ମସିହାରେ ମହିଳା ସଂରକ୍ଷଣ ବିଲ ପାର୍ଲାମେଣ୍ଟର ଉଭୟ ଗୃହରେ ପାରିତ ହୋଇଥିଲେ ସୁଦ୍ଧା ଏହାକୁ କାହିଁକି ବିଜେପି ଦଳର ପରିଚାଳିତ କେନ୍ଦ୍ର ସରକାର ଲାଗୁ କରିଲେ ନାହିଁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନକୁ ନେଇ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ମହିଳା ମୋର୍ଚ୍ଚାର ନେତ୍ରୀମାନେ କୌଣସି ସ୍ପଷ୍ଟ ଉତର ଦେଇନଥିଲେ । ଏହିପରି ବିଜେପି ଦଳ ନିଜ ପକ୍ଷରୁ ଦେଶରେ ମହିଳା ମାନଙ୍କୁ ଅଗ୍ରାଧିକ ଦେଇ ବିଧାନସଭା ଏବଂ ସାଂସଦ ଭାବେ ସଂରକ୍ଷଣ ରଖିବାର କୌଣସି ପ୍ରସ୍ତାବ ରହିଛି ବୋଲି ପ୍ରଶ୍ନକୁ ନେଇ ଆଗାମୀ ସମୟ କହିବ ବୋଲି କହି ଏଡାଇ ଯାଇଥିଲେ । ଅନ୍ୟପକ୍ଷରେ ବିରୋଧି ଦଳର ଛୋଟ ମାନସିକତା ଯୋଗୁଁ ମହିଳା ମାନଙ୍କ ଉତଥାନ ଚାହୁଁନଥିବା ଯୋଗୁଁ ଏହିପରି ମହିଳା ସଂରକ୍ଷଣ ବିଲକୁ ଗତ ୧୬ ଏବଂ ୧୭ ତାରିଖରେ ପାର୍ଲାମେଂଟରେ ଉପସ୍ଥାପନ କରାଯାଇଥିଲେ ସୁଦ୍ଧା ପ୍ରବଳ ବିରୋଧ କରିଥିଲେ ବୋଲିଅଭିଯୋଗ କରିଛନ୍ତି । ତେଣୁ ଆଗାମୀ ଦିନରେ ସାରା ଦେଶରେ ମହିଳା ମାନଙ୍କ ଯେଉଁ ଅନ୍ତଃଆତ୍ମା କାନ୍ଦିଛି ଏହା ନିଶ୍ଚିତ ଭାବେ ବିରୋଧିଦଳ ପରିଣଓମ ଭୋଗିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚର ନେତ୍ରୀ ମାନେ କହିଥିଲେ । ଏହି ଅବସରରେ ରାଜ୍ୟ ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା ସଭାନେତ୍ରୀ ସ୍ୱାତୀ ହୋତା, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟା ଅଞ୍ଜଳି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ‘ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦’ ସମ୍ପର୍କିତ ତାଲିମ୍ ଶିବିର

ନୂଆପଡା: ନୂଆପଡାରେ “ ନିରନ୍ତର ବିକାଶ ଲକ୍ଷ୍ୟ – ୨୦୩୦” ଉପରେ ଏକ ଜିଲ୍ଲା ସ୍ତରୀୟ ତାଲିମ ଶିବିର ତଥା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭା ଗୃହରେ ଆଜି ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଡଲୀ ମାଝୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦିପ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଧନେଶ୍ୱର ସେଠୀ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଦିଲେଶ୍ୱର ଧରୁଆ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ କ୍ଷ ସି ଡି ଓ ଶ୍ରୀ ଧରୁଆ ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକ କ'ଣ ଓ ସେଗୁଡ଼ିକୁ କିପରି ହାସଲ କରାଯାଇପାରିବ ତା’ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହାପରେ, ଝାରସୁଗୁଡ଼ା ଡି ପି ଏମ୍ ୟୁ ଆସିଷ୍ଟାଂଟ ଡାଇରେକ୍ଟ ସଞ୍ଜୟ କୁମାର ଦୀପ, କଳାହାଣ୍ଡି ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ଦଳାଇ, କୁମୁଦିନୀ ମିଶ୍ର ନିରନ୍ତର ବିକାଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଅତିଥି ଓ ବକ୍ତାମାନେ କହିଥିଲେ ଯେ, ୨୦୧୫ ମସିହାରେ ଜାତିସଂଘ ପକ୍ଷରୁ ଘୋଷିତ ୧୭ଟି ସ୍ଥାୟୀ ଉନ୍ନୟନ ଲକ୍ଷ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ଦାରିଦ୍ର୍ୟ ନିବାରଣ, ଗୁଣାତ୍ମକ ଶିକ୍ଷା, ଲିଙ୍ଗ ସମାନତା, ସ୍ୱଚ୍ଛ ପାଣି, ସ୍ୱାସ୍ଥ୍ୟ ସୁବିଧା, ପରିବେଶ ସୁରକ୍ଷା ଓ ସମାବେଶୀ ଆର୍ଥିକ ଉନ୍ନତି ସୁନିଶ୍ଚିତ କରିବା । ଭାରତ ୨୦୩୦ ସୁଦ୍ଧା ଏହି ସମସ୍ତ ଲକ୍ଷ୍ୟ ସାଧନ ପାଇଁ ଆମେ ପ୍ରତିବଦ୍ଧ । ସ୍ୱଚ୍ଛ ଭାରତ ଅଭିଯାନ, ଜଳ ଜୀବନ ମିଶନ, ଡିଜିଟାଲ ଭାରତ, ନବୀକରଣ ଉର୍ଜା ବିକାଶ ଓ ମହିଳା ସଶକ୍ତିକରଣ ଭଳି ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଦେଶ ଦ୍ରୁତ ଗତିରେ ଆଗୁଆ ହେଉଛି ବୋଲି କହିଥିଲେ । ନିରନ୍ତର ଉନ୍ନୟନ କେବଳ ସରକାରୀ ପଦକ୍ଷେପରେ ସୀମିତ ନୁହେଁ; ପ୍ରତ୍ୟେକ ନାଗରିକଙ୍କ ସଚେତନ ଭୂମିକା ଏହାର ମୂଳ ଆଧାର । ପାଣି ଓ ବିଦ୍ୟୁତ ସଂଚୟ, ପ୍ଲାଷ୍ଟିକ ବ୍ୟବହାର କମାଇବା, ପରିବେଶ ସୁରକ୍ଷା ଓ ଶିକ୍ଷାର ପ୍ରଚାର ମାଧ୍ୟମରେ ଆମେ ସମସ୍ତେ ଲକ୍ଷ୍ୟ ପ୍ରାପ୍ତିରେ ସହଭାଗୀ ହୋଇପାରିବା । ଶେଷରେ ସମସ୍ତଙ୍କୁ ଏକ ସମୃଦ୍ଧ ଭାରତ ଗଠନ ପାଇଁ ସାମୁହିକ ସଂକଳ୍ପ ନେବାକୁ ଆହ୍ୱାନ କରାଯାଇଥିଲା ।

## ମାଲକାନଗିରିରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ

# ନୂତନ ଜୀବନ ଆରମ୍ଭ କଲେ ୧୭ ନବଦମ୍ପତି

ମାଲକାନଗିର: ମାଲକାନଗିରି କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅତ୍ୟନ୍ତ ଆନନ୍ଦଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି । ଏହି ସାମୂହିକ ବିବାହ କାର୍ଯ୍ୟକ୍ରମରେ ମୋଟ ୧୭ଟି ଯୋଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଏବଂ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗଦେଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ହେଉଛି ଅର୍ଥ ଅଭାବରୁ ବିବାହ କରିପାରୁନଥିବା ଗରିବ ପରିବାର ପାଇଁ ଏକ ବଡ଼ ଆଶା । ଆମେ କେବଳ ସେମାନଙ୍କୁ ସାମାଜିକ ସ୍ୱୀକୃତି ଦେଉନାହୁଁ, ବରଂ ବିବାହ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ କରି ସେମାନଙ୍କ ଭବିଷ୍ୟତର ଆଇନଗତ ସୁରକ୍ଷା ମଧ୍ୟ ନିଶ୍ଚିତ କରୁଛୁ । ସେହିପରି ମାଲକାନଗିରି ବିଧାୟକ ଶ୍ରୀ ମାଡ଼କାମୀ କହିଥିଲେ ଯେ, ସରକାରଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଆଜି ଆମ ଅଂଚଳର କନ୍ୟାମାନେ ସମ୍ମାନର ସହ ନୂତନ ଜୀବନ ଆରମ୍ଭ କରିପାରୁଛନ୍ତି । ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ ମଧ୍ୟ ନିଜ ବାର୍ତ୍ତାରେ କହିଥିଲେ ଯେ, ଏଭଳି ସାମୂହିକ ବିବାହ ଉତ୍ସବ ସମାଜରେ ଯୌତୁକ ଭଳି କୁପ୍ରଥାକୁ ରୋକିବାରେ ଏକ ବଳିଷ୍ଠ ପଦକ୍ଷେପ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ସିଡିଓ ତଥା ଇଓ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ବିବାହ ସମୟରେ କନ୍ୟାକୁ ୪୫ ହଜାର ଟଙ୍କା ର ଚେକ୍, ବିବାହ ପଞ୍ଜିକରଣ ସାର୍ଟିଫିକେଟ ଓ ଏକ ଫଳନ୍ତି ବୃକ୍ଷ ପ୍ରଦାନ କରାଯାଇଛି । ଏହି ମହତ କାର୍ଯ୍ୟରେ ପରିବର୍ତନ ସେଚ୍ଛାସେବୀ ସଂଗଠନ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଜୟପୁର : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାର ଜୟପୁର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସଭାପତି କିଶୋର ଚନ୍ଦ୍ର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଏହି ଜ୍ଞାନ ବିଜ୍ଞାନ ମେଳାର ଶୁଭ ଉଦଘାଟନ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୫୯ ଶିଶୁ ପ୍ରତିଭାଗୀ ଉପସ୍ଥିତ ଥିବା ବେଳେ ୩୩ ଜଣ ସହାୟକ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ମୋଟ ୧୪ ଟି ଗଣିତ ପ୍ରକଳ୍ପ, ୨୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ସେହିପରି ୧୩ଜଣ ଶିଶୁ ଗଣିତ ପ୍ରୟୋଗରେ ଅଂଶ ଗ୍ରହଣ କରିଥିବା ବେଳେ ବିଜ୍ଞାନ ପ୍ରୟୋଗରେ ୧୨ ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ଶିଶୁଙ୍କ ପ୍ରକଳ୍ପ ଏବଂ ପ୍ରୟୋଗକୁ ମୂଲ୍ୟାଙ୍କନ କରିବା ନିମନ୍ତେ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ମହା ବିଦ୍ୟାଳୟରୁ ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକା ସୁରେନ୍ଦ୍ର ପଟ୍ଟନାୟକ, ତ୍ରିନାଥ ପଟ୍ଟନାୟକ, ଅରୁନ୍ଧତୀ ତ୍ରିପାଠୀ, ସାଗରିକା ପାତ୍ର, ସରୋଜ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ଦାଶ, ରାମଚନ୍ଦ୍ର ପାଳ, ଚିତରଂଜନ ମହାନ୍ତି, ସିମାଦ୍ରୀ ଆପନା, ଦୁର୍ଗା ପ୍ରସାଦ ଦାଶ, ଜଗନ୍ନାଥ ତ୍ରିପାଠୀ, ଅତୁଲ୍ୟ ପଟ୍ଟନାୟକ, ପ୍ରିୟଦର୍ଶନୀ ପରିଡ଼ା, କିଶୋର ଚନ୍ଦ୍ର ପଣ୍ଡା, ଅଜିତ୍ ନାୟକ, ଅମୃତାଂଶୁ ଦାଶ, ସୂର୍ଯ୍ୟମଣୀ ମାଝି, ଜିତେନ୍ଦ୍ର ସାମନ୍ତ, ବିମଲ୍ କୁମାର୍ ଯୋଗଦାନ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ଯେଉଁମାନେ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ୬ ଓ ୭ ସେପ୍ଟେମ୍ବର ୨୦୨୫ ର ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳାରେ ଯୋଗ ଦେବା ନିମନ୍ତେ କେଶବଧାନ କଟକ ଏବଂ ଯେଉଁମାନେ ଗଣିତରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ପ୍ରାଦେଶିକ ଗଣିତ ମେଳାରେ ଯୋଗଦେବା ନିମନ୍ତେ କେନ୍ଦୁଝରର କେନ୍ଦୁଝରଗଡ ଯିବେ । ଏହି ଉଦଯାପନୀ ଉତ୍ସବରେ ବିଶିଷ୍ଟ ସମାଜସେବୀ ସଞ୍ଜୟ ଜୈନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ ।

# ଏବିଏସ୍ଏସ୍ ପକ୍ଷରୁ ଥାଳ ଉଠା କାର୍ଯ୍ୟକ୍ରମ



ବଲାଙ୍ଗିର,(ପିପିଏସ୍) : ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଦେବ ଦମ୍ପତିଙ୍କ ଶୁଭ ବିବାହ ଶୀତଳ ଷଷ୍ଠି ଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ଯେଉଁଥିରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠା ନୀତି ସମ୍ପର୍ଣ୍ଣ ହୋଇଛି । ବଲାଙ୍ଗିର ସର୍ବ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଏବିଏସ୍ଏସ୍ ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ୩୮ ତମ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଆୟୋଜନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଯେଉଁଥିରେ ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଦେବ ଦମ୍ପତିଙ୍କ କଳ୍ପିତ ମାତା ପିତା ସ୍ଥିରକୃତ ହୋଇଛି । ଏଥି ରେ ବଲାଙ୍ଗିର ଟିକ୍ରାପଡା ନିବାସୀ ରାଜ କୁମାର ଖଟୁଆ ତାଙ୍କ ସ୍ତ୍ରୀ ନମିତା ଖଟୁଆ ଦେବ ଦେବ ମହାଦେବଙ୍କ ମାତା ପିତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେହିପରି କନ୍ୟା ପକ୍ଷ ମାତା ପାର୍ବତୀଙ୍କ ମାତା ପିତା ଭାବରେ ବଲାଙ୍ଗିର ତେଲିଗୋଟ ପଡା ନିବାସୀ ଜୟପ୍ରକାଶ ନାରାୟଣ ପୁରୋହିତ ଓ ତାଙ୍କ ସହ ଧର୍ମିଣୀ ରୁନୁ ପୁରୋହିତ ସୌଭାଗ୍ୟ ଅର୍ଜନ କରିଛନ୍ତି । ସ୍ଥାନୀୟ ଏବିଏସ୍ଏସ୍ କ୍ଲବରେ ସାମୁହିକ ଭାବରେ ନୀତିକାନ୍ତ ସହିତ ତିଥି ଧାର୍ଯ୍ୟ ହୋଇଥିଲା । ସିଦ୍ଧେଶ୍ୱରୀ ବାବା ନୃସିଂହ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଥାଳ ଉଠା ନୀତି ସମ୍ପନ୍ନ ହୋଇଛି । ଯେଉଁଥିରେ ଏବିଏସ୍ଏସ୍ କ୍ଲବର ସଭାପତି ସମୀର ସାହାଣୀ, ଉପସଭାପତି ଅନାଦି ପଟ୍ଟନାୟକ, ସମ୍ପାଦକ ବବି ମିଶ୍ର, ସହ ସଂପାଦକ ବିଭୁ ପ୍ରସାଦ ଷଡଙ୍ଗୀ, କୋଷାଧକ୍ଷ ମାନସ ବହିଦାର, ସଦସ୍ୟବୃନ୍ଦ ଶୁଭମ ସାହୁ, ନୀରଜ ବକ୍ସି, ନିଖିଲ ବହିଦାର, ପିକୁନ ବରାଇ, ଆତିଶ ସରାଫ, ପିଣ୍ଟୁ ସାହୁ, ଗୋପାଳ ବରାଇ, କୁନୁ ରାଉତ, ପେଟୁ ସାହାଣୀ, ବିକ୍ରାନ୍ତ ଚୋପଦାର, ସୁଧୀର ସାହୁ, ବେଲାର ସାହୁ, ବଳରାମ ରାଉତ, ଘୁଣ୍ଟୁ ବରାଇ, ସୁନିଲ ମିସ୍ତ୍ରୀ, ସଂଗ୍ରାମ ନାୟକ, ଶିବାନନ୍ଦ ସାହାଣୀ, ପିଙ୍କୁ, ଗୋପାଳ ସାମଲ, ସୋନୁ, ପିଣ୍ଟୁ ପ୍ରମୁଖଙ୍କ ସହ ଓ କର୍ତ୍ତା ସହିତ ପଡାବାସୀ ଓ ସହର ବାସୀ ଏକାଠି ହୋଇଥିଲେ । ଏଥର ଯାତ୍ରା ପରିଚାଳନା ଦାୟିତ୍ୱ ପ୍ରହଲ୍ଲାଦ ଦର୍ଜୀ ତୁଳାଇବେ । ସେହିପରି ଯାତ୍ରା ଯେମିତି ମହାଆଡମ୍ବର ଓ ଜାକ ଜମକରେ ହେବ ତା ପାଇଁ ସମସ୍ତେ ପଦକ୍ଷେପ ନେବୁ ସ୍ଥିର ହୋଇଛି । ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠା ନୀତି ସମ୍ପନ୍ନ ହୋଇଛି । ସେହିପରି ଆସନ୍ତା ଜୁନ ୧୮ ତାରିଖରେ ଦେବ ଦମ୍ପତିଙ୍କ ଶୁଭ ବିବାହ ଅନୁଷ୍ଠିତ ହେବ । ୨୦ ତାରିଖ ସକାଳୁ ଦେବ ଦମ୍ପତି ଘର ବାହୁଡା ଯାତ୍ରା ଓ ଯୁଗଳ ମୂର୍ତ୍ତି ଦର୍ଶନ ଆୟୋଜନ ହେବ । ଏଥି ପାଇଁ ସହରରେ ନୀତି ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ।

# ଡିଭାଇଡର କାମ ସମ୍ପୂର୍ଣ୍ଣ ଦାବି

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ପ୍ରମୁଖ ସହର ଖଡ଼ିଆଳ । ହେଲେ ଏଠାରେ ଆଖିଦୃଶିଆ ବିକାଶ ହୋଇପାରିନାହିଁ । ଏହି ସହର ୩୫୩ ନଂ ଜାତୀୟ ରାଜପଥ ଗୋପାଳପୁର ଠାରୁ ରାୟପୁରକୁ ସଂଯୋଗ କରୁଛି । ଗତ ୫/୬ ବର୍ଷ ପୂର୍ବେ ଖଡ଼ିଆଳ ସହରରେ ସୋନ୍ଦର୍ଯ୍ୟକରଣ ପାଇଁ ଡିଭାଇଡର ନିର୍ମାଣ କରାଗଲା । ସହରର ଥାନା ଛକରୁ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ହାରାହାରି ୨ କିଲୋମିଟର ଡିଭାଇଡର ନିର୍ମାଣ କରାଗଲା । ପାଖାପାଖି ୪ ଫୁଟ ଓସାରର ଡିଭାଇଡର ନିର୍ମାଣ କରାଗଲା । ଲକ୍ଷ୍ୟଥିଲା ଖଡ଼ିଆଳ ସହରର ସୋନ୍ଦର୍ଯ୍ୟ କରଣ ପାଇଁ । ହେଲେ ପାଖାପାଖି ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଅଧ ପାନ୍ତରିଆ ଭାବରେ ପଡିରହିଛି । ଯାହାଫଳରେ ସୋନ୍ଦର୍ଯ୍ୟକରଣର ଆଶା ମଉଳି ଯାଇଛି । ଜିଲା ପ୍ରସାଶନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଅର୍ଦ୍ଧ ନିର୍ମିତ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୧୧ ଯୋଡ଼ି ନବଦମ୍ପତିଙ୍କ ସାମୂହିକ ବିବାହ ଉତ୍ସବ



ବୌଦ୍ଧ, (ପିପିଏସ୍) : ବୌଦ୍ଧ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ସ୍ଥାନୀୟ ଚନ୍ଦ୍ରଚୂଡ଼ ମନ୍ଦିର ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଏଗାର ଯୋଡ଼ି ନବଦମ୍ପତିଙ୍କ ସାମୁହିକ ବିବାହ ସୁଚାରୁ ରୂପେ ସମ୍ପନ୍ନ ହୋଇଛି । ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭାର ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମଧ୍ୟ ଉପସ୍ଥିତ ରହି ଉଭୟେ ନବଦମ୍ପତି ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରେ ପ୍ରତ୍ୟେକ ଦମ୍ପତିଙ୍କୁ ମୋଟ ୬୦୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଉଛି । ସେଥିରୁ ୪୫୦୦୦ ଟଙ୍କାର ଚେକ୍ ପ୍ରତି ଦମ୍ପତିଙ୍କୁ ପ୍ରଦାନ କରିବା ସହିତ ଅନ୍ୟାନ୍ୟ ଉପହାର ମଧ୍ୟ ଭେଟି ଦେଇଥିଲେ କ୍ଷ ସମାରୋହରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ,ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସାଗରିକା ଦତ୍ତଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନା ସହିତ ବରକନ୍ୟାଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିବାହରେ ବର ଓ କନ୍ୟାପକ୍ଷର ପିତାମାତାଙ୍କ ସହିତ ବନ୍ଧୁ ବାନ୍ଧବ ମଧ୍ୟ ଉପସ୍ଥିତ ଥିଲେ । ଶେଷରେ ସମସ୍ତ ସାମୁହିକ ପ୍ରସାଦ ସେବନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଙ୍କ ସହିତ ବିଭିନ୍ନ ଗଣମାଧମର ପ୍ରତିନିଧି ଉପସ୍ଥିତ ଥିଲେ । ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ମୁଖ୍ୟ ସଚେତକ ଶ୍ରୀ ପ୍ରଧାନ କହିଲେ ଯେ ଜିଲ୍ଲାରେ ଆଗାମୀ ଦିନରେ ଏହି ଜନ କଲ୍ୟାଣକାରୀ ଯୋଜନାକୁ ଆହୁରି ବ୍ୟାପକ କରାଯିବ । ସମାଜର ଦୁର୍ବଳ ଶ୍ରେଣୀର ବିବାହଯୋଗ୍ୟା କନ୍ୟା ମାନଙ୍କୁ ବହୁ ମାତ୍ରାରେ ଏଥିରେ ସାମିଲ୍ କରି ସେମାନଙ୍କ ପିତାମାତା ମାନଙ୍କୁ ଚିନ୍ତାମୁକ୍ତ କରିବା ସହିତ ଯୋଜନାର ସଫଳ ରୂପାୟନ କରାଯିବ ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ପାଳିତ



ରାୟଗଡ଼ା(ପିପିଏସ୍) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାୟଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ମଞ୍ଜିଲା ମିଣିଆକ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ଼ଃ ତ୍ରିପାଠୀଙ୍କ ଆଦର୍ଶ ଗୁଣାବଳୀ ଜୀବନୀ ଉପରେ ଆଲୋକପାତ କରିବା ସହିତ ଭାବପ୍ରବଣ ହୋଇ କହିଥିଲେ ଯେ, ମୋର ଏତେ ଦୂର ଆସିବାର କେବେ ଆଶା କିମ୍ବା ଆକାଂକ୍ଷା ନଥିଲା । ସମାଜର ତଳ ସ୍ତରରୁ ଜନସେବା କରି ଆଜି ଜନସାଧାରଣ ମୋତେ ସୁଯୋଗ ଦେଇଥିବାରୁ ଏତେ ବାଟ ଆସିଛି ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ଡ଼ଃ ତ୍ରିପାଠୀଙ୍କ ଆଦର୍ଶ ଗୁଣାବଳୀ ଜୀବନୀ ଉପରେ ସ୍ମୃତିଚାରଣ କରିବା ସହ ସମୃଦ୍ଧ ଓଡିଶା ଗଠନ ନିମନ୍ତେ ତାଙ୍କ ଜୀବନାଦର୍ଶକୁ ଆପଣେଇବା ପାଇଁ ଯୁବପିଢିଙ୍କୁ ପ୍ରବର୍ତ୍ତାଇଥିଲେ । ଶିକ୍ଷାବିତ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା ଓ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ନିହାର ରଞ୍ଜନ କହଁର, ମୁଖ୍ୟ ଉର୍ଣ୍ଣୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୋସନାର ବର୍ଲା, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଜଳନ୍ଧର ପୁଷିକା, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ଆଦି ନିଜର ବକ୍ତବ୍ୟରେ ଡ଼ଃ ତ୍ରିପାଠୀଙ୍କ ଜୀବନ ଉପରେ ସ୍ମୃତି ଚକ୍ଷରଣ କରି କହିଲେ ଯେ ଓଡିଶାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ନିମନ୍ତେ ୨୫୬ ଅଧିନିୟମରେ ଭୂବନ୍ଦୋବସ୍ତ ବ୍ୟବସ୍ଥା, ବାରବାଟୀ ଷ୍ଟାଡିୟମ ନିମନ୍ତେ ଭୂବନ୍ଦୋବସ୍ତ, ଉତ୍କଳ ଓ ଭଞ୍ଜବିହାର ବିଶ୍ୱବିଦ୍ୟାଳୟର ସ୍ଥାପନା ଆଦି କ୍ଷେତ୍ରରେ ଡ: ତ୍ରିପାଠୀଙ୍କ ଅତୁଳନୀୟ ଅବଦାନ ଥିଲା ବୋଲି କହିଥିଲେ । ଡ଼ଃ ତ୍ରିପାଠୀଙ୍କ ସ୍ମୃତିଚାରଣ କରିବା ସହ ଜଣେ ଅବିବାଦୀୟ ମୁଖ୍ୟମନ୍ତ୍ରୀଙ୍କ ସରଳ ଓ ନିରାଡାମ୍ବର ଜୀବନ ସମାଜରେ ଉତ୍ତମ ଚରିତ୍ର ଗଠନରେ ସହାୟକ ହୋଇପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ, ଶେଖ ଅଲେନୁର,ଜିଲ୍ଲା ଯୋଗାଣ ଅଧିକାରୀ ଏଲ ଏନ ପଟ୍ଟନାୟକ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲିଯାବେଥ ଗରଡ଼ା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ଏଥି ନିମନ୍ତେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତି ଛାତ୍ର, ଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଦେବରାଜ ଟାକ୍ରୀ ମଞ୍ଚ ପରିଚାଳନା କରିଥିଲେ ଓ ବିଭାଗ ଅଧିକାରୀ ମାନସ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର କ୍ଷୀପ୍ର ଲେଖିକା କୁମୁଦିନୀ ମିଶାଲ, ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା, ସଂଯୋଜକ ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା, ରଞ୍ଜିତ ପିରିବାକା ,ଜି ଚନ୍ଦ୍ର ଶେଖର ପ୍ରମୁଖ ସମସ୍ତ କର୍ମକର୍ତ୍ତା ଆୟୋଜନରେ ସହଯୋଗ କରିଥିଲେ ।

# ବାଲ୍ୟ ବିବାହ ବିରୋଧୀ ସଚେତନତା

**ଭୁବନେଶ୍ୱର (ପିପିଏସ୍):** ଅକ୍ଷୟ ତୃତୀୟା ଅବସରରେ ବାଲ୍ୟ ବିବାହ ରୋକିବା ପାଇଁ କେନ୍ଦୁଝର ଏବଂ କନ୍ଧମାଳ ଜିଲ୍ଲାରେ ବାଲ୍ୟ ବିବାହ-ମୁକ୍ତ ଲକ୍ଷ୍ୟରେ ହମାରା ବଚ୍ପନ ଟ୍ରଷ୍ଟ (ଏଚ୍‌ବିଟି) ପକ୍ଷରୁ ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ବାଲ୍ୟ ବିବାହ ବିରୋଧରେ ସଚେତନ ଦିବସ (ଲିଭାକୁଡେ) ପାଳିତ ହୋଇଯାଇଛି। ବାଲ୍ୟ ବିବାହର କ୍ଷତିକାରକ ପ୍ରଭାବ, ବାଲ୍ୟ ବିବାହ ନିରାକରଣ ଆଇନ ଅଧୀନରେ ଥିବା ଆଇନଗତ ବ୍ୟବସ୍ଥା ଏବଂ ଏହିଭଳି କାର୍ଯ୍ୟକୁ ରୋକିବା ନିମନ୍ତେ ସାମଗ୍ରିକ ଭାବରେ ଗୋଷ୍ଠୀର କାର୍ଯ୍ୟକଳାପର ଗୁରୁତ୍ୱ ଉପରେ ୫୦୦ରୁ ଅଧିକ ମାତା ପିତା ଏବଂ ଗୋଷ୍ଠୀ ସହଭାଗୀଙ୍କୁ ସଚେତନ କରାଯାଇଥିଲା। କନ୍ଧମାଳ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଫୁଲବାଣୀ ବ୍ଲକ ସମ୍ମିଳନୀ କାର୍ଯ୍ୟାଳୟରେ ସିଡିପିଓ ବୈଜୟନ୍ତୀ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକ ଉନ୍ନୟନ ଅଧିକାରୀ ବିଡିଓ ସାଇ ସୋମ୍ୟକାନ୍ତ ପାତ୍ର, ଏଚ୍‌ବିଟିର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଅର୍ପିତା ପଟ୍ଟନାୟକ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ



**ଭୁବନେଶ୍ୱର (ପିପିଏସ୍):** ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ସକାଳେ କ୍ୟାପିଟାଲ ହସ୍ପିଟାଲ ଛକରେ ଡ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଶବରୀ ସାଂସ୍କୃତିକ ସଂସଦର ଉପସଭାପତି ଇଞ୍ଜିନିୟର ଗୋଦାବରିଶ ମିଶ୍ର ଓ ସଂସଦର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

# ମା' ତାରିଣୀଙ୍କ ଚତୁର୍ଥ ଜନ୍ମବାର୍ଷିକୀ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ମା' ତାରିଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ୟୁନିଟ୍-୩ସ୍ଥିତ ଖାରବେଳ ନଗର ଅଞ୍ଚଳରେ ଥିବା ମା' ତାରିଣୀଙ୍କର ଚତୁର୍ଥ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମନ୍ଦିରର ପୂଜକ ସନାତନ ନାୟକ ଓ ବସନ୍ତ ରଥ ଛେନାପୋଡ଼ କାଟି ମା' ତାରିଣୀଙ୍କ ଜନ୍ମବାର୍ଷିକୀ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଭକ୍ତମାନଙ୍କୁ ଜଣାଇଥିଲେ। ଟ୍ରଷ୍ଟର ସଭାପତି ବିଦ୍ୟାଧର ମିଶ୍ର, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ଏବଂ କୋଷାଧ୍ୟକ୍ଷ ଈଶ୍ୱର ମୂର୍ତ୍ତିଙ୍କ ଆବାହକତ୍ୱରେ ଏହି ଜନ୍ମବାର୍ଷିକୀ ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ବରାଳ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷ ପ୍ରମୁଖ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

# ଦିବାକର ନାୟକଙ୍କ ସ୍ମୃତି ସମାରୋହ

**ଭୁବନେଶ୍ୱର (ପିପିଏସ୍):** ମାର୍କ୍ସବାଦୀ ତତ୍ତ୍ୱବିତ୍ 'ନୂଆଦୁନିଆ'ର ପୂର୍ବତନ ସମ୍ପାଦକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ, ଶ୍ରମିକ ନେତା କମ୍ରେଡ ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ପ୍ରଥମ ବାର୍ଷିକ ସ୍ମୃତି ସମାରୋହ ମଙ୍ଗଳବାର ଗୀତଗୋବିନ୍ଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦିବାକର ନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ସମାରୋହରେ ତାଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସ୍ମୃତିରେ ସଂଗ୍ରାମୀ ଦିବାକର ନାୟକ' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ସମାରୋହରେ ବରିଷ୍ଠ କଂଗ୍ରେସ ନେତା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଦେଶର ଯୁବପୀଢ଼ି ତାଙ୍କର ଆଦର୍ଶକୁ ଗ୍ରହଣ କରିପାରିଲେ ଦେଶର ବର୍ତ୍ତମାନର ସ୍ଥିତି ନିଶ୍ଚିତ ପରିବର୍ତ୍ତନ ହେବ ବୋଲି ପ୍ରକାଶ କରିଥିଲେ। ସିପିଆଇର ଅନ୍ୟତମ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇ ମୋଦି ସରକାର ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରାଇ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ସହ ଦେଶ ଏକଛତ୍ରବାଦୀ ବ୍ୟବସ୍ଥା ଆଡ଼କୁ ଗତି କରୁଛି ବୋଲି କହିଥିଲେ। ଏହି ସମାରୋହରେ ସିପିଆଇ(ଏମ୍) ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ସିପିଆଇ(ଏମ୍‌ଏଲ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ପିସିସିର ପ୍ରାକ୍ତନ ସଭାପତି ଜୟଦେବ ଜେନା, ସିପିଆଇର ପ୍ରାକ୍ତନ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ି, ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ ଓ ଜୟନ୍ତ ଦାସ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟ, ନୂଆଦୁନିଆର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ଉତ୍କଳ ମହିଳା ସମିତିର ବରିଷ୍ଠ ନେତ୍ରୀ ବନଲତା ଜେନା, ସାଧାରଣ ସମ୍ପାଦିକା ଜିନ୍ମୟୀ ସାହାଣୀ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ



**ଭୁବନେଶ୍ୱର (ପିପିଏସ୍):** ନିଖିଳ ଉତ୍କଳ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନ ଠାରେ ସାହିତ୍ୟକ ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱରେ ପୁସ୍ତକ ଉନ୍ମୋଚନ ଓ ସମ୍ବଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଔପନ୍ୟାସିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଶିଶୁ ସାହିତ୍ୟକ ଡ. ରାଜକିଶୋର ପାଢ଼ୀ, ସାହିତ୍ୟକ ଏବଂ ପ୍ରାଧ୍ୟାପକ ଡ. ଗୋପାଳ କୃଷ୍ଣ ଆଚାର୍ଯ୍ୟ, ସାହିତ୍ୟକ ତଥା ଶ୍ରମିକ ନେତା ସୁଧାକର ମନ୍ତ୍ରୀ ଓ ସ୍ତମ୍ଭକାର ଗୌରୀ ପ୍ରସାଦ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସହ-ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବ ଚରଣ ରାଉତଙ୍କ ଲିଖିତ କବିତା ପୁସ୍ତକ 'ଜୀବନ ଗୀତିକା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସାହିତ୍ୟିକ ରଘୁନନ୍ଦନ ମହାପାତ୍ର, ଶିକ୍ଷକ ନିତ୍ୟାନନ୍ଦ ଲେଙ୍କା ଓ କୃଷ୍ଣ ପ୍ରସାଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି କୃଷ୍ଣଚନ୍ଦ୍ର ସୁଆର, କ୍ରୀଷ୍ଣା ମହାପାତ୍ର ଓ ଦୂର୍ଗାବତୀ ପ୍ରଧାନଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂସଦର ସାଧାରଣ ସଂପାଦକ ଶିଶୁ ସାହିତ୍ୟକ ସୁଶାନ୍ତ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସୌମ୍ୟ ପ୍ରକାଶ ରାଉତ ଓ ଅସୀମ କୁମାର ସାଇଁ ମଞ୍ଚ ପରିଚାଳନା କରିଥିଲେ।

# ପିସିସି ପକ୍ଷରୁ ଜାନକୀ ବଲ୍ଲଭଙ୍କ ଶ୍ରାଦ୍ଧ ଉତ୍ସବ



**ଭୁବନେଶ୍ୱର (ପିପିଏସ୍):** ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଶ୍ରାଦ୍ଧ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ବହୁ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ଅବୟବରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ପରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିରକୁ ପିସିସି ସଭାପତି ଶ୍ରୀ ଦାସ ରିବନ କାଟି ଉଦ୍‌ଘାଟନ କରିଥିଲେ। ପରେ ବହୁ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ କଂଗ୍ରେସ କର୍ମୀମାନେ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାନକୀ ବଲ୍ଲଭ ପଟ୍ଟନାୟକ, ଯୋଗିନାଥ ବାହୁବଳେନ୍ଦ୍ର, ମନୋଜ ବିଶ୍ୱାଳ, ମିହିର ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ ଓ ବଳଦେବ ରଥ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମିର କୁମାର ରାଉତରାୟ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ୧୫ କୋଟିର ସରକାରୀ ଜମି ବିକ୍ରି ଘଟଣା

# ଫସିଛନ୍ତି ହଜାରେରୁ ଊର୍ଦ୍ଧ୍ୱ ଲୋକ, ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

**ଭୁବନେଶ୍ୱର (ପିପିଏସ୍):** ବୈଧ କାଗଜପତ୍ର ବିନା ଜମି ମାଫିଆ ବିକ୍ରି କରିଦେଇଛନ୍ତି ଏକର ଏକର ସରକାରୀ ଜମି। ଯେଉଁଥିରେ ଘରଦ୍ୱାର କରି ରହିଲେଣି ଅଧିକାଂଶ କ୍ରେତା। ହେଲେ କାହାରି ପାଖରେ ବୈଧ କାଗଜପତ୍ର ନାହିଁ। କେବଳ ନୋଟାରୀ ପାଖରେ ଏଗ୍ରିମେଣ୍ଟ କରି ଏଭଳି ଚୂନ ଲଗାଯାଇଛି। ୧ହଜାରରୁ ଅଧିକ ଲୋକ ଏଭଳି ଠକାମିର ଶିକାର ହୋଇଛନ୍ତି। ୧୫ କୋଟି ଟଙ୍କାର ଏହି ଜମି ବିକ୍ରି ଘଟଣାରେ ଏଯାଏଁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭରତପୁର ଥାନା ଅନ୍ତର୍ଗତ ଶ୍ୟାମପୁର ମୌଜା ୬୮ ଏକର ସରକାରୀ ଜମି ବିକ୍ରି ମାମଲାରେ ୧୫ କୋଟି ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଠକେଇରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଗରିବ ବସ୍ତି ବାସିନ୍ଦା ଠକେଇର ଶିକାର ହୋଇଛନ୍ତି। ଠକମାନେ ନୋଟାରୀ ଏଗ୍ରିମେଣ୍ଟ ଜରିଆରେ ସେମାନଙ୍କୁ ଭୁଆଁ



ବୁଲାଇଛନ୍ତି। ସରକାରୀ ଜମିକୁ ନିଜ ଅକ୍ତିଆରରେ ଥିବା ଜମି ବୋଲି କହି ବିକ୍ରି କରିଛନ୍ତି। ପ୍ରତ୍ୟେକଙ୍କ ଠାରୁ ୧ଲକ୍ଷରୁ ଦେଢ଼ ଲକ୍ଷ ଟଙ୍କା ନିଆଯାଇଛି। ନିଜକୁ ଭୂଦାନ ଜମିର ହେପାଜତ କର୍ତ୍ତା ବୋଲି ଦର୍ଶାଇ କିଛି ଠକ ଏହାକୁ ୨୦୨୩ ମସିହାରେ ବିକ୍ରି କରିଥିଲେ। ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଲୋକ ଏହି ନୋଟାରୀ ଏଗ୍ରିମେଣ୍ଟକୁ ଭରସା କରି ଘର ନିର୍ମାଣ କରିଥିଲେ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ। ଶେଷରେ ବିଡ଼ିଏ ଜବରଦଖଲ ଉଚ୍ଛେଦ କରି ନିଜ ଜମିକୁ ନିଜ ଅକ୍ତିଆରକୁ ନେଇଛି। ଅନ୍ୟପକ୍ଷରେ ଉଚ୍ଛେଦ ହୋଇଥିବା ଲୋକେ ଟଙ୍କା କିଭଳି ଫେରି ପାଇବେ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ହେଲେ ନାଆ ତାଙ୍କ ଦୁଃଖ ବୁଝାଯାଉଛି। ନାଁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଦଲାଲମାନେ ଦିନ ଦିପହରେ ବିଡ଼ିଏ ଜମି ବିକ୍ରି କରିଥିଲେ। ଜବରଦଖଲ ଉଚ୍ଛେଦ ବେଳେ ବହୁ ନୋଟାରୀ ଏଗ୍ରିମେଣ୍ଟ ସାମ୍ନାକୁ ଆସିଥିଲା। ଯେଉଁଥିରେ ସ୍ପଷ୍ଟ ଭାବେ ଠକମାନଙ୍କ ନାଁ ସାମ୍ନାକୁ ଆସିଛି। ଘର କରିଥିବା ଲୋକ ଠକାମୀର ଶିକାର ହୋଇଥିବା ନେଇ ବିଡ଼ିଏକୁ ଜଣାଇଲେ। ଏହାସତ୍ତ୍ୱେ ଦଲାଲଙ୍କ ବିରୋଧରେ ବିଡ଼ିଏ ଏତଲା ଦେବାକୁ କୁନ୍ତୁକୁନ୍ତୁ ହେଉଛି। ଚର୍ଚ୍ଚା ହେଉଛି ଯେ ବିଡ଼ିଏର କିଛି ଅଧିକାରୀ ଦଲାଲଙ୍କ ସହ ଭିତିରିଆ ସାମିଲ ଅଛନ୍ତି। ସେମାନେ ଢୋଲ ଭିତରେ ମୂଷା ଭଳି କାମ କରୁଛନ୍ତି। ନିୟମ ଅନୁଯାୟୀ ବିଡ଼ିଏର ଲ୍ୟାଣ୍ଡ ଅଫିସରସ୍ତରୀୟ ଅଧିକାରୀ ସମ୍ପୃକ୍ତ ଦଲାଲମାନଙ୍କ ବିରୋଧରେ ଥାନାରେ ଏତଲା ଦେବା କଥା। କିନ୍ତୁ ସେମାନଙ୍କୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ଗ୍ରୀନ୍ ସିଗ୍ନାଲ ମିଳୁ ନାହିଁ। ଯାହା ଜଣାପଡୁଛି ବିଡ଼ିଏ ଦଲାଲମାନଙ୍କୁ ବଞ୍ଚାଇବାକୁ ଲାଗିପଡ଼ିଛି। ଅନ୍ୟପକ୍ଷରେ ବହୁ ମାମଲାରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରେ। ହେଲେ ଏହି ମାମଲାରେ କଣ ପାଇଁ ପୁଲିସ ନିରବଦ୍ରଷ୍ଟା ପାଲଟିଛି। ଏତେବଡ଼ ଠକେଇରେ ପୁଲିସ କଣ ପାଇଁ ନିଜ ଆଡୁ ମାମଲା ରୁଜୁ କରୁ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ମହିଳା ମାନେ କହିଛନ୍ତି। ଭୁବନେଶ୍ୱର ଏମ୍‌ପି ତାଙ୍କ ପାଖକୁ ଯାଇଥିଲେ। ପ୍ରତିଶ୍ରୁତି ଦେଇଥିଲେ ଭାଙ୍ଗିବନି। ଏଣୁ ସେମାନେ ବିଜେପିକୁ ଭୋଟ୍ ଦେଇଥିଲେ। ଜବରଦଖଲ ଉଚ୍ଛେଦ ପରେ ଏମ୍‌ପିଙ୍କର ଏବେ ଦେଖା ନାହିଁ।

# ଜେଡି କ୍ରିଏଟିଭ୍ ଡାନ୍ସ ଷ୍ଟୁଡିଓର ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଜେଡି କ୍ରିଏଟିଭ୍ ଡାନ୍ସ ଷ୍ଟୁଡିଓ ପକ୍ଷରୁ ୪ର୍ଥ ବାର୍ଷିକ ଉତ୍ସବ ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ମିନାକ୍ଷୀ ବେହେରା ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ସୁବାସ ଚନ୍ଦ୍ର ରାମ ଏବଂ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅର୍ପଣ ମିଶ୍ର ଉପସ୍ଥିତ ଥିଲେ। ଏହି ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟର ସୁନ୍ଦର ଝଲକ ଦେଖିବାକୁ ମିଳିଥିଲା। ବିଭିନ୍ନ ଆଧୁନିକ ନୃତ୍ୟ, ଲୋକ ନୃତ୍ୟ ପରିବେଷିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଗୁରୁ ବିଷ୍ଣୁ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବାର୍ଷିକ ଉତ୍ସବ ଶେଷ ହୋଇଛି।

# କେବଳ ଫଳକ ଲଗାଇ ଜାଲ୍ ମଷ୍ଟର୍ ରୋଲ୍‌ରେ ଅର୍ଥ ଆତ୍ମସାତ ଅଭିଯୋଗ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ଓ ଗରିବ ଶ୍ରମିକଙ୍କୁ ରୋଜଗାର ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କିଛି ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ଏହା ଏବେ 'ଦୁର୍ନୀତିର ଚାରଣଭୂଇଁ' ପାଲଟିଛି। ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତର ସରପଞ୍ଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଙ୍ଗଲ ଓ ଗୋଚର ଜମିରୁ ବ୍ୟାପକ ମାଟି ଲୁଟ୍ ଚାଲିଥିବା ବେଳେ ଜାଲ୍ ମଷ୍ଟର ରୋଲ୍ ଜରିଆରେ ସରକାରୀ ଅର୍ଥକୁ ଆତ୍ମସାତ କରାଯାଉଥିବା ନେଇ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ନିୟମ ଅନୁଯାୟୀ, ପଞ୍ଚାୟତର ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଶ୍ରମିକମାନଙ୍କୁ ନିୟୋଜିତ କରିବା କଥା। ମାତ୍ର ଏଠାରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ରାତି ଅଧରେ ଜେସିବି ମେସିନ ଲଗାଇ ପୋଖରୀ ଖୋଳାଯାଉଛି। ଅଥଚ ଦିନ ବେଳେ କାଗଜପତ୍ରରେ ଶ୍ରମିକଙ୍କ ନାମ ଲେଖାଯାଇ ଜାଲ୍ ମଷ୍ଟର ରୋଲ୍ ପ୍ରସ୍ତୁତ କରାଯାଉଛି। ତେବେ କୌଣସି ଶ୍ରମିକ କାମ କରୁ ନ ଥିବା ବେଳେ ସେମାନଙ୍କ ନାମରେ



ଆସୁଥିବା ଟଙ୍କା ସିଧାସଳଖ ପଞ୍ଚାୟତ ପ୍ରତିନିଧି ଓ କିଛି ଅସାଧୁ କର୍ମଚାରୀଙ୍କ ପକେଟକୁ ଯାଉଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁଯାୟୀ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା, ବରୁଡିସାହି ଗ୍ରାମର ସରକାରୀ ଅନାବାଦି, ଗୋଚର ଏବଂ ଜଙ୍ଗଲ ଜମିରୁ ବେଆଇନ ଭାବେ ପୋଖରୀ ଖୋଳାଯାଉଛି। ପୋଖରୀ ଖୋଳିବା ନାଁରେ ସେଠାରୁ ବାହାରୁଥିବା ମାଟିକୁ ବାହାରେ ବିକ୍ରି କରି ସରପଞ୍ଚ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଗୋଚର ଜମି ନଷ୍ଟ ହେବା ଫଳରେ ଗୃହପାଳିତ ପଶୁଙ୍କ ଚାରଣ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ବେଳେ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି। ଏହି ସମସ୍ତ କାର୍ଯ୍ୟାବଳୀ ଦିବାଲୋକରେ ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ ଓ ବ୍ଲକ କର୍ତ୍ତୃପକ୍ଷ ଚୁପ୍ ରହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରପଞ୍ଚଙ୍କ ଏହି ମନମୁଖୀ କାର୍ଯ୍ୟ ବିରୋଧରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବାଲିପାଟଣା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଡ୍ରେନ୍ କାର୍ଯ୍ୟରେ ଅନିୟମିତତା; ତାତିଲେ ଗ୍ରାମବାସୀ

**ଭୁବନେଶ୍ୱର (ପିପିଏସ୍):** ବାଲାଜୀ ନେଇଥିବା ଡ୍ରେନ୍ ନିର୍ମାଣ କାର୍ଯ୍ୟରେ ବଡ ହେରଫେର ଓ ଠକାମି କରି ଡ୍ରେନ୍ କାର୍ଯ୍ୟ କରୁଥିବା ନେଇ କଳାରାହାଙ୍ଗ ଗ୍ରାମରେ ଲୋକେ ତାତିଛନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ ଗତ କିଛି ମାସ ହେଲା କଳାରାହାଙ୍ଗ ଗ୍ରାମ ରାସ୍ତା ମଧ୍ୟରେ ରାସ୍ତା ଖୋଳି ଡ୍ରେନଜ କାର୍ଯ୍ୟ ଚାଲୁ ରହିଛି। ରାସ୍ତା ମଝିରେ ପ୍ରାୟ ୮/୧୦ଫୁଟ ହେବ ଗଭୀର ଖୋଳାଯାଇ ପାଇପ ବିଛା ଯାଉଛି। ହେଲେ ଏଥିରେ ବହୁ ଅନିୟମିତତା ହେବା ଦେଖାଯାଉଛି। ପାଇପ ପଡିବା ପରେ ଏହି ଗଭୀର ଗତ ଗୁଡିକୁ ଠିକ ଭାବେ ଭରା ଯାଉନାହିଁ। ସରକାରୀ ନିର୍ଦ୍ଧାରିତ ନୀତିନିୟମ ଅନୁସାରେ ବାଲି, ମାଟି ନ ପକେଇ ଏହାକୁ ପୋତା ଯାଉଛି। ଯାହା ରାସ୍ତା ଗୁଡିକ ପରେ ଦବି ଖାଲ ହେଇ ଯାଉଛି। ଏନେଇ ଗ୍ରାମବାସୀ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିବାରୁ ଅଧିକାରୀ କହିଲେ କି ଖୋଳା ହୋଇଥିବା ରାସ୍ତାରେ ମାଟି ପର୍ଯ୍ୟନ୍ତ ବାଲି ଦ୍ୱାରା ପୋତା ଯିବ। ହେଲେ ଏହି କାର୍ଯ୍ୟକୁ ବାଲାଜୀ ଠାରୁ ନେଇଥିବା ପେଟି କଣ୍ଟ୍ରାକ୍ଟର ମନୋଜ ସାହୁ ତଳେ ବିଛା ଯାଇଥିବା ପାଇପ ଉପରେ ମାତ୍ର ଇଞ୍ଚେ ଦି ଇଞ୍ଚରେ ବାଲି ପକାଇ ଯେନତେନ ଭାବରେ ଲୁଚା ଛପାରେ ପୋତି ଦେଉଛନ୍ତି। ଏହାକୁ ନେଇ ଆଜି ଗ୍ରାମର କିଛି ଲୋକ ବିରୋଧ କରିବା ସହ କାର୍ଯ୍ୟକୁ ଠିକ ଭାବରେ କରିବାକୁ ପରାମର୍ଶ ଦେଇଥିଲେ। ଏନେଇ ମନୋଜ ସାହୁଙ୍କୁ ପଚାରିବାରୁ ସେ କହି ଥିଲେକି ଏହି କାର୍ଯ୍ୟ ସେ ବାଲାଜୀ ଠାରୁ ଆଣିଛନ୍ତି। କଳାରାହାଙ୍ଗ ଗ୍ରାମରେ ପ୍ରାୟ ଅଢେଇ କିଲୋମିଟର ରାସ୍ତାରେ ଡ୍ରେନ୍ କାର୍ଯ୍ୟ ପାଇଁ ବାଲାଜୀ ଠାରୁ ଠିକା ଆଣିଛନ୍ତି। ଯେତିକି ଓ ଯେମିତି ଢଙ୍ଗରେ କାର୍ଯ୍ୟ କରିବେ ସେହି ଭାବରେ ବାଲାଜୀ ଠାରୁ ପଇସା ପାଇବେ। ରାସ୍ତାର ଅବସ୍ଥା ଦେଖି ପ୍ରାୟତଃ ୨ରୁ ୩ଫୁଟ ପର୍ଯ୍ୟନ୍ତ ବାଲି ଦ୍ୱାରା ପୂରଣ କରାଯାଉଛି। ହେଲେ ମୁଁ ଏବେ ଅନ୍ୟ ସ୍ଥାନରେ ଅଛି,ତେଣୁ ସେଠି କଣ କାର୍ଯ୍ୟ ହୋଇଛି ଜାଣି ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ପାଇଛି, କାର୍ଯ୍ୟରେ ଯାହା ଆବଶ୍ୟକ ତାହା ଗଲେ ପୂରଣ କରିବି ବୋଲି ସେ କହିଛନ୍ତି।

# ବନମାଳୀପୁର ଡିଗ୍ରୀ କଲେଜରେ ଅଗ୍ନି ନିରାପତ୍ତା ସଚେତନତା



**ଭୁବନେଶ୍ୱର (ପିପିଏସ୍):** ବନମାଳୀପୁର ଡିଗ୍ରୀ କଲେଜରେ ବାଲିପାଟଣା ଅଗ୍ନିଶମ ବାହିନୀ ଦ୍ୱାରା ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବନମାଳୀପୁର ଡିଗ୍ରୀ କଲେଜର ଶକ୍ତି ଶ୍ରୀ ଏମ୍‌ପାୱାରମେଣ୍ଟ ଆନୁକୂଲ୍ୟରେ ବାଲିପାଟଣା ଅଗ୍ନିଶମ ବାହିନୀ ଅଧିକାରୀ ଜ୍ୟୋତି ପ୍ରକାଶ ରଥ ଛାତ୍ରଛାତ୍ରୀମାନଙ୍କୁ ନିଆଁକୁ କିପରି ଆୟତ୍ତ କରାଯାଇ ପାରିବ, କିପରି ପାଣିରୁ ଉଦ୍ଧାର କରିପାରିବ, ଇଲେକ୍ଟ୍ରିଫାୟାରେ କିପରି ଆୟତ୍ତ କରିପାରିବ ପ୍ରଶିକ୍ଷଣ ଦେଇଥିଲେ। ଡେମୋ ଦେଖାଇବା କ୍ରମରେ ପେଟ୍ରୋଲ ଡିଜେଲ୍ ଦ୍ୱାରା ନିଆଁ ଲଗାଇ ଲିଭାଇଥିଲେ। ଆୟୋଜନ କରାଯାଇଥିବା ସଭାରେ ଅଧ୍ୟକ୍ଷ ଡଃ ମୂରଲୀଧର ସାହୁ ସଭାପତିତ୍ୱ କରିଥିଲେ। ଶକ୍ତଶ୍ରୀ ଏମ୍‌ପାୱାର ସେଲ ଅଧିକାରୀ ମୋହମାୟା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଉମେଶ ଚନ୍ଦ୍ର ନାୟକ, ମନୋଜ କୁମାର ସାହୁ, ସନ୍ତୋଷ କୁମାର ଦାସ୍ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହେଲମେଟ୍ ଦୋକାନୀଙ୍କୁ ହାଣିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବ୍ୟବସାୟିକ ଶତ୍ରୁତାରୁ ହେଲମେଟ ଦୋକାନୀଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ତାରିଣୀ ନଗରର ଓମ୍ ଗୌଡ଼ (୨୦) ପୁଲିସ ସୂଚନାନୁସାରେ, ତାରାକାନ୍ତ ବାରିକ ନାମକ ଜଣେ ବ୍ୟକ୍ତି ପ୍ରାୟ ୧୦ ବର୍ଷ ହେବ ସ୍ୱର୍ଣ୍ଣ ହସ୍ପିଟାଲ ନିକଟସ୍ଥ ସର୍ଭିସ୍ ରାସ୍ତାରେ ଏକ ହେଲମେଟ ଦୋକାନ କରିଛନ୍ତି। ନିକଟ ଅତୀତରେ ଓମ୍ ସେଠାରେ ଏକ ମୋବାଇଲ କଭର୍ ଦୋକାନ କରିଥିଲା। ଫଳରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେବା ସହ ବିଏମସି ପକ୍ଷରୁ ଦୋକାନ ବନ୍ଦ କରିବାକୁ କୁହାଯାଇଥିଲା। ମୋବାଇଲ ଦୋକାନ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ତାରାକାନ୍ତ



ଆସୋସିଏସନ୍ ସଭାପତିଙ୍କୁ ଏନେଇ ଅଭିଯୋଗ କରିଥିଲେ। ତେବେ ଏହି କଥା ରାଜା ମଲ୍ଲିକ ଓ ବାପି ବିଶ୍ୱାଳ ଶୁଣିଦେଇ ଓମକୁ କହି ଦେଇଥିଲେ। ଗତ ଗୁରୁବାର ପୂର୍ବାହ୍ନରେ ଓମ୍, ତା'ର ସହଯୋଗୀ ବବୁଲ, ସୋନୁ, ସୁବ୍ରତ ଓ ଆକାଶ ଆସି ତାରାକାନ୍ତଙ୍କୁ ହଠାତ୍ ଗାଳିଗୁଲଜ କରିଥିଲେ। ଆସୋସିଏସନରେ ଦେଇଥିବା ଅଭିଯୋଗ ନ ଫେରାଇଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ଏହାର ଠିକ୍ ଘଣ୍ଟାଏ ପରେ ଓମ୍ ଓ ବବୁଲ ଆସି ତାରାକାନ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ। ଡାହାଣ ହାତରେ ଖଣ୍ଡା ଚୋଟ ବାଜି ଆଙ୍ଗୁଳି କଟି ଯାଇଥିଲା। ସେ ନିଜକୁ ବଞ୍ଚାଇବାକୁ ନିକଟସ୍ଥ ଏକ ଦୋକାନରେ ପଶି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତାରାକାନ୍ତଙ୍କ ପତ୍ନୀ ସୀମାରାଣୀ ବାରିକ ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୂର୍ବରୁ ବବୁଲ, ସୋନୁ, ସୁବ୍ରତ ଗିରଫ ହୋଇଥିବା ବେଳେ ଆଜି ଓମକୁ କୋର୍ଟ ଚାଲାଣ କରିଛି ପୁଲିସ।

# ଶିଶୁ ସାହିତ୍ୟ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ

**ଭୁବନେଶ୍ୱର (ପିପିଏସ୍):** 'ନୀଳଚକ୍ର ପଶ୍ଚିମବଙ୍ଗ' ପକ୍ଷରୁ କୋଲକତାସ୍ଥିତ ଇଣ୍ଡିଆନ୍ ଏସୋସିଏଟ୍ ହଲ୍‌ଠାରେ ଓଡ଼ିଆ ଏବଂ ବଙ୍ଗଳା ଶିଶୁ ସାହିତ୍ୟ ଆଲୋଚନାଚକ୍ରରେ କବି ତଥା ଶିଶୁ ସାହିତ୍ୟକ ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ରଚିତ ଏବଂ ଭାରତୀ ନନ୍ଦୀଙ୍କ ଦ୍ୱାରା ଅନୂଦିତ 'ଧଉଳି ପାହଡ଼େ ଦୀକ୍ଷା', 'ମୋରିସସେ ଦୀକ୍ଷା' ଓ 'ଠାକୁମା ଓ ଚାନ୍ଦିପୁର ଭ୍ରମଣ' ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ 'ନୀଳଚକ୍ର ପଶ୍ଚିମବଙ୍ଗ'ର ସଭାପତି ଲକ୍ଷ୍ମୀନାରାୟଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ କବି ଡ. ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟ ଅତିଥି, 'ସନ୍ଦେଶ'ର ପୂର୍ବତନ କାର୍ଯ୍ୟକାରୀ ସଂପାଦକ ରୂପକ ଚାର୍ଟାଜୀ ଓ ଅନୁବାଦକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତାର ସହଯୋଗୀ ସଂପାଦକ କ୍ଷେତ୍ରବାସୀ ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ବଙ୍ଗଳା ଏବଂ ଓଡ଼ିଆ ଶିଶୁ ସାହିତ୍ୟର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ନୀଳଚକ୍ରର ଉପଦେଷ୍ଟା ସାଫଲ୍ୟ କୁମାର ନନ୍ଦୀ ପ୍ରାରମ୍ଭିକ ସୂଚନା ଓ ଅନୁବାଦିକା ଭାରତୀ ନନ୍ଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୀଳଚକ୍ରର ସଂପାଦକ ଶେଷଦେବ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଆକୁ ଆକ୍ରମଣ କରି ବନ୍ଧାହେଲା ପୁଅ

**ଭୁବନେଶ୍ୱର (ପିପିଏସ୍):** ମାମଲା ପ୍ରତ୍ୟାହାର କରିବାକୁ ଚାପ ପକାଇ ବିଫଳ ହେବାପରେ ମାଆକୁ ଆକ୍ରମଣ କରିଛି ପୁଅ। ବରମୁଣ୍ଡା ଇପିକଲ୍ ଅଫିସ୍ ରାସ୍ତାରେ ଏଭଳି ଘଟଣା ଘଟିଥିବା ବେଳେ ତଭି ମଙ୍ଗରାଜ ଗୁରୁତର ହୋଇଛନ୍ତି। ଅଭିଯୋଗ ପାଇବା ପରେ ପୁଅକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ବରମୁଣ୍ଡା ତଳ ସାହିର ସୁରେଶ କୁମାର ମଙ୍ଗରାଜ ଓରଫ୍ ବାପି (୩୫)। ପୁଲିସ ସୂଚନାନୁସାରେ, ତଭି ପରିବାର ସହ ତପୋବନ ବସ୍ତିରେ ରୁହନ୍ତି। ପୁଅ ସୁରେଶ ଓ ତଭିଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହି ଆସିଥିଲା। ବିବାଦକୁ ନେଇ ତଭି ପୂର୍ବରୁ ବାପି ବିରୋଧରେ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଥାନାରୁ ପ୍ରତ୍ୟାହାର କରିନେବା ଲାଗି ବାପି ମାଆଙ୍କ ଉପରେ ଚାପ ପକାଇ ଆସୁଥିଲା। ସୋମବାର ତଭି ଇପିକଲ୍ ଅଫିସ୍ ରାସ୍ତା ଦେଇ ଯାଉଥିଲେ। ସେହି ସମୟରେ ବାପି ଓ ତା'ର ପତ୍ନୀ କାର ଯୋଗେ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ମାମଲା ନ ଉଠାଇଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ତଭିଙ୍କୁ ଉଦ୍ଧାର କରିବା ସହ ବାପିକୁ ଥାନାକୁ ଉଠାଇ ଆଣିଥିଲା। ଏନେଇ ତଭି ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ବାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାପି ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ୧୦ ଗୋଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।



# ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର (ପିପିଏସ୍):** କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅବର୍ତ୍ତମାନରେ ତାଙ୍କ ଜନ୍ମଦିନକୁ ପାଳନ କରି ତାଙ୍କ ପୁରୁଣା ସ୍ମୃତିକୁ ମନେପକାଇଛନ୍ତି ଅନ୍ୟ କଣ୍ଠଶିଳ୍ପୀମାନେ। ଏହି ଅବସରରେ କଟକ ଏମଆରଆର୍ ଷ୍ଟୁଡିଓରେ କେକ୍ କାଟି ତାଙ୍କ ଜନ୍ମଦିନ ପାଳନ କରିଛନ୍ତି। ଏହାସହିତ ତାଙ୍କ ଝିଅ ବାପା ଗାଇଥିବା ଷ୍ଟୁଡିଓରେ ଏକ ଗୀତ ଗାଇ ହ୍ୟୁମାନଙ୍କୁ ଉତ୍ସର୍ଗ କରିଛନ୍ତି। କଣ୍ଠଶିଳ୍ପୀ ସତ୍ୟଜିତ ମିଶ୍ର, ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା ପ୍ରମୁଖ ହ୍ୟୁମାଙ୍କ ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଛନ୍ତି। ସେହିପରି ହ୍ୟୁମାନଙ୍କୁ ଝୁରୁଛନ୍ତି ଫ୍ୟାନ୍ସଙ୍କ ଠାରୁ ଆରମ୍ଭ କରି ତାଙ୍କ ଟିଟିଲାଗଡ଼ ସଇଁତଳା ସ୍ଥିତ ଡେଙ୍ଗଗାଁର ଲୋକେ ଓ ନିଜ ପ୍ରିୟଜନ ଆଜି ହ୍ୟୁମାନଙ୍କୁ ଝୁରି ହେଉଛନ୍ତି।

## ଭାରତକୁ ମିଳିବ ନୂଆ ସାମରିକ ଉପକରଣ

ନୂଆଦିଲ୍ଲୀ : ଭାରତୀୟ ସେନାର ମାଇନ୍-ସୁଇପିଂ କ୍ଷମତାକୁ ଏକ ବଡ଼ ବୃଦ୍ଧି କରିବା ପାଇଁ, ପ୍ରତିରକ୍ଷା ମନ୍ତ୍ରଣାଳୟ ଟି-୭୨ ଏବଂ ଟି-୯୦ ଯୁଦ୍ଧ ଟ୍ୟାଙ୍କ ସମ୍ପର୍କିତ ଏକ ବଡ଼ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି। ମନ୍ତ୍ରଣାଳୟ ଟ୍ୟାଙ୍କର ଟ୍ରଲ୍ ଆସେମ୍ବଲି କ୍ରୟ ପାଇଁ ପ୍ରାୟ ୯୭୫ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛି। ଟ୍ରଲ୍ ଆସେମ୍ବଲି ଯୁଦ୍ଧ ସମୟରେ ମାଇନ୍ ଫିଲ୍ଡ ପାର କରିବା ପାଇଁ ସେନାର କ୍ଷମତାକୁ ଆହୁରି ସୁଦୃଢ଼ କରିବ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ଉପସ୍ଥିତିରେ ଦିଲ୍ଲୀରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଟ୍ୟାଙ୍କ ପାଇଁ ଟ୍ରଲ୍ ଆସେମ୍ବଲି କ୍ରୟ ପାଇଁ ଭାରତ ଆର୍ଥ ମୁଭର୍ସ ଲିମିଟେଡ୍ ଏବଂ ଇଲେକ୍ଟ୍ରୋ ନ୍ୟୁମେଟିକ୍ସ ଆଣ୍ଡ ହାଇଡ୍ରୋଲିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ଚୁକ୍ତି ସ୍ୱାକ୍ଷର କରାଯାଇଛି।ଟ୍ରଲ୍ ଆସେମ୍ବଲି ହେଉଛି ଭାରତର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆର୍ଡିଓ) ଦ୍ୱାରା ବିକଶିତ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଉପକରଣ। ଏହି ସ୍ୱତନ୍ତ୍ର ଉପକରଣଗୁଡ଼ିକ ଟ୍ୟାଙ୍କ ସମ୍ମୁଖରେ ସ୍ଥାପିତ ହୋଇଥାଏ। ଏହାର କାମ ହେଉଛି ମାଇନ୍ ବିଛାଯାଇଥିବା କ୍ଷେତ୍ର ଦେଇ ଏକ ସୁରକ୍ଷିତ ପଥ ସୃଷ୍ଟି କରିବା। ବିଶେଷକରି, ଏହା ପ୍ରୋକ୍ସିମିଟି ମ୍ୟାଗ୍ନେଟିକ୍ ଫ୍ୟୁଜ୍ ସହିତ ସିତ ଆଣ୍ଟି-ଟ୍ୟାଙ୍କ ମାଇନ୍କୁ ନିଷ୍କ୍ରିୟ କରିବାକୁ ସକ୍ଷମ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହି ଉପକରଣ ମାଇନ୍ ଫିଲ୍ଡଗୁଡ଼ିକ, ବିଶେଷକରି ଟ୍ୟାଙ୍କ-ବିରୋଧୀ ମାଇନ୍ ଏବଂ ଚୁମ୍ବକୀୟ ଫ୍ୟୁଜ୍ ସହିତ ସିତ ମାଇନ୍ ଫିଲ୍ଡଗୁଡ଼ିକ ମଧ୍ୟ ଦେଇ ସୁରକ୍ଷିତ ପଥ ପ୍ରଦାନ କରିବ। ଏହା ଭାରତୀୟ ସେନାର କାର୍ଯ୍ୟକ୍ଷମ କ୍ଷମତାକୁ ଆହୁରି ସୁଦୃଢ଼ କରିବ। ପ୍ରତିରକ୍ଷା ବିଶେଷଜ୍ଞମାନଙ୍କ ଅନୁସାରେ ଏହା ଯୁଦ୍ଧ ସମୟରେ ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ସାମରିକ ଯାନ ପାଇଁ ସୁରକ୍ଷିତ ମାର୍ଗ ସୃଷ୍ଟି କରିବ। ଏହି ନୂତନ ପ୍ରଣାଳୀର ସାମିଲ ହେବା ଦ୍ୱାରା ଭାରତୀୟ ସେନାର କାର୍ଯ୍ୟକ୍ଷମ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ।

## ପୂର୍ବାଞ୍ଚଳ ଏକ୍ସପ୍ରେସୱେରେ ଭାରତୀୟ ବାୟୁସେନା ଦେଖାଇଲା ପରାକ୍ରମ



ନୂଆଦିଲ୍ଲୀ : ଭାରତୀୟ ବାୟୁସେନା ଉତ୍ତର ପ୍ରଦେଶର ସୁଲତାନପୁରର ପୂର୍ବାଞ୍ଚଳ ଏକ୍ସପ୍ରେସୱେରେ ଯୁଦ୍ଧାଭ୍ୟାସ କରୁଛି। ସୁଖୋଇ-୩୦ଗକଓ, ଜାଗୁଆର, ମିରାଜ-୨୦୦୦, ତେଜସ ଭଳି ଯୁଦ୍ଧ ବିମାନ ଏବଂ ଉ-୨୯୫ ଭଳି କୌଶଳଗତ ବିମାନ ଏୟାର ଶୋରେ ଅବତରଣ କରିଛି, ଯାହାର ଭିଡିଓ ସାମ୍ନାକୁ ଆସିଛି। ଭାରତୀୟ ବାୟୁସେନା ପୂର୍ବାଞ୍ଚଳ ଏକ୍ସପ୍ରେସୱେକୁ ଜରୁରୀକାଳୀନ ସ୍ଥିତି ରନେୱେ ରୂପାରେ ବ୍ୟବହାର କରିବାର କ୍ଷମତା ରଖିଛି। ଏହାକୁ ଦେଖି ପ୍ରଶାସନ ଏକ୍ସପ୍ରେସ୍ୱେକୁ ୧୨ କିଲୋମିଟର ପର୍ଯ୍ୟନ୍ତ ସିଲ୍ କରି ଦେଇଛି। ଏହା ସହିତ ଟ୍ରାଫିକ୍କୁ ୧ ମଇ ପର୍ଯ୍ୟନ୍ତ ଡାଇଭର୍ଟ କରାଯାଇଛି। ଏଭଳି ହାଇୱେ ଏୟାରଷ୍ଟ୍ରିପ୍ ଯୁଦ୍ଧ ଭଳି ସ୍ଥିତିରେ ସେନା ପାଇଁ ବ୍ୟାକଅପ୍ ରନୱେର କାମ କରିଥାଏ। ଯଦି ଶତ୍ରୁପକ୍ଷ ଏୟାରବେସ୍ ଉପରେ ଆକ୍ରମଣ କରେ ତେବେ ତାକୁ ବାୟୁସେନା ଏୟାରଷ୍ଟ୍ରିପ୍ ଜରିଆରେ ଜବାବ ଦେଇଥାଏ। ଏଠାରେ ଦେଶର ବାୟୁସେନାରେ ସାମିଲ ପ୍ରାୟ ସବୁ ଫାଇଟର ଜେଟ୍ ଏକ୍ସରସାଇଜ୍ କରିଛନ୍ତି। ଏହି ଏୟାର ଶୋ' ଦ୍ୱାରା ନା କେବଳ ସେନାର ପ୍ରସ୍ତୁତିକୁ ମଜବୁତ ମିଳୁଛି, ବଂର ସୁଲତାନପୁର ଓ ଆଖପାଖ ଅଞ୍ଚଳର ମଧ୍ୟ ପରିଚୟ ମଧ୍ୟ ରାଷ୍ଟ୍ରୀୟ ସ୍ତରରେ ମଜବୁତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୬ ନଭେମ୍ବର ୨୦୨୧ରେ ପୂର୍ବାଞ୍ଚଳ ଏକ୍ସପ୍ରେସ୍ ୱେର ଏହି ଏୟାରଷ୍ଟ୍ରିପକୁ ଉଦଘାଟନ କରିଥିଲେ। ପିଏମ୍ ମୋଦି ନିଜେ ଏଠାରେଉ-୧୩୦ଔ ହରକ୍ୟୁଲିସ୍ ବିମାନରେ ଅବତରଣ କରିଥିଲେ। ସେତେବେଳେ ବି ସୁଖୋଇ ଓ ଜଗୁଆର ଭଳି ଫାଇଟର ଜେଟସ୍ ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ଏୟାର ଶୋ' ଦେଖାଇଥିଲା। ଏହାପରେ ଜୁନ୍ ୨୦୨୩ରେ ମଧ୍ୟ ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ବାୟୁସେନା ଅଭ୍ୟାସ କରିଥିଲା।

## ଖୋଲିଲା କେଦାରନାଥ ଧାମର ଦ୍ୱାର



ନୂଆଦିଲ୍ଲୀ: ଲିକପ୍ଟରରୁ ବର୍ଷିଲା ଫୁଲ, ମନ୍ତ୍ର ଓ ବେଦ ଧ୍ୱନୀ ଉଚ୍ଚାରଣରେ କମ୍ପୁଛି ମନ୍ଦିର ପରିସର। ଉତ୍ତରାଖଣ୍ଡର ପବିତ୍ର କେଦାରନାଥ ଧାମର ମନ୍ଦିର ଦ୍ୱାର ଆଜି ସକାଳ ୮ଟାରେ ପାରମ୍ପରିକ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଖୋଲାଯାଇଛି। ଏହି ଅବସରରେ ହେଲିକପ୍ଟରରେ ଉଡ଼ି ଉଡ଼ି ମନ୍ଦିର ଓ ଭକ୍ତଙ୍କ ଉପରେ ଫୁଲ ବର୍ଷଣ କରାଯାଇଥିଲା। ଯାହାକି ଆଧ୍ୟାତ୍ମିକ ପରିବେଶକୁ ଆହୁରି ଉତ୍ସବମୁଖର କରିଥିଲା। ଶ୍ରଦ୍ଧାଳୁମାନେ ଏହି ଦୃଶ୍ୟ ଦେଖି ଆନନ୍ଦ ପ୍ରକାଶ କରିଛନ୍ତି। ଦ୍ୱାର ଖୋଲିବା ଅବସରରେ ଦେଶ ଏବଂ ବିଦେଶରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଛି। ମନ୍ଦିର ପରିସରକୁ ୫୧ କ୍ୱିଣ୍ଟାଲ ଫୁଲରେ ସଜାଯାଇଛି। ଅନେକ ତୀର୍ଥଯାତ୍ରୀ ବାବା କେଦାରନାଥଙ୍କ ଆଶୀର୍ବାଦ ପାଇବା ପାଇଁ ଉତ୍ସାହର ସହିତ ରାତିସାରା ଧାଡ଼ିରେ ଠିଆ ହୋଇଥିଲେ। ଦ୍ୱାର ଖୋଲିବା ପରେ ମନ୍ଦିର ଗର୍ଭଗୃହ ମଧ୍ୟରେ ବାବା କେଦାରନାଥଙ୍କ ଶିବଲିଙ୍ଗର ଏକ ଆନୁଷ୍ଠାନିକ ପୂଜା କରିଛନ୍ତି। ଭିଡ଼ ପରିଚାଳନା, ଚିକିତ୍ସା ସହାୟତା ଏବଂ ମାର୍ଗ ପରିଚାଳନା ପାଇଁ ପ୍ରଶାସନ ତରଫରୁ ବିଶେଷ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଏପର୍ଯ୍ୟନ୍ତ ପ୍ରାୟ ୧୯ ଲକ୍ଷ ଭକ୍ତ ଚାରିଧାମ ଯାତ୍ରା ପାଇଁ ପଞ୍ଜିକରଣ କରିଥିବା ସୂଚନା ମିଳିଛି।

## ବରିଷ୍ଠ ଆଇଆର୍ଏସ୍ ଅଧିକାରୀଙ୍କ ଝିଅକୁ ଘରେ ପଶି ହତ୍ୟା

ନୂଆଦିଲ୍ଲୀ: ଦକ୍ଷିଣ ଦିଲ୍ଲୀର ଅମର କଲୋନୀ ଥାନା କୈଳାସ ହିଲ ଅଞ୍ଚଳରେ ଆଜି ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଜଣେ ଆଇଆରଏସ ଅଧିକାରୀଙ୍କ ୨୨ ବର୍ଷୀୟା ଝିଅକୁ ସନ୍ଦେହଜନକ ପରିସ୍ଥିତିରେ ହତ୍ୟା କରାଯାଇଥିବା ଜଣାପଡିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସ୍ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳ ପ୍ରାୟ ୬ଟା ୬ଟା ୩୦ ମଧ୍ୟରେ ମୃତକଙ୍କ ବାପାମାଆ ଜିମ୍ଫୋ ଯାଇଥିଲେ। ଏହି ସମୟରେ ହିଁ ଘଟଣାଟି ଘଟିଥିଲା। ଦମ୍ପତି ଫେରିବା ପରେ ସେମାନେ ଘର ଭିତରେ ସେମାନଙ୍କ ଝିଅକୁ ମୃତ ଅବସ୍ଥାରେ ଦେଖିଥିଲେ। ଏବଂ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇବା ପରେ, ଏକ ପୁଲିସ୍ ଟିମ୍ ଏବଂ ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ମୁଣ୍ଡ ଏବଂ ବେକରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ହତ୍ୟା ପୂର୍ବରୁ ତାଙ୍କୁ ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି। ମୃତକଙ୍କୁ ହତ୍ୟା କରିବା ଲାଗି ମୋବାଇଲ୍ ଚାର୍ଜର ବ୍ୟବହାର କରାଯାଇଥିବା ଜଣାପଡିଛି।

# ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ମମତା ବାନାର୍ଜୀ: ସୁପ୍ରିମକୋର୍ଟ



କୋଲକାତା : ନିର୍ବାଚନର ମାତ୍ର ଗୋଟିଏ ଦିନ ପୂର୍ବରୁ, ସୁପ୍ରିମକୋର୍ଟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି । ମମତା ବାନାର୍ଜୀ ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଇଡି ରେଡ୍ ବେଳେ ବାଧା ସୃଷ୍ଟି କରିବା ମାମଲାକୁ ନେଇ ଏଭଳି କହିଛନ୍ତି । ରାଜନୀତିକ ପରାମର୍ଶଦାତା କମ୍ପାନୀ ଆଇ-ପିଏସିରେ ରେଡ ବେଳେ ଏଥିରେ ମମତା ଓ ରାଜ୍ୟ ଅଧିକାରୀମାନେ ବାଧା ଉପୁଜାଇ ଥିଲେ ବୋଲି ଇଡି ଅଭିଯୋଗ କରିଛି। ଚଳିତ ବର୍ଷ ଜାନୁଆରୀରେ ଇଡି ରେଡ ବେଳେ ମମତା ଏଥିରେ ହସ୍ତକ୍ଷେପ କରି ତଦନ୍ତରେ ବାଧା ସୃଷ୍ଟି କରିଥିବା ଇଡି କହିଛି। ଏହାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, "ଏହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ନୁହେଁ। କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ କୌଣସି ତଦନ୍ତ ମଧ୍ୟରେ ହସ୍ତକ୍ଷେପ କରିପାରିବେ ନାହିଁ। କୌଣସି ମୁଖ୍ୟମନ୍ତ୍ରୀ ଗଣତନ୍ତ୍ରକୁ ବିପଦରେ ପକାଇ ପାରିବେ ନାହିଁ।" ଇଡିର କହିବା କଥା ଯେ ମୁଖ୍ୟମନ୍ତ୍ରୀ ମମତା ଓ ଅନ୍ୟ ଅଧିକାରୀଙ୍କ ସହ ମିଶି ଆଇ-ପିଏସି ଅଫିସ ଓ ଏହାର ପ୍ରତିଷ୍ଠାତା ପ୍ରତୀପ ଜୈନଙ୍କ ଠିକଣାରେ ଚାଲିଥିବା ରେଡ ବେଳେ ପହଞ୍ଚି ଯାଇଥିଲେ। ଏହାପରେ ସେଠାରେ ଲାପଟପ, ଫୋନ ଓ ଅନେକ ଦସ୍ତାବିଜ ଧରି ଚାଲି ଯାଇଥିଲେ। ଏହି ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, "ଏହା ସ୍ପଷ୍ଟ ରୂପରେ ଏପରି ଏକ କାମ ଯାହାକୁ ଏମିତି ଜଣେ ବ୍ୟକ୍ତିବିଶେଷ କରିଛନ୍ତି ଯିଏ ହେଉଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ। ଏହା ଦ୍ୱାରା ପୂରା ଗଣତାନ୍ତ୍ରିକ ପ୍ରକ୍ରିୟା ବିପଦ ମଧ୍ୟକୁ ଚାଲି ଆସିଛି।" ରାଜ୍ୟ ସରକାର ଦାବି କରିଥିଲେ ଯେ ରେଡ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ନିର୍ବାଚନ ପୂର୍ବରୁ ଟିଏ-ମସିକୁ ଦୁର୍ବଳ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟ କହିଛନ୍ତି, ଏପରି କାମକୁ ସମ୍ବିଧାନ ପ୍ରଣୟନକାରୀମାନେ ଆଦୌ ସ୍ୱୀକାର କରି ନଥାଆନ୍ତେ। କୋର୍ଟ କହିଛନ୍ତି, "ଆପଣ ଆମକୁ ଏଚଏମ ସୀରଭାଇ, ବିଆର ଆମ୍ବେଦକରଙ୍କ ଲେଖା ମଧ୍ୟକୁ ନେଇ ଗଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ବି କେବେ ଭାବି ନଥିବେ ଯେ ଦେଶରେ ଏମିତି ପରିସ୍ଥିତି ଦେଖାଯିବ ଓ ଜଣେ ମୁଖ୍ୟମନ୍ତ୍ରୀ ତଦନ୍ତ ବେଳେ ଅଫିସରେ ପଶି ବାଧା ସୃଷ୍ଟି କରିବେ। ସେମେନେ ମଧ୍ୟ ଏପରି କାମକୁ ଆଦୌ ଅନୁମତି ଦେଇ ନଥାଆନ୍ତେ।

## ହର୍ମୁଜ୍ ପ୍ରଣାଳୀ ପାର କରି ଭାରତରେ ପହଞ୍ଚିଲା ଦେଶ ଗରିମା



ମୁମ୍ବାଇ: ଭାରତୀୟ ତୈଳ ଟ୍ୟାଙ୍କର୍ 'ଦେଶ ଗରିମା' ହର୍ମୁଜ୍ ପ୍ରଣାଳୀ ପାର ହୋଇ ଭାରତରେ ପହଞ୍ଚିଛି। ଦେଶ ଗରିମା ଅଶୋଧିତ ତୈଳ ଟ୍ୟାଙ୍କର୍ ବିପୁଳ ପରିମାଣର ତେଲ ନେଇ ଭାରତରେ ପହଞ୍ଚିଛି କିନ୍ତୁ ବର୍ତ୍ତମାନ ସମୁଦ୍ରରେ ଲଙ୍ଗର ପକାଇଛି। ଏହି ଜାହାଜ ମୁମ୍ବାଇ ଉପକୂଳରୁ କିଛି ନଟିକାଲ୍ ମାଇଲ୍ ଦୂରରେ ରହିଛି। ଏହି ଜାହାଜ ୧୮ ଏପ୍ରିଲରେ ହର୍ମୁଜ୍ ଛାଡିଥିଲା। ଭାରତୀୟ ପତାକା ଉଡ଼ାଇ ଏହି ଟ୍ୟାଙ୍କର୍ ଜାହାଜ ହର୍ମୁଜ୍ ପ୍ରଣାଳୀରେ ଆଇଆର୍ଜିସି ଦ୍ୱାରା ଗୁଳିଚାଳନା ପରେ ମଧ୍ୟ ଆଗକୁ ବଢ଼ି ଚାଲିଥିଲା ଏବଂ ବର୍ତ୍ତମାନ ସୁରକ୍ଷିତ ଭାବରେ ଭାରତରେ ପହଞ୍ଚିଛି। ସୂଚନା ଅନୁଯାୟୀ, ଏହି ଜାହାଜରେ ୩୧ ଜଣ ଭାରତୀୟ ନାବିକ ଅଛନ୍ତି। ଏହାର ସୁରକ୍ଷିତ ଆଗମନ ଇନ୍ଧନ ଅଭାବ ସମୟରେ ଆଶ୍ୱସ୍ତି ଦେବ। ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ମାର୍ଚ୍ଚ ମାସଠାରୁ ଦେଶ ଗରିମା ହେଉଛି ଦଶମ ଭାରତୀୟ ଜାହାଜ ଯାହା ହର୍ମୁଜ୍ ପ୍ରଣାଳୀ ଦେଇ ଦେଶରେ ପହଞ୍ଚିଛି। ଭାରତ ବାଣିଜ୍ୟ ଜାହାଜ ଏବଂ ନାବିକଙ୍କ ସୁରକ୍ଷା ସମ୍ପର୍କରେ ନିଜର ସ୍ଥିତି ସ୍ପଷ୍ଟ କରିଛି ଏବଂ ଇରାନକୁ ହର୍ମୁଜ୍ ପ୍ରଣାଳୀ ଦେଇ ଭାରତୀୟ ଜାହାଜଗୁଡ଼ିକୁ ସୁରକ୍ଷିତ ପଥ ପ୍ରଦାନ କରିବାକୁ ଦାବି କରିଛି। ଯୁଦ୍ଧ ମଧ୍ୟରେ ପରିବର୍ତ୍ତିତ ପରିସ୍ଥିତି ଏବଂ ତୈଳ ସଙ୍କଟ ସମୟରେ ଇରାନ ପୂର୍ବରୁ ଭାରତକୁ ସହାୟତା ଯୋଗାଇଛି। ଭାରତ ଏବଂ ଇରାନ ମଧ୍ୟରେ ସମ୍ପର୍କ ସର୍ବଦା ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଛି।

## ଇରାନ-ୟୁଏସ୍ ମଧ୍ୟରେ ମଧ୍ୟସ୍ଥତା ନେଇ ସଙ୍କେତ ଦେଲେ ରାଜନାଥ



ନୂଆଦିଲ୍ଲୀ ; ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବଡ଼ ବୟାନ ଦେଇଛନ୍ତି । ଜର୍ମାନୀରେ ଭାଷଣ ଦେଇ ସେ କହିଛନ୍ତି ଯେ, ଭାରତ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରିଥିଲା କିନ୍ତୁ ସବୁକିଛି ପାଇଁ ଏକ ସମୟ ଅଛି । ପାକିସ୍ତାନ, ଇଜିପ୍ଟ ଏବଂ ତୁର୍କୀ ଉଭୟ ପକ୍ଷ ମଧ୍ୟରେ ମଧ୍ୟସ୍ଥତା କରୁଛନ୍ତି, ଯାହା ପରେ ଦୁଇ ଦେଶ ଇସଲାମାବାଦରେ ସେମାନଙ୍କର ପ୍ରଥମ ଆଲୋଚନା କରିଥିଲେ। ପାକିସ୍ତାନ ବିଫଳ ହେଲା କିନ୍ତୁ ଭାରତ କରିକି ଦେଖାଇବୁ । ''ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ତାଙ୍କର ପ୍ରଥମ ଗସ୍ତରେ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷରେ ଭାରତ କେବେ ଏବଂ କ'ଣ ଭୂମିକା ଗ୍ରହଣ କରିବ ସେ ବିଷୟରେ ତାଙ୍କର ମତ ସ୍ପଷ୍ଟ କରିଛନ୍ତି। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସର୍ବଦା ଏକ ସନ୍ତୁଳିତ ଏବଂ ବିଚକ୍ଷଣ ବୈଦେଶିକ ନୀତି ଅନୁସରଣ କରିଆସିଛି । ଭବିଷ୍ୟତରେ, ଭାରତ ପଶ୍ଚିମ ଏସିଆର ସଙ୍କଟ ସମେତ ବିଶ୍ୱସ୍ତରୀୟ ସଂଘର୍ଷର ସମାଧାନରେ ଏକ ବୃହତ ଭୂମିକା ଗ୍ରହଣ କରିପାରିବ । ଜର୍ମାନୀରେ ପହଞ୍ଚିଥିବା ରାଜନାଥ ସିଂହଙ୍କୁ ପଚରାଯାଇଥିଲା ଯେ ପଶ୍ଚିମ ଏସୀୟ ସଙ୍କଟ ମଧ୍ୟରେ ଭାରତ ଶାନ୍ତି ପ୍ରତିଷ୍ଠାରେ ଭୂମିକା ଗ୍ରହଣ କରିପାରିବ କି ? ଉତ୍ତରରେ ସେ କହିଥିଲେ, 'ଭାରତ ନିଜର ସର୍ବୋତ୍ତମ ଚେଷ୍ଟା କରିଛି, ଯେତେବେଳେ ଏକ ସଙ୍କଟ ଚାଲୁଥାଏ, ସେତେବେଳେ ସମସ୍ୟା ଥାଏ । ସବୁକିଛିର ସମୟ ଥାଏ। ହୁଏତ କାଲି ଏପରି ସମୟ ଆସିବ ଯେତେବେଳେ ଭାରତ ନିଜର ଭୂମିକା ଗ୍ରହଣ କରିବ ଏବଂ ସଫଳତା ମଧ୍ୟ ହାସଲ କରିବ । ଆମେ ଏହି ସମ୍ଭାବନାକୁ ଅସ୍ୱୀକାର କରିପାରିବୁ ନାହିଁ। ' ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ପକ୍ଷଙ୍କ ସହ, ବିଶେଷକରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି । ଯୁଦ୍ଧ ସମାପ୍ତ କରିବାକୁ ନିବେଦନ କରିଛନ୍ତି। ରାଜନାଥ ସିଂହ କହିଛନ୍ତି ଯେ କୂଟନୈତିକ ମାମଲାରେ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ଅତ୍ୟନ୍ତ ସନ୍ତୁଳିତ । ହୋର୍ମୁଜକୁ ନେଇ ରାଜନାଥ ସିଂହ କହିଛନ୍ତି, ହୋର୍ମୁଜରେ ବାଧା କଠୋର ବାସ୍ତବତା ଯାହା ଭାରତ ପାଇଁ ସୁରକ୍ଷା ଏବଂ ଅର୍ଥନୈତିକ ସ୍ଥିରତା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ ।

## ଇଡିରେ ପହଞ୍ଚିଲେ ପୂର୍ବତନ ଟିଏମ୍ସି ସାଂସଦ

କଲକତା : କଲକତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ପହଞ୍ଚିଲେ ପୂର୍ବତନ ଟିଏମସି ସାଂସଦ ତଥା ବଙ୍ଗୀୟ ଅଭିନେତ୍ରୀ ନୁସରତ ଜାହାନ। ରାସନ ଦୁର୍ନୀତି ସହ ମନି ଲଣ୍ଡରିଂ ମାମଲାରେ ଗତ ୨୦ ତାରିଖରେ ତାଙ୍କୁ ଇଡି ସମନ ଜାରି କରିଛି। ୨୦୨୦ ରାସନ ଚୋରା ଚାଲାଣ ମାମଲାର ତଦନ୍ତ ପାଇଁ ସଲ୍ଟ ଲେକ୍ ଇଡି କାର୍ଯ୍ୟାଳୟରେ ନୁସରତ ପହଞ୍ଚିଛନ୍ତି। ସମନ ସମୟରେ ବିଦେଶରେ ଛୁଟିରେ ଥିବାରୁ ସେ ନୂଆଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହା ଖାରଜ ହେବ ପରେ ଆଜି ସେ କଲକତା ଇଡି କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଅଭିଯୋଗ ଅନୁସାରେ କୋଭିଡ୍-୧୯ ଲକଡାଉନ୍ ସମୟରେ, ବାଂଲାଦେଶକୁ ଗହମ ଏବଂ ଚାଉଳ ଚୋରା ଚାଲାଣ ଅଭିଯୋଗରେ ବସିରହାଟର ସୀମାବର୍ତ୍ତୀ ଅଞ୍ଚଳରେ ଅନେକ ଟ୍ରକ ଜବତ କରାଯାଇଥିଲା। ନୁସରତ ସେତେବେଳେ ବସିରହାଟ ସାଂସଦ ଥିଲେ। ଘୋଟାଲାର ତଦନ୍ତ ସମୟରେ ଅନେକ ନାମ ସାମ୍ନାକୁ ଆସିଥିଲା। ନୁସରତଙ୍କୁ ଏହି ମାମଲାରେ ପଚରାଉଚରା ପାଇଁ ସମନ କରାଯାଇଛି।

## ପଶ୍ଚିମବଙ୍ଗରେ ଖାତା ଖୋଲିପାରିବନି କଂଗ୍ରେସ: ଶାହ



ନୂଆଦିଲ୍ଲୀ: ପଶ୍ଚିମବଙ୍ଗର ଦମଦମ୍ରେ ଏକ ନିର୍ବାଚନୀ ରାଲିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ଦଳ ଉପରେ ବର୍ଷିଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ସେ କହିଥିଲେ ଯେ ଏଥର କଂଗ୍ରେସ ଦଳ ବଙ୍ଗଳାରେ ତା'ର ଖାତା ମଧ୍ୟ ଖୋଲିପାରିବ ନାହିଁ। ତାଙ୍କ ଭାଷଣରେ ଅମିତ ଶାହ ଦାବି କରିଥିଲେ ଯେ ପଶ୍ଚିମବଙ୍ଗର ଲୋକମାନେ ଏବେ କଂଗ୍ରେସ ଦଳକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଏବଂ ରାଜ୍ୟରେ ଏହାର କୌଣସି ସମର୍ଥନ ଆଧାର ନାହିଁ। ବିଜେପି ଦ୍ରୁତ ଗତିରେ ଶକ୍ତି ବୃଦ୍ଧି କରୁଛି।ଏବଂ ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ। ରାଲି ସମୟରେ ଶାହା ବିରୋଧୀ ଦଳଗୁଡ଼ିକୁ ମଧ୍ୟ ଟାର୍ଗେଟ କରି କହିଥିଲେ ଯେ ସେମାନେ କେବଳ କ୍ଷମତା ପାଇଁ ରାଜନୀତି କରନ୍ତି। କର୍ମୀମାନଙ୍କୁ ଉତ୍ସାହିତ କରି ସେ ଘୋଷଣା କରିଥିଲେ ଯେ ବଙ୍ଗଳାରେ ପରିବର୍ତ୍ତନର ସମୟ ଆସିଛି, ଏବଂ ଲୋକମାନେ ବିଜେପି ସହିତ ଠିଆ ହୋଇଛନ୍ତି। ଶାହଙ୍କ ଏହି ବୟାନ ରାଜ୍ୟ ରାଜନୀତିରେ ବୟାନବାଜିକୁ ଆହୁରି ତୀବ୍ର କରିଥିଲା। ଶାହ ମମତା ବାନାର୍ଜୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ ସେ ଜନସାଧାରଣଙ୍କୁ ଭ୍ରମିତ କରୁଛନ୍ତି। ଭବିଷ୍ୟତରେ ବଙ୍ଗଳାର ମୁଖ୍ୟମନ୍ତ୍ରୀ ଜଣେ ସ୍ଥାନୀୟ ବଙ୍ଗଳା ଭାଷାଭାଷୀ ବ୍ୟକ୍ତି ହେବେ। ଏବଂ କେବଳ ବିଜେପି କର୍ମୀମାନେ ରାଜ୍ୟ ଦାୟିତ୍ୱ ନେବେ। ରାଲିରେ ସେ ଏହା ମଧ୍ୟ ଘୋଷଣା କରିଥିଲେ ଯେ ଯଦି ବିଜେପି ସରକାର ଗଠନ ହୁଏ, ତେବେ ପ୍ରତି ମାସରେ ମହିଳାଙ୍କ ଆକାଉଣ୍ଟରେ ୩୦୦୦ ଜମା କରାଯିବ। ଏହା ସହିତ, ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ କମିଶନ ଅନୁଯାୟୀ ଡିଏ ଲାଗୁ କରାଯିବ। ଏବଂ ବେକାର ଯୁବକମାନଙ୍କୁ ମଧ୍ୟ ୩୦୦୦ ଟଙ୍କା ଆର୍ଥିକ ସହାୟତା ମିଳିବ। ଅମିତ ଶାହ ଏହା ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ଯେ କଲକତା ମେଟ୍ରୋକୁ ତିନିଗୁଣ ବିସ୍ତାର କରାଯିବ। ଏବଂ ସହରର ବିକାଶ ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି।

## ବାଡ଼ମେରରେ ସ୍କୁଲ ବସ୍-ଟ୍ରକ୍ ମୁହାଁମୁହିଁ; ୫ ଶିଶୁ ସଂକଟାପନ୍ନ

ରାଜସ୍ଥାନ : ରାଜସ୍ଥାନର ବାଡ଼ମେର ଜିଲ୍ଲା ବାୟତୁ ଅଞ୍ଚଳରେ ବୁଧବାର ସକାଳୁ ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ଟ୍ରକ୍ ପଛରୁ ଧକ୍କା ଦେବା ଫଳରେ ୩୬ ଜଣ ଶିଶୁଙ୍କୁ ନେଇ ଯାଉଥିବା ସ୍କୁଲ୍ ବସଟି ଅନିୟନ୍ତ୍ରିତ ହୋଇ ରାସ୍ତାକଡ଼କୁ ଓଲଟି ପଡ଼ିଛି । ଏହି ଦୁର୍ଘଟଣାରେ ପ୍ରାୟ ୧୦ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, ସରସ୍ୱତୀ ବିଦ୍ୟା ମନ୍ଦିରର ଏକ ସ୍କୁଲ ବସ୍ ପ୍ରତିଦିନ ପରି ବୁଧବାର ସକାଳେ ପିଲାମାନଙ୍କୁ ଘରୁ ନେଇ ସ୍କୁଲ ଅଭିମୁଖେ ଯାଉଥିଲା । ଏହି ସମୟରେ ବାୟତୁ ଅଞ୍ଚଳରେ ଏକ ଦ୍ରୁତଗାମୀ ଟ୍ରକ୍ ବସଟିକୁ ପଛପଟୁ ଏତେ ଜୋରଦାର ଧକ୍କା ଦେଇଥିଲା ଯେ ଚାଳକ ନିଜର ସନ୍ତୁଳନ ହରାଇଥିଲେ ଏବଂ ବସଟି ରାସ୍ତା ତଳକୁ ଓଲଟି ପଡ଼ିଥିଲା । ବସ୍ ଭିତରେ ଥିବା କୋମଳମତି ଶିଶୁଙ୍କ ଆର୍ତ୍ତନାଦରେ ସ୍ଥାନୀୟ ଅଞ୍ଚଳ ସ୍ତବ୍ଧ ହୋଇଯାଇଥିଲା । ବସ୍ର କାଚ ଭାଙ୍ଗିଯାଇଥିବାରୁ ଅନେକ ପିଲା କ୍ଷତବିକ୍ଷତ ହୋଇଛନ୍ତି ।

# ପାକିସ୍ତାନରେ ଲୁଚିଛି ପହଲଗାମ ମାଷ୍ଟରମାଇଣ୍ଡ ସାଜିଦ

ନୂଆଦିଲ୍ଲୀ ; ପହଲଗାମ ଆତଙ୍କୀ ଆକ୍ରମଣକୁ ବର୍ଷେ ପୁରୁଛି । ଏହି ନରସଂହାରର ମାଷ୍ଟରମାଇଣ୍ଡ ବଡ଼ ଖେଳାଳିର ପର୍ଦ୍ଦାଫାସ ହୋଇଛି । ଜାତୀୟ ଗଣମାଧ୍ୟମରେ ପ୍ରସାରିତ ରିପୋର୍ଟରେ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ବିଷୟରେ ଫଟୋ ଏବଂ ସମ୍ପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି। ଯିଏ କାଶ୍ମୀରରେ ଆକ୍ରମଣ ଯୋଜନା କରିଥିଲା । ଏହି ମାଷ୍ଟରମାଇଣ୍ଡର ନାମ ସାଜିଦ ଜଟ୍ଟ । ଲସ୍କର ଏବଂ ଟିଆରଏଫର ମୋଷ୍ଟ ଓ୍ୱାଣ୍ଟେଡ ଆତଙ୍କବାଦୀ ଥିଲା । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ସେ ଆଉ ସେଠାରେ ସାଜିଦ ଭାବରେ ନୁହେଁ ବରଂ ସେ ନିଜର ପରିଚୟ, ରୂପ ବଦଳାଇ ରହୁଛି । ଏକ ସ୍ୱତନ୍ତ୍ର ତଦନ୍ତରୁ ଆତଙ୍କବାଦୀର ପ୍ରଥମ ଫଟୋ ଓ ପାକିସ୍ତାନରେ ଲୁଚି ରହିଥିବାର ପ୍ରମାଣ ପ୍ରକାଶ ପାଇଛି । ତଦନ୍ତରୁ ଜଣାପଡିଛି ଯେ, ଆଇଏସଆଇ ସହାୟତାରେ ସେ ସଲିମ ଲଙ୍ଗଡା ଭଳି ମିଥ୍ୟା ପରିଚୟରେ ଏକ



ସୁରକ୍ଷିତ ଘରେ ଖୁବ ସାଧାରଣ ଜୀବନ ବିତାଉଛି। ସାଜିଦ ଭଟ୍ଟ ପାକିସ୍ତାନରେ ଥାଇ ପହଲଗାମ ଆକ୍ରମଣ ପାଇଁ ପୁରା ଯୋଜନା କରିଥିଲା।

ଏନଆଇଏ ଏହା ତଦନ୍ତରେ ସାଜିଦ ଓରଫ ସୈଫୁଲ୍ଲାହ ସାଜକୁ ଏହି ନରସଂହାରର ମାଷ୍ଟରମାଇଣ୍ଡ ଦର୍ଶାଇଛି । ସାଜିଦର ପ୍ରକୃତ ନାମ ହବିବୁଲ୍ଲା ତବସୁମ । ବୈସରନ ଘାଟିରେ ନିରୀହ ଲୋକଙ୍କ ଉପରେ ଗୁଳି ଚଳାଇବା ପରେ ସେ ସେଠାରୁ ଫେରାର ହୋଇଯାଇଥିଲା। ଏନଆଇଏ ସାଜିଦ ସମ୍ପର୍କରେ ସୂଚନା ଦେବାକୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା । କସୁରରୁ ରାୱଲପିଣ୍ଡି ପର୍ଯ୍ୟନ୍ତ ସେ ନିଜ ଠିକଣା ବଦଳାଇ ଅତି ଗୋପନୀୟ ଭାବରେ ରହୁଥିବା ଜଣାପଡିଛି । ଏ ସବୁ ପଛରେ ପାକିସ୍ତାର ଗୁଇନ୍ଦା ସଂସ୍ଥା ଆଇଏସଆଇର ସହଯୋଗ ରହିଛି। ସାଜିଦକୁ ଏବେ ଅଜ୍ଞାତ ଆକ୍ରମଣକାରୀଙ୍କ ଭୟ ଘାରିଛି । ଏହି ଆକ୍ରମଣକାରୀମାନେ ଭାରତର ଶତ୍ରୁମାନଙ୍କୁ ପାକିସ୍ତାନରେ ଖୋଜି ଖୋଜି ହତ୍ୟା କରୁଥିବାରୁ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରି ସାଜିଦ ଆଦି ସାଧାରଣ ଜୀବନ ବଞ୍ଚୁଛି ।

cmyk cmyk cmyk






# ହାଇଦ୍ରାବାଦ୍‌ରେ ଛକା-ଚୌକା ବର୍ଷା, ହାରିଗଲା ଦିଲ୍ଲୀ



ହାଇଦ୍ରାବାଦ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୧ତମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଦମ୍ ଦେଖାଇଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ମଙ୍ଗଳବାର ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ହାଇଦ୍ରାବାଦ୍ ଚମକପ୍ରଦ ପ୍ରଦର୍ଶନ କରି ନିଜର ପ୍ରଶଂସକମାନଙ୍କର ହୃଦୟ ଜିତିଛି। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୧୯୫ ରନ୍ କରିଛି। ହାଇଦ୍ରାବାଦ୍ ଏହି ମ୍ୟାଚ୍‌କୁ ୪୭ ରନ୍‌ରେ ବିଜୟ ହାସଲ କରିଛି। ଏହି ବିଜୟ ସହିତ ହାଇଦ୍ରାବାଦ ପଏଣ୍ଟ ଟେବୁଲରେ ରାଜସ୍ଥାନ ରୟାଲ୍ସକୁ ଅତିକ୍ରମ କରି ତୃତୀୟ ସ୍ଥାନ ଦଖଲ କରିଛି। ପଏଣ୍ଟ ଟେବୁଲରେ ଏବେ ପଞ୍ଜାବ କିଙ୍ଗ୍‌ସ ପ୍ରଥମ ସ୍ଥାନରେ ଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଛି।

ଅକ୍ଷର ପଟେଲଙ୍କ ନେତୃତ୍ୱରେ ୨୪୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଦିଲ୍ଲୀ ବ୍ୟାଟିଂ ଆରମ୍ଭ କରିଥିଲା। ପାଥୁମ୍ ନିଶଙ୍କା ଏବଂ କେଏଲ୍ ରାହୁଲ ଦିଲ୍ଲୀ ପାଇଁ ବ୍ୟାଟିଂ କରିବାକୁ ଆସିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୨୧ ରନ୍‌ର ଭାଗିଦାରୀ କରିଥିଲେ। ହାଇଦ୍ରାବାଦର ପ୍ରଥମ ଶିକାର ହୋଇଥିଲେ ନିଶଙ୍କା। ସେ ୬ଟି ବଲ୍ ଖେଳି ଗୋଟିଏ ଛକା ବଳରେ ୮ ରନ୍ ସଂଗ୍ରହ କରିଥିଲେ। ଦିଲ୍ଲୀକୁ ଦ୍ୱିତୀୟ ଝଟକା କେଏଲ୍ ରାହୁଲଙ୍କ ଆଉଟ୍ ଭାବେ ଲାଗିଥିଲା। କେଏଲ୍ ରାହୁଲ ୨୩ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୩ଟି ଛକା ମାଧ୍ୟମରେ ୩୭ ରନ୍ ସଂଗ୍ରହ କରିଥିଲେ। ଦିଲ୍ଲୀ ସ୍କୋର ୧୦୭ ରନ୍‌ରେ ତିନିଟି ମୂଲ୍ୟବାନ ୱିକେଟ୍ ହରାଇଥିଲା। କେଏଲ୍ ରାହୁଲ, ନୀତିଶ ରାଣା ଏବଂ ଡେଭିଡ ମିଲର ଆଉଟ୍ ହୋଇଥିଲେ। ଡେଭିଡ ମିଲର ଶୂନ୍ୟ ରନ୍‌ରେ ଆଉଟ୍ ହୋଇଥିଲେ। ନୀତିଶ ରାଣା ୩୦ଟି ବଲ୍ ଖେଳି ୭ଟି ଚୌକା ଏବଂ ୩ଟି ଛକା ବଳରେ ୫୭ ରନ୍ ସଂଗ୍ରହ କରିଥିଲେ।

ଟସ୍ ଜିଣି ଦିଲ୍ଲୀ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଆୟୋଜକ ହାଇଦ୍ରାବାଦ ବ୍ୟାଟିଂ କରିଥିଲା। ଈଶାନ କିଶନଙ୍କ ନେତୃତ୍ୱରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୨ଟି ୱିକେଟେ ହରାଇ ୨୪୨ ରନ୍ ସଂଗ୍ରହ କରିଥିଲା। ହାଇଦ୍ରାବାଦରେ ଆଜି ଛକା ଏବଂ ଚୌକାର ବର୍ଷା ଦେଖିବାକୁ ମିଳିଥିଲା। କେବଳ ପ୍ରଥମ ଇନିଂସରେ ହାଇଦ୍ରାବାଦ ପକ୍ଷରୁ ୧୭ଟି ଚୌକା ଏବଂ ୧୬ଟି ଛକା ଦେଖିଥିଲେ ଦର୍ଶକ। ଯୁବ ବ୍ୟାଟର ଅଭିଷେକ ଶର୍ମା ୪୭ଟି ବଲ୍‌ରେ ଶତକ ହାସଲ କରିଥିଲେ। ସେ ମୋଟ୍ ୬୮ଟି ବଲ୍ ଖେଳିଥିଲା ବେଳେ ୧୦ଟି ଚୌକା ଏବଂ ୧୦ଟି ଛକା ସହିତ ଅପରାଜିତ ୧୩୫ ରନ୍ ସଂଗ୍ରହ କରିଥିଲେ। ହେନ୍‌ରିକ୍ କ୍ଲାସେଁ ଅପରାଜିତ ରହି ୩୭ ରନ୍ ସଂଗ୍ରହ କରିଥିଲେ। ସେ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରିଥିଲେ।

ହାଇଦ୍ରାବାଦର ଇନିଂସ ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ ପାଇଁ ୯୭ ରନ୍‌ର ଭାଗିଦାରୀ କରିପାରିଥିଲେ। ଦିଲ୍ଲୀର ପ୍ରଥମ ଶିକାର ହୋଇଥିଲେ ହେଡ୍। କିନ୍ତୁ ପଡ଼ିଆରୁ ବିଦାୟ ନେବା ପୂର୍ବରୁ ସେ ବ୍ୟକ୍ତିଗତ ଭାବେ ୩୭ ରନ୍ ସଂଗ୍ରହ କରିଥିଲେ। ସେ ୨୬ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ହାଇଦ୍ରାବାଦ ଦ୍ୱିତୀୟ ୱିକେଟ୍‌ରେ ୭୯ ରନ୍ ସଂଗ୍ରହ କରିଥିଲା। ଏହି ରନ୍ ଅଭିଷେକ ଶର୍ମା ଏବଂ ଈଶାନ କିଶନ କରିଥିଲେ। ଈଶାନ କିଶନ ଆଉଟ୍ ହେବା ପୂର୍ବରୁ ୧୩ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ ସଂଗ୍ରହ କରିଥିଲେ।

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୧ତମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହୋଇଛନ୍ତି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ମଙ୍ଗଳବାର ଟସ୍ ଜିଣି ଦିଲ୍ଲୀ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଆୟୋଜକ ହାଇଦ୍ରାବାଦ ବ୍ୟାଟିଂ କରିଥିଲା। ଈଶାନ କିଶନଙ୍କ ନେତୃତ୍ୱରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୨ଟି ୱିକଟେ ହରାଇ ୨୪୨ ରନ୍ ସଂଗ୍ରହ କରିଛି। ଫଳରେ ଅତିଥି ଟିମ୍‌କୁ ଏହି ମ୍ୟାଚ୍ ଜିତିବା ପାଇଁ ୨୪୩ ରନ୍‌ର ଲକ୍ଷ୍ୟ ମିଳିଛି। ଅଭିଷେକ ଶର୍ମା ବିସ୍ଫୋରକ ଶତକ ହାସଲ କରିଛନ୍ତି।

ହାଇଦ୍ରାବାଦରେ ଆଜି ଛକା ଏବଂ ଚୌକାର ବର୍ଷା ଦେଖିବାକୁ ମିଳିଛି। ପ୍ରଥମ ଇନିଂସରେ ହାଇଦ୍ରାବାଦ ପକ୍ଷରୁ ୧୭ଟି ଚେ?କା ଏବଂ ୧୬ଟି ଛକା ଦେଖିଛନ୍ତି ଦର୍ଶକ। ଯୁବ ବ୍ୟାଟର ଅଭିଷେକ ଶର୍ମା ୪୭ଟି ବଲ୍‌ରେ ଶତକ ହାସଲ କରିଛନ୍ତି। ସେ ମୋଟ୍ ୬୮ଟି ବଲ୍ ଖେଳିଥିଲା ବେଳେ ୧୦ଟି ଚୌକା ଏବଂ ୧୦ଟି ଛକା ସହିତ ଅପରାଜିତ ୧୩୫ ରନ୍ ସଂଗ୍ରହ କରିଛନ୍ତି। ହେନ୍‌ରିକ୍ କ୍ଲାସେଁ ଅପରାଜିତ ରହି ୩୭ ରନ୍ ସଂଗ୍ରହ କରିଛନ୍ତି। ସେ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରିଛନ୍ତି।

ହାଇଦ୍ରାବାଦର ଇନିଂସ ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ ପାଇଁ ୯୭ ରନ୍‌ର ଭାଗିଦାରୀ କରିପାରିଥିଲେ। ଦିଲ୍ଲୀର ପ୍ରଥମ ଶିକାର ହୋଇଥିଲେ ହେଡ୍। କିନ୍ତୁ ପଡ଼ିଆରୁ ବିଦାୟ ନେବା ପୂର୍ବରୁ ସେ ବ୍ୟକ୍ତିଗତ ଭାବେ ୩୭ ରନ୍ ସଂଗ୍ରହ କରିଥିଲେ। ସେ ୨୬ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ହାଇଦ୍ରାବାଦ ଦ୍ୱିତୀୟ ୱିକେଟ୍‌ରେ ୭୯ ରନ୍ ସଂଗ୍ରହ କରିଥିଲା। ଏହି ରନ୍ ଅଭିଷେକ ଶର୍ମା ଏବଂ ଈଶାନ କିଶନ କରିଥିଲେ। ଈଶାନ କିଶନ ଆଉଟ୍ ହେବା ପୂର୍ବରୁ ୧୩ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ ସଂଗ୍ରହ କରିଥିଲେ।

# ବୋଷ୍ଟନ୍ ମାରାଥନ୍‌ରେ କେନିୟାର ପ୍ରାଧାନ୍ୟ




ବୋଷ୍ଟନ୍ : ବୋଷ୍ଟନ୍ ମାରାଥନ୍‌ର ୧୩୦ତମ ସଂସ୍କରଣରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି କେନିୟା ଆଥଲେଟ୍। ଜନ୍ କୋରିର ଓ ସାରୋନ୍ ଲୋକେଡି ଯଥାକ୍ରମେ ପୁରୁଷ ଓ ମହିଳା ଟ୍ରଫି ବଜାୟ ରଖିଛନ୍ତି। ଥଣ୍ଡାଳିଆ ପାଗ ଓ ପଛୁଆ ପବନ ପ୍ରବାହ କାରଣରୁ ଅଧିକାଂଶ ଆଥଲେଟଙ୍କ ପ୍ରଦର୍ଶନରେ ବି ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। ଏକାଧିକ ନୂଆ ରେକର୍ଡ ବି ଦେଖିବାକୁ ମିଳିଛି।

ପୁରୁଷ ବର୍ଗରେ ଜନ୍ କୋରିର କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ କେବଳ ଟ୍ରଫି ବଜାୟ ରଖିନାହାନ୍ତି, ୧୫ ବର୍ଷ ତଳର ରେକର୍ଡକୁ ବି ପଛରେ ପକାଇ ଦେଇଛନ୍ତି। ପୁରୁଷ ବର୍ଗର ଶୀର୍ଷ ୩ ଖେଳାଳି ମଧ୍ୟ ପୂର୍ବ ରେକର୍ଡ (୨:୦୩:୦୨, ଜିଓଫ୍ରେ ମୁତାଇ, ୨୦୧୧)କୁ ପଛରେ ପକାଇଛନ୍ତି। କୋରିର ୨ ଘଣ୍ଟା ୧ ମିନିଟ୍ ୫୨ ସେକେଣ୍ଡ୍ ସମୟ ନେଇ ବିଜେତା ହୋଇଥିବାବେଳେ ତାଙ୍କ ଦେଶର ସାରୋନ୍ ଲୋକେଡି ୨ ଘଣ୍ଟା ୧୮ ମିନିଟ୍ ୫୧ ସେକେଣ୍ଡ୍ ନେଇ କ୍ରମାଗତ ଭାବେ ମହିଳା ଟ୍ରଫି ହାତେଇଛନ୍ତି। 'ମୁଁ ଜାଣିଥିଲି ମୋ ଟାଇଟଲ୍ ଡିଫେଣ୍ଡ୍ କରିପାରିବି, କିନ୍ତୁ ଜାଣିନଥିଲି ଏତେ ଦ୍ରୁତ ବେଗରେ ଦୌଡ଼ିପାରିବି' ବୋଲି କୋରିର ରେସ୍ ପରିବର୍ତ୍ତୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

# କୋହଲିଙ୍କ ସହ ସମକକ୍ଷ ହେଲେ ଅଭିଷେକ



ହାଇଦରାବାଦ୍ : ସନରାଇଜର୍ସ ହାଇଦରାବାଦ୍ ଓପନର ଅଭିଷେକ ଶର୍ମା। ଚଳିତ ଆଇପିଏଲର ମଙ୍ଗଳବାର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡ଼ିୟମରେ ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷ ମ୍ୟାଚରେ ଏକାଧିକ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ଅଭିଷେକ ମ୍ୟାଚରେ ଅପରାଜିତ ୧୩୫ ରନ କରିଥିଲେ। ଟି୨୦ କ୍ରିକେଟରେ ଅଭିଷେକଙ୍କ ଏହା ୯ମ ଶତକ।

ଏଥିସହିତ ଅଭିଷେକ ତାରକା ଭାରତୀୟ ବ୍ୟାଟ୍‌ସମ୍ୟାନ ବିରାଟ କୋହଲିଙ୍କ ସହ ସମକକ୍ଷ ହୋଇଛନ୍ତି। ବିରାଟ ଟି୨୦ରେ ୯ଟି ଶତକ ହାସଲ କରିଛନ୍ତି। ଉଭୟେ ଅଭିଷେକ ଓ ବିରାଟ ଟି୨୦ରେ ଭାରତ ପାଇଁ ସର୍ବାଧିକ ୯ଟି ଲେଖାଏଁ ଶତକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ହାଇଦରାବାଦ୍ ଫ୍ରାଞ୍ଚାଇଜ୍ ପକ୍ଷରୁ ଚତୁର୍ଥ ବ୍ୟାଟ୍‌ସମ୍ୟାନ ଭାବେ ଅଭିଷେକ ୨୦୦୦ରନ ପୂରଣ କରିଛନ୍ତି।

ସେ ୫୯ରନ କରିବା ପରେ ସନରାଇଜର୍ସ ହାଇଦରାବାଦ୍ ପାଇଁ ୨୦୦୦ରନ ପୂରଣ କରିଥିଲେ। ସେ ୮୦ଟି ମ୍ୟାଚ ଖେଳି ୨୦୭୬ରନ କରିଛନ୍ତି। ଡେଭିଡ୍ ୱାର୍ଣ୍ଣର, କେନ୍ ୱିଲିୟମସନ ଓ ଶିଖର ଧୱାନଙ୍କ ପରେ ଅଭିଷେକ ଚତୁର୍ଥ ବ୍ୟାଟ୍‌ସମ୍ୟାନ ଭାବେ ହାଇଦରାବାଦ୍ ପାଇଁ ୨୦୦୦ରନ ପୂରଣ କରିଛନ୍ତି। ୱାର୍ଣ୍ଣର ୯୫ଟି ମ୍ୟାଚରୁ ୪୦୧୪ରନ ଶିଖର ଧୱାନ ୨୭୬୮ରନ ଓ କେନ୍ ୱିଲିୟମସନ ୨୧୦୧ରନ କରିଛନ୍ତି। ଶିଖର ଧୱାନଙ୍କ ପରେ ଅଭିଷେକ ଦ୍ୱିତୀୟ ଭାରତୀୟ ବ୍ୟାଟ୍‌ସମ୍ୟାନ ଭାବେ ହାଇଦରାବାଦ୍ ପାଇଁ ୨୦୦୦ରନ କରିଛନ୍ତି।

# ୧୦୦ରେ ଅଲ୍ ଆଉଟ ପରେ ବୋଲରଙ୍କୁ ଦୋଷଦେଲେ ଗିଲ୍



ଅହମ୍ମଦାବାଦ : ସୋମବାର ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍‌ସକୁ ୯୯ ରନ୍‌ରେ ପରାସ୍ତ କରିଥିଲା ମୁମ୍ବଇ ଇଣ୍ଡିଆନ୍‌ସ। ଗୁଜରାଟର ଏହା ସବୁଠାରୁ ବଡ଼ ବ୍ୟବଧାନରେ ପରାଜୟ। ୨୦୦ ରନ୍‌ର ପିଛାକରି ଗୁଜରାଟ ୧୦୦ ରନ୍ ?ରେ ଅଲ୍‌ଆଉଟ ହେବା ପରେ ପରାଜୟ ପାଇଁ ବ୍ୟାଟର ନୁହନ୍ତି; ବୋଲରଙ୍କୁ ଦୋଷ ଦେଇଛନ୍ତି ଗୁଜରାଟ ଅଧିନାୟକ ଶୁଭମନ ଗିଲ୍। ତାଙ୍କ ଭାଷାରେ, ପ୍ରକୃତରେ ଆମ ବୋଲର ମଧ୍ୟଭାଗ୍ୟରେ ବହୁତ ରନ୍ ଦେଇଥିଲେ। ସେହି ପିଚ୍‌ରେ ୧୬୦-୧୭୦ ରନ୍‌ର ପିଛାକରିବା ସମ୍ଭବ ହୋଇଥାଆନ୍ତା। ମୁମ୍ବାଇ ୪୪ ରନ୍‌ରେ ୩ଟି ୱିକେଟ୍ ହରାଇବା ପରେ ଆମ ବୋଲର ଖରାପ ବୋଲିଂ କରିବାରୁ ପ୍ରତିପକ୍ଷ ଦଳ ୧୯୯ ରନ୍ କରିପାରିଲା। ତଥାପି ଏହି ମ୍ୟାଚ୍‌ରୁ ଆମେ ବହୁତ କିଛି ଶିଖିପାରିଲୁ। ଆଗକୁ ଆମେ ଦୃଢ଼ତାର ସହ ପ୍ରତ୍ୟାବର୍ତ୍ତନ କରିବୁ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୧୯-୨୫ ଏପ୍ରିଲ୍ - ୨୦୨୬
ଟ୍ରମ୍ପଙ୍କ ଯୁଦ୍ଧ ବିରତି !




**ଜାତୀୟ:** ରାଘବ ଚଢ଼ା ଗଢ଼ିବେ ଜେନ-ଜି ପାର୍ଟି ?
**ଅନ୍ତର୍ଜାତୀୟ:** ୪୦ ଦିନର ଭୟଙ୍କର ଯୁଦ୍ଧ
**ବିଶେଷ ପ୍ରସଙ୍ଗ:** କ୍ଷତାକ୍ତ ପରିବେଶ
**କ୍ଷୁଦ୍ରଗଳ୍ପ :** ଦୋଷ କାହାର
**ନାରୀ :** ମାଆ ହେବା ପୂର୍ବରୁ ପୂର୍ବ ପ୍ରସ୍ତୁତ
**ଚଳଚ୍ଚିତ୍ର :** ୮ ବର୍ଷ ସାନ ଯୁବକଙ୍କ ସହ ଖୁସିରେ ଅଛନ୍ତି ତନାଜ
**ଖେଳ:** ବିଶିଷ୍ଟ ପାରା ଆର୍ଚେରୀ କୋଚ୍ କୁଳଦୀପ କୁମାର ବେଦୱାନ
**ମୀନାବଜାର :** ଜେଜେମାଙ୍କ ପଣା, ଚର୍ଚ୍ଚାରେ: ବିଶ୍ୱର ସବୁଠୁ ଦାମୀ ହ୍ୟାଣ୍ଡ୍ ବ୍ୟାଗ୍, ବିଜ୍ଞାନ: ଅନ୍ଧାରରେ ମଶା ଆମକୁ ଖୋଜି ପାଇଥାଏ କେମିତି ?, ପର୍ଯ୍ୟଟନ: ଅଷ୍ଟମୁଡ଼ି ହ୍ରଦ, ବାସ୍ତୁ: କଦଳୀ ଗଛ ଲଗାଇବାର ବାସ୍ତୁ ନିୟମ, ଆଞ୍ଚଳିକ: ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ଅପହଞ୍ଚ ଆମ୍ବୁଲାନ୍ସ ସେବା, ଧର୍ମ: ମନ୍ଦିର ପରିକ୍ରମା କାହିଁକି କରାଯାଏ ?, କବିତା: ଜୀବନଟା କୁହୁଡ଼ିର ପଥ ଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ଅଛି।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସି.ଏମ୍ କପ୍ ୨୦୨୬ ଉଦ୍‌ଯାପନୀ ଉତ୍ସବ



ବ୍ରହ୍ମପୁର, (ପିପିଏସ୍) : ଚଳିତ ମାସ ୧୦ ତାରିଖ ଠାରୁ ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିଅମ୍ ଠାରେ ଆରମ୍ଭ ହୋଇଥିଲା ସି.ଏମ୍ କପ ୨୦୨୬ ଦ୍ୱିତୀୟ ସଂସ୍କରଣ। ଏହି ଟୁର୍ନାମେଣ୍ଟ ରେ ଫୁଟବଲ ସମେତ ଖୋ-ଖୋ, କବାଡି, ଏବଂ ଭଲିବଲ ଖେଳ ଆୟୋଜିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ର ବିଭିନ୍ନ ଶିକ୍ଷା ଅନୁଷ୍ଠାନ, କ୍ଲବ ଯୋଗଦେଇଥିଲେ। ଆଜି ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବାଡି ବାଳକ ବର୍ଗ ରେ ବିଜୟୀ ହାସଲ କରିଥିଲେ ଛତ୍ରପୁର ଓ ଧରାକୋଟ ଦଳ ଉପ- ବିଜେତା ହୋଇଛନ୍ତି, ବାଳିକା ବର୍ଗ ରେ ପୁରଷୋତ୍ତମପୁର ଦଳ ବିଜୟ ହୋଇଥିବା ବେଳେ ଉପ ବିଜେତା ସାମନ୍ତିଆପାଲି ବାଳିକା ଦଳ ହୋଇଛନ୍ତି। ଖୋ-ଖୋ ଖେଳ ବାଳକ ବର୍ଗ ରେ ହିଞ୍ଜିଳିକାଟୁ ଦଳ ବିଜୟ ହୋଇଛନ୍ତି ଓ ସାନଖେମୁଣ୍ଡି ବାଳକ ଦଳ ଉପ ବିଜେତା ହୋଇଛନ୍ତି ଏବଂ ବାଳିକା ବର୍ଗ ରେ ଗ୍ରାମ ବିକାଶ ସ୍କୁଲ ଦଳ ବିଜୟୀ ହୋଇଛନ୍ତି ଓ ଟିକିଟି ଦଳ ଉପ ବିଜେତା ହୋଇଛନ୍ତି। ଭଲିବଲ ବାଳକ ବର୍ଗ ରେ ଅନଙ୍ଗପୁର ଦଳ ବିଜୟୀ ହୋଇଥିବା ବେଳେ ଓ. ଏ. ଭି. ସିଦ୍ଧେଶ୍ୱର ଉପ ବିଜେତା ହୋଇଛନ୍ତି ଏବଂ ବାଳିକା ବର୍ଗ ରେ ଗ୍ରାମ ବିକାଶ କଙ୍କିଆ ବିଜେତା ଓ କୁକୁଡାଖଣ୍ଡି ଦଳ ଉପ ବିଜେତା ହୋଇଛନ୍ତି।

ଫୁଟବଲ ବାଳିକା ଦଳ ମଧ୍ୟରେ ସେଣ୍ଟ ଜାଭିୟର୍ ହାଇସ୍କୁଲ ଶ୍ରେଷ୍ଠ ଶୃଙ୍ଖଳିତ ଦଳଭାବେ ପୁରସ୍କୃତ ହୋଇଛନ୍ତି। ଫୁଟବଲରେ ଫାଇନାଲ ମ୍ୟାଚ ଡ଼ି.ପି.ଏସ୍ ସ୍କୁଲ ବାଳକ ବର୍ଗ ଓ ବାରର୍କ ଗୋଲଡ଼ ଏଫ. ସି ମଧ୍ୟରେ ଖେଳା ଯାଇଥିଲା। । ବାରର୍କ ଗୋଲଡ଼ ଏଫ. ସି ୬-୦ ଗୋଲରେ ଟୁର୍ନାମେଣ୍ଟ ବିଜୟୀ ହାସଲ କରିଥିବା ବେଳେ ଡ଼ି.ପି.ଏସ୍ ସ୍କୁଲ ଉପ -ବିଜେତା ହୋଇଥିଲେ। ଏହି ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ସାନମାନିତା ଅତିଥି ଭାବେ ଯୋଗ ଦେଇଥିଲେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସେଣ୍ଟ ଜାଭିୟର୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଫେସର କାହ୍ନୁ ଚରଣ ପଣ୍ଡା ଏବଂ ଏଥି ସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ, ସୀତାରାମ ବ୍ରେତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ମ୍ୟାଚକୁ ପରିଚାଳନା କରିଥିଲେ ରେଫ୍ରି ବିଚିତ୍ର ଜେନା ଓ ସହଯୋଗୀ ୱାଇ. ପୂର୍ଣ୍ଣଚନ୍ଦ୍ର ରାଓ, ପି. ରମେଶ, ଭିନସେଣ୍ଟ ଦାସ ଏବଂ ମ୍ୟାଚ କମିସନର ସୁଜିତ କୁମାର ପାତ୍ର ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓଙ୍କ ଦ୍ୱାରା ପ୍ରକାଶିତ।

# ଆକାଂକ୍ଷାଙ୍କୁ ୫ ୱିକେଟ୍, ପ୍ରଜ୍ଞା, ସାଇକୃପାଙ୍କ ଅର୍ଦ୍ଧଶତକ



ଭୁବନେଶ୍ୱର, (ପିପିଏସ) : ଚଳିତ ଅନ୍ତଃଜିଲ୍ଲାମହିଳା ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ମଙ୍ଗଳବାର ଆକାଂକ୍ଷା ମଙ୍ଗରାଜଙ୍କ ୫/୧୨ ବୋଲିଂ ସଫଳତା ଏବଂ ପ୍ରଜ୍ଞାପି ମହାନ୍ତିଙ୍କ ୬୬ ରନ୍ ବଳରେ ଭୁବନେଶ୍ୱର ୮୯ ରନ୍‌ରେ ସୁବର୍ଣ୍ଣପୁରକୁ ପରାସ୍ତ କରିଛି। ଭୁବନେଶ୍ୱର ୧୪୩/୩ କରିଥିଲା ବେଳେ ସୁବର୍ଣ୍ଣପୁର ୧୯.୩ ଓଭରରେ ୫୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଜ୍ଞାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ସାଇକୃପା (୭୮)ଙ୍କ ଅର୍ଦ୍ଧଶତକ ବଳରେ ଖୋର୍ଦ୍ଧା ୮୭ ରନ୍‌ରେ ପାରାଦୀପକୁ ହରାଇଛି। ଖୋର୍ଦ୍ଧା ୧୫୫/୬ କରିଥିଲା ବେଳେ ୬୮/୫ କରିବାକୁ ସକ୍ଷମ ହୋଇଥିଲା। ସାଇକୃପା ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ବାଲେଶ୍ୱର ୬୩ ରନ୍‌ରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ବାଲେଶ୍ୱର ୧୧୬ ରନ୍ କରିଥିଲା ବେଳେ କେନ୍ଦ୍ରପଡ଼ା ୫୩/୫ରେ ଅଟକି ଯାଇଥିଲା। କେନ୍ଦ୍ରାପଡ଼ାର ଅଙ୍କିତା ଗିରି (୨/୨) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଯାଜପୁର ୭ ୱିକେଟ୍‌ରେ ପୁରୀକୁ ମାତ୍ ଦେଇଛି। ପୁରୀ ୯୨/୬ କରିଥିଲା ବେଳେ ଯାଜପୁର ୧୨.୧ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଯାଜପୁରର ଅଲିପ୍ସା ବିଶ୍ୱାଳ (୨/୧୧, ୩୬* ରନ୍)ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ଝାରସୁଗୁଡ଼ା ୭୧ ରନ୍‌ରେ ବୌଦ୍ଧକୁ ପରାସ୍ତ କରିଛି। ଝାରସୁଗୁଡ଼ା ୬ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା। ଜବାବରେ ବୌଦ୍ଧ ୭୬/୯ କରିବାକୁ ସକ୍ଷମ ହୋଇଥିଲା। ଝାରସୁଗୁଡ଼ାର ପୂଜା ଯାଦବ (୨୩ ରନ୍, ୨/୧୩) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସମ୍ବଲପୁର ୧୦ ରନ୍‌ରେ ଢେଙ୍କାନାଳକୁ ମାତ୍ ଦେଇଛି। ସମ୍ବଲପୁର ୧୧୧/୫ କରିଥିଲା ବେଳେ ୧୦୧/୧୦ରେ ଅଟକି ଯାଇଥିଲା। ସମ୍ବଲପୁରର ବର୍ଷା ସିଂହ (୪/୨୩) ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583